

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 MAY 2021

Vol.No. 32 ■ No. 115 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ମମତା

## କ୍ଷମତାକୁ ଫେରୁ ଫେରୁ ଆକ୍ସନ ମୋଡରେ ମମତା ବାନାର୍ଜୀ : ପଶ୍ଚିମବଙ୍ଗରେ ଡିଜିପି-ଏଡିଜିଙ୍କ ବଦଳି, ଲାଗୁ ହେଲା କଡା କଟକଣା



ପଶ୍ଚିମବଙ୍ଗ,୦୫/୦୫ : ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ମମତା । ରାଜଭବନରେ ଶପଥଗ୍ରହଣ ସହ ପଶ୍ଚିମବଙ୍ଗରେ ଲଗାତାର ତୃତୀୟ ଥର ପାଇଁ କ୍ଷମତା ସିଂହାସନରେ ବସିଛନ୍ତି ଦିଦି । ରାଜଭବନର ଟାଉନ ହଲରେ ରାଜ୍ୟପାଳ ଜଗଦୀପ ଧନଖଡ ମମତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଆଉ ଏହାସହ ପୁଣିଥରେ ବଙ୍ଗରେ ସରକାର ଗଢିଛି ଟିଏମସି । କରୋନାକୁ ଦୃଷ୍ଟିରେ ରଖି ଅଳ୍ପ କିଛି ଲୋକଙ୍କୁ ଶପଥଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି । ଶପଥ ସମାରୋହରେ ସାମିଲ ହେବେ ଟିଏମସି ରଣନୀତିକାର ପ୍ରଶାନ୍ତ କିଶୋର ଓ ଟିଏମସି ନେତା ତଥା ପୁତୁରା ଅଭିଷେକ ବାନାର୍ଜୀ । ସେହିପରି କ୍ରିକେଟର ସୌରଭ ଗାଙ୍ଗୁଲି, ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ, ବାମ ମୋର୍ଚ୍ଚାର ବିମାନ ବୋଷ, ରାଜ୍ୟ ବିଜେପି ସଭାପତି ଦିଲ୍ଲୀପ ଘୋଷଙ୍କୁ ଶପଥ ପାଠ ଉତ୍ସବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଛି । ଯେତେ କମ ସଂଖ୍ୟକ ଅତିଥିଙ୍କୁ ନେଇ ଶପଥ ଗ୍ରହଣ ଉତ୍ସବ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି । ଚଳିତ ବିଧାନସଭା ନିର୍ବାଚନରେ ୨୯୨ରୁ ୨୧୩ ଆସନ ଅକ୍ତିଆର କରିବା ସହ ପୁଣିଥରେ କ୍ଷମତାକୁ ଫେରିଛି ଟିଏମସି । ଫଳାଫଳ ଆସିବା ପୂର୍ବରୁ ବିଜେପି ଓ ଟିଏମସି ମଧ୍ୟରେ କଡା ମୁକାବିଲା ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହାକୁ ଭୁଲ ପ୍ରମାଣିତ କରିଛନ୍ତି ମମତା । ଏପରିକି ବିଭିନ୍ନ ଗଣମାଧ୍ୟମ ଦେଖାଇଥିବା ଏଗଜିଟ୍ ପୋଲର ସଂଖ୍ୟା ଠାରୁ ଢେର ଅଧିକ ଆସନ ହାତେଇଛି ମମତାଙ୍କ ଦଳ । ଏହାସହ ବଙ୍ଗରେ କାମ କରିନାହିଁ ମୋଦି ମ୍ୟାଜିକ୍ । ମମତାଙ୍କ ଲୋକପ୍ରିୟତା ଆଗରେ ଫେଲ ମାରିଛି ଶାହାଙ୍କ ଷ୍ଟ୍ରାଟେଜି । ତୃଣମୂଳ କଂଗ୍ରେସ ୨୦୧୬ ତୁଳନାରେ ୨୦୨୧ରେ ଭଲ ପ୍ରଦର୍ଶନ କରି ମ୍ୟାଜିକ ନମ୍ବର ଠାରୁ ଅଧିକ ଆସନ ଅକ୍ତିଆର କରିଛି । ▶▶ପୃଷ୍ଠା ୭

# ଦେଶରେ ଚିହ୍ନଟ ହେଲା କରୋନାର ନୂଆ ଷ୍ଟ୍ରେନ

- ■ ଆନ୍ଧ୍ରରେ ଦେଖାଦେଇଥିବା ଏହି ଷ୍ଟ୍ରେନ ୧୫ ଗୁଣା ଅଧିକ ସଂକ୍ରାମକ
- ■ ଦ୍ରୁତ ସଂକ୍ରମଣ ଭୟରେ ସିଲ୍ ହେଲା ଆନ୍ଧ୍ରକୁ ଲାଗିଥିବା ଓଡିଶାର ସୀମା



ଭୁବନେଶ୍ୱର,୦୫/୦୫(ନି.ପ୍ର): ଦେଶରେ କରୋନାର ନୂଆ ଷ୍ଟ୍ରେନ ଠାବ ହୋଇଛି । ଏହି ନୂଆ ଭାରିଆଣ୍ଟର ନାଁ ଏନ-ଫୋର-ଫୋର-ଜିରୋ କେ ଦିଆଯାଇଛି । ଆନ୍ଧ୍ରରେ ଚିହ୍ନଟ ହୋଇଥିବା କରୋନାର ଏହି ନୂଆ ରୁପ ଅଧିକ ସଂକ୍ରାମକ ଓ ହାନିକାରକ ବୋଲି ଦାବି କରିଛନ୍ତି ବୈଜ୍ଞାନିକ । ଆନ୍ଧ୍ରରେ ଠାବ ଏହି ଭୂତାଣୁ ୧୫ଗୁଣା ଅଧିକ ସଂକ୍ରାମକ ବୋଲି ଜଣାପଡିଛି । ଆନ୍ଧ୍ରରେ ମାରାତ୍ମକ ଭୂତାଣୁ ଠାବ ହେବା ପରେ ସଜାଗ ହୋଇଛନ୍ତି ରାଜ୍ୟ ସରକାର । ଆନ୍ଧ୍ରକୁ ଲାଗି ରହିଥିବା ଓଡିଶା ସୀମାକୁ ସିଲ କରାଯାଇଛି । ଏଥିସହ ଦ୍ରୁତ ସଂକ୍ରମଣ ବଢୁଥିବାବେଳେ ତେଲେଙ୍ଗାନା ଓ ଆନ୍ଧ୍ରରୁ ଆସିଲେ ସଙ୍ଗରୋଧକୁ ବାଧ୍ୟତାମୂଳକ କରାଯାଇଛି । ୪୮ ଘଂଟାର ଆରଟିପିସିଆର ରିପୋର୍ଟ ନେଗେଟିଭ ୭ଦିନିଆ ଘରୋଇ ସଙ୍ଗରୋଧରେ ରହିବେ । ଟିକା ନେଇନଥିଲେ, ଟେଷ୍ଟ ରିପୋର୍ଟ ନଥିଲେ ଓ ପଜିଟିଭ ଥିଲେ ୧୪ ଦିନିଆ ସଙ୍ଗରୋଧକୁ ବାଧ୍ୟତାମୂଳକ କରାଯାଇଛି । ଏଥିପାଇଁ ସୀମାନ୍ତର ୬ ଜିଲ୍ଲାର ଜିଲ୍ଲାପାଳଙ୍କୁ ଯାଞ୍ଚ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେପଟେ, ଦେଶରେ କେବେ ଆସିବ କରୋନା ଦ୍ୱିତୀୟ ଲହରର ଶୀର୍ଷ । କରୋନା ଏକପ୍ରକାର ତାଣ୍ଡବ ରଚିଥିବା ବେଳେ ସମସ୍ତଙ୍କ ମନରେ ଏପରି କିଛି ପ୍ରଶ୍ନ । କେବେ ସରିବ ଏହି ଦ୍ୱିତୀୟ ଲହର, କେବେ କମିବ ସଂକ୍ରମଣ ?

# ୨୪ ଘଂଟାରେ ଦେଶରେ ୩.୮୨ ଲକ୍ଷରୁ ଅଧିକ ନୂଆ ମାମଲା, ୩୭୮୦ ରୋଗୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୦୫/୦୫(ନି.ପ୍ର): ଦେଶରେ ଗତ ୨୪ ଘଂଟାରେ କରୋନାରେ ୩ ଲକ୍ଷ ୮୨ ହଜାର ୩୧୫ ନୂଆ ମାମଲା ସାମନାକୁ ଆସିଛି । ଏହି ବେମାରୀରେ ୩ ହଜାର ୭୮୦ ଲୋକଙ୍କ ମୃତ୍ୟୁ ହୋଇଛି । ୩ ଲକ୍ଷ ୩୮ ହଜାର ୪୩୯ ରୋଗୀ ସୁସ୍ଥ ହୋଇଛନ୍ତି । ବୁଧବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟଙ୍କ ତଥ୍ୟ ମୁତାବକ ଦେଶରେ ଏବେ ସୁଦ୍ଧା କରୋନାରେ ମୋଟ ୨ କୋଟି ୬ ଲକ୍ଷ ୬୫ ହଜାର ୧୪୮ ମାମଲା ସାମନାକୁ ଆସିଛି । ଏହି ବେମାରେ ଏବେ ସୁଦ୍ଧା ୨ ଲକ୍ଷ ୨୬ ହଜାର ୧୮୮ ଲୋକଙ୍କର ମୃତ୍ୟୁ ଘଟିଛି । ଆକ୍ଟିବ ରୋଗୀଙ୍କ ସଂଖ୍ୟା ୩୪,୮୭,୨୨୯ । ଖବର ଅନୁଯାୟୀ କରୋନାରୁ ଏବେ ସୁଦ୍ଧା ୧,୬୯,୫୧,୭୩୧ ରୋଗୀ ସୁସ୍ଥ ହୋଇଛନ୍ତି । ରିକଭରି ରେଟରେ କିଛିଟା ସୁଧାର – ବଢୁଥିବା କରୋନା ମାମଲା ସହିତ ପୁନରୁଦ୍ଧାର ହାର ହ୍ରାସ ପାଇବାରେ ଲାଗିଛି । ବିଗତ ଅନେକ ଦିନ ଧରି ଦେଶରେ ପୁନରୁଦ୍ଧାର ହାର କ୍ରମାଗତ ଭାବେ ହ୍ରାସ ଘଟିଥିଲା । ୨୪ ଘଂଟା ମଧ୍ୟରେ ଦେଶରେ ପୁନରୁଦ୍ଧାର ହାର ୮୨.୦୩ ପ୍ରତିଶତକୁ ଖସି ଆସିଛି । ୨୪ ଘଂଟାରେ ୧୫ ଲକ୍ଷରୁ ଅଧିକ ଟେଷ୍ଟ – ଆଇସିଏମଆର ତଥ୍ୟ ଅନୁଯାୟୀ ଗତ ୨୪ ଘଂଟାରେ ୧୫ ଲକ୍ଷରୁ ଅଧିକ ଟେଷ୍ଟ କରାଯାଇଛି । ୪ ମଇ ସୁଦ୍ଧା ୧୫ ଲକ୍ଷ ୪୧ ହଜାର ୨୯୯ ଟେଷ୍ଟ କରାଯାଇଛି । ଦେଶରେ ଏବେ ସୁଦ୍ଧା ମୋଟ ୨୯ କୋଟି ୪୮ ଲକ୍ଷ ୫୨ ହଜାର ୭୮ ଜଣଙ୍କୁ ପରୀକ୍ଷା କରାଯାଇଛି ।

# ମହାମାରୀ ନେଲା ଆଉ ଜଣେ ସାମ୍ବାଦିକଙ୍କ ଜୀବନ : ୩୪ ବର୍ଷ ବୟସରେ ଆଖି ବୁଜିଲେ ସୁମିତ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ରାଜ୍ୟରେ ପୁଣି ଜଣେ ସାମ୍ବାଦିକଙ୍କ ଜୀବନ ନେଲା ମହାମାରୀ କରୋନା । କୋରାପୁଟ ଜିଲ୍ଲା ଜୟପୁରର ସୁମିତ ଅନକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି । ୩୪ ବର୍ଷ ବୟସ୍କ ସୁମିତ ଓଙ୍କାଙ୍କ ମୃତ୍ୟୁ ଖବର ପରେ ଜୟପୁରରେ ଶୋକର ଛାୟା ଖେଳିଯାଇଛି । ସୁମିତ ଦୈନିକ ଖବରକାଗଜ ପାୟୋନିଅରର ବିଶାଖାପାଟଣା ପ୍ରତିନିଧି ଭାବେ କାମ କରୁଥିଲେ । ପୂର୍ବରୁ ଇଂରାଜୀ ଖବର କାଗଜ ଡେକାନ କ୍ରୋନୋକିଲରେ କ୍ରାଇମ ରିପୋର୍ଟର ଭାବେ କରିଥିଲେ ସୁମିତ ଓଙ୍କା । ଏପ୍ରିଲ ୨୨ରେ ତାଙ୍କର କରୋନା ପିଜିଟିଭ ଆସିଥିଲା । ସେ କୋଭିଡ କେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ୨୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥିତ ଭିମସ୍ ନାମକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ହୋଇଯାଇଛି ।

## କରୋନା ବିରୋଧୀ ଲଢେଇକୁ ସହାୟତା ଯୋଗାଇଲା ରିଜର୍ଭବ୍ୟାଙ୍କ

# ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଦେଲା ୫୦ ହଜାର କୋଟି ଟଙ୍କା



ଭୁବନେଶ୍ୱର,୦୫/୦୫(ନି.ପ୍ର): ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହରି ଜାରି ରହିଥିବା ବେଳେ ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏକ ପ୍ରେସ କନଫରେନ୍ସ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି କି କରୋନାର ଦ୍ୱିତୀୟ ଲହର ଦେଶର ଅର୍ଥନୀତି ଉପରେ ଖୁବ୍ ପ୍ରଭାବ ପକାଇଛି । କରୋନାର ଦ୍ୱିତୀୟ ଲହରରୁ ଦେଶକୁ ରକ୍ଷା କରିବାକୁ କିଛି ବଡ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି । ଅନ୍ୟପଟେ ଦେଶରେ କରୋନା ସଂକ୍ରମିତଙ୍କୁ ଚିକିତ୍ସା କରିବାକୁ ରିଜର୍ଭବ୍ୟାଙ୍କ ପକ୍ଷରୁ ୫୦ ହଜାର କୋଟି ଟଙ୍କା ଦେଇଛି । ଏହି ଟଙ୍କାକୁ ବ୍ୟାଙ୍କ ମାଧ୍ୟମରେ ଭ୍ୟାକ୍ସିନ ପ୍ରସ୍ତୁତ, ଭ୍ୟାକ୍ସିନ ଯୋଗାଣକାରୀ ମାନଙ୍କୁ ସହଜରେ ଋଣ ପ୍ରଦାନ କରାଯିବ । ଏହାର ଲାଭ ହସ୍ପିଟାଲ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ମିଳିବ । ଏହାସହ ଛୋଟ ଛୋଟ ବ୍ୟବସାୟୀ ମାନଙ୍କ ପାଇଁ ବି କିଛି ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ । ସେ କହିଛନ୍ତି କି ପ୍ରାଥମିକତା ଦିଆଯାଉଥିବା ସେକ୍ଟରଗୁଡିକୁ ତୁରନ୍ତ ଲୋନ ଓ ଇନସେଂଟିଭ୍ ପ୍ରଦାନ କରାଯିବ । ଏହାସହ ପ୍ରତି ବ୍ୟାଙ୍କମାନେ 'କୋଭିଡ୍ ବ୍ୟାଙ୍କ ଲୋନ' ନାମରେ ଏକ ଯୋଜନା ପ୍ରସ୍ତୁତ କରିବେ । ଏହାସହ ଗଭର୍ଣ୍ଣର କହିଛନ୍ତି କି ବର୍ତ୍ତମାନ ପରିସ୍ଥିତିରେ କେୱାଇସି ନିୟମରେ କିଛି ପରିବର୍ତ୍ତନ କରାଯିବ । ଭିଡିଓ ମାଧ୍ୟମରେ କେୱାଇସିକୁ ମଞ୍ଜୁରି ପ୍ରଦାନ କରାଯିବ ଓ ରାଜ୍ୟମାନଙ୍କୁ ଓଭର ଡ୍ରାଫ୍ଟ ସୁବିଧା ଦିଆଯିବ । କହିରଖୁ କି ଦେଶରେ କରୋନାର ପ୍ରଭାବ ଥମିବାର ନାଁ ନେଉନି । ଦୈନିକ ସଂକ୍ରମଣ ୩.୫ ଲକ୍ଷ ଉପରେ ରହୁଛି । ଗତ ୨୪ ଘଂଟାରେ ଦେଶରେ କରୋନା ସଂକ୍ରମଣରେ ୩୪୦୦ ରୁ ଅଧିକ ଲୋକଙ୍କ ଜୀବନ ଯାଇଛି ।

# ଏସଟିଏଫ୍ ପଞ୍ଝାରେ ୨ ବନ୍ଧୁକ ସ୍ମଗଲର୍



ଭୁବନେଶ୍ୱର,୦୫/୦୫ (ନି.ପ୍ର): ୨ ଜଣ ଆନ୍ତଃ ରାଜ୍ୟ ବନ୍ଧୁକ ସ୍ମଗଲରଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ ଏସ୍‌ଟିଏଫ୍ । ଭଦ୍ରକ ସହର ଉପକଣ୍ଠ ରାଣୀତାଲ ପାଖରେ ବନ୍ଧୁକ ବିକ୍ରି ପାଇଁ ଡିଲ୍ କରୁଥିବାବେଳେ ଏହି ୨ ଜଣଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ସେମାନଙ୍କ ନିକଟରୁ ୫ଟି ୭ ଏମଏମ ପିସ୍ତଲ , ୭ଟି ମାଗାଜିନ ଓ ୭ଟି ଜୀବନ୍ତ ଗୁଳି ଜବତ ହୋଇଛି। ଗିରଫ ଦୁଇ ଜଣକ ମଧ୍ୟରୁ ଜଣେ ବିହାରର ମୁଙ୍ଗେର ଜିଲ୍ଲାର ରବୀନ୍ଦ୍ର ପ୍ରସାଦ ଏବଂ ଅନ୍ୟ ଜଣକ ହେଲେ ବାଲେଶ୍ୱର ଶ୍ରୀକୃଷ୍ଣପୁର ଅଂଚଳର ବିଶ୍ୱନାଥ ବିଶୋଇ। ଏମାନେ ବିହାର ଆଦି ଅଂଚଳରୁ ବନ୍ଧୁକ ଆଣି ଅପରାଧୀ ମାନଙ୍କୁ ଦେଉଥିଲେ। ଦୁହିଁଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ବର୍ଷକ ମଧ୍ୟରେ ହୋଇଥିବା ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ୨୭ଟି ବନ୍ଧୁକ ଓ ୬୧ଟି ଗୁଳି ଜବତ କରିଛି ଏସ୍‌ଟିଏଫ୍।

# ଗୋଟିଏ ଦିନରେ ୯୮୮୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୫/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୮୮୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୮୯୬୪୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୧୦୨୨୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୭୨୫୭ ରହିଛି। ଆଜି ଚିହ୍ନଟ ହୋଇଥିବା ୯୮୮୯ ଜଣଙ୍କ ମଧ୍ୟରୁ ୫୬୧୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୨୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୩୩୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୧ଜଣ, ବରଗଡ଼ରୁ ୪୮୩ ଜଣ, ଭଦ୍ରକରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ▶▶ପୃଷ୍ଠା ୭

# ଆଗାମୀ ୨୪ ଘଣ୍ଟାରେ ୧୦ରୁ ଅଧିକ ଜିଲ୍ଲାରେ କାଳବୈଶାଖୀ ସହ ବଜ୍ରପାତ ସମ୍ଭାବନା



ଭୁବନେଶ୍ୱର,୦୫/୦୫(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ସମ୍ଭାବନା ରହିଛି। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ଉକ୍ତ ଜିଲ୍ଲାଗୁଡ଼ିକୁ ସତର୍କ କରାଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, କଳାହାଣ୍ଡି,ବୌଦ୍ଧ ଓ ରାୟଗଡ଼ା ରହିଛି। ଏହି ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ସମୟରେ ୩୦ରୁ ୪୦କିମି ବେଗରେ ପବନ ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାଦେଇଛି। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲ୍ଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୦ ତାରିଖ ଯାଏଁ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି।

# ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ୍ କଲେ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ

## କହିଲେ କୋଭିଡ ମୁକାବିଲା ଭାର ଗଡ଼କରୀଙ୍କୁ ଦିଆଯାଉ



ନୂଆଦିଲ୍ଲୀ,୦୫/୦୫: କୋଭିଡ୍-୧୯ ମୁକାବିଲା ଭାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଉପରେ ନ୍ୟସ୍ତ କରାଯାଉ ବୋଲି ଆଜି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସୁବ୍ରମଣ୍ୟମ ସ୍ୱାମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଟୁଇଟ୍ କରି ସେ ସତର୍କ କରାଇ ଦେଇଛନ୍ତି ଯେ, କୋଭିଡ୍-୧୯ର ତୃତୀୟ ପ୍ରବାହ ପିଲାଙ୍କୁ ଅଧିକ ଆକ୍ରାନ୍ତ କରିପାରେ। ତେଣୁ, ସରକାରଙ୍କୁ ଅନୁରୋଧ 'ଏହି ଯୁଦ୍ଧ ପରିଚାଳନା ଭାର ଗଡ଼କରୀଙ୍କୁ ଦିଆଯାଉ। ଟୁଇଟରେ ସେ ଲେଖିଛନ୍ତି, ଇସ୍ଲାମୟ ଆକ୍ରମଣକାରୀ ଏବଂ ବ୍ରିଟିସ୍ ସାମ୍ରାଜ୍ୟବାଦରୁ ତିଷ୍ଠିବା ପରି ଭାରତ କରୋନାଭାଇରସ୍ ମହାମାରୀ ଠାରୁ ମଧ ତିଷ୍ଠି ରହିବ। କଠୋର ସତର୍କତା ଅବଲମ୍ବନ ନ କଲେ ପିଲାଙ୍କୁ ଆକ୍ରାନ୍ତ କଲା ଭଳି ଆମେ ଆଉ ଏକ ପ୍ରବାହର ସମ୍ମୁଖୀନ ହୋଇ ପାରନ୍ତି। ତେଣୁ, ମୋଦୀ ଏହି ଯୁଦ୍ଧ ପରିଚାଳନା ଭାର ଗଡ଼କରୀଙ୍କୁ ଦେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉପରେ ଭରସା କରିବା ବୃଥା। ସ୍ୱାମୀ କହିଛନ୍ତି ଯେ, ତାଙ୍କର ସମାଲୋଚନା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରତି। ତାହା ଗୋଟିଏ ବିଭାଗ ମାତ୍ର, ସ୍ୱୟଂ ପ୍ରଧାନମନ୍ତ୍ରୀ ନୁହନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷ ବର୍ଦ୍ଧନଙ୍କୁ ହଟାଇ ଦେବାକୁ ପରାମର୍ଶ ଦେଇଥିବା ବିଷୟକୁ ଅନ୍ୟ ଏକ ଟୁଇଟରେ ସ୍ପଷ୍ଟ କରି ସ୍ୱାମୀ ଲେଖିଛନ୍ତି, ନା, ନା। ହର୍ଷ ବର୍ଦ୍ଧନଙ୍କୁ ଆବାଧ ସ୍ୱାଧୀନତା ଦେବା କଥା ନୁହେଁ। ସେ ଅତ୍ୟନ୍ତ ଭଦ୍ର ହୋଇଥିବାରୁ କର୍ତ୍ତୃତ୍ୱ ଜାହିର କରିପାରୁ ନାହାନ୍ତି। ଗଡ଼କରିଙ୍କୁ ସାମିଲ କରାଗଲେ ହର୍ଷ ଆହୁରି ସୁନାମ କରିବେ। ସୂଚନାଯୋଗ୍ୟ, କେତେଗୁଡ଼ିଏ ରାଜ୍ୟର ସହରମାନଙ୍କରେ ଅକ୍ସିଜେନ୍ ଅଭାବ ହେବା ଓ ଅକ୍ସିଜେନ୍ ସିଲିଣ୍ଡର୍ ଯୋଗାଡ଼ କରିବା ଲାଗି ରୋଗୀମାନଙ୍କ ଆତ୍ମୀୟମାନଙ୍କୁ ପଠାଇବା ଘଟଣାରେ ବ୍ୟଥିତ ହୋଇ ସେ ଏଭଳି ଟୁଇଟ୍ କରିଛନ୍ତି।

# ପୋଲିସ ପଞ୍ଝାରେ କଟୁରୀ ଗ୍ୟାଙ୍ଗ

ଭୁବନେଶ୍ୱର,୦୫/୦୫(ନି.ପ୍ର): ରାଜଧାନୀର ବିଭିନ୍ନ ସ୍ଥାନରେ ଲୁଟପାଟ କରୁଥିବା କଟୁରୀ ଗ୍ୟାଙ୍ଗକୁ ଧରିଛି କମିସନରେଟ ପୁଲିସ । ଦୀର୍ଘ ଦିନ ଧରି ପଲସର ବାଇକରେ ଆସି କଟୁରୀ ଦେଖାଇ ଲୋକଙ୍କୁ ଭୟଭୀତ କରି ଲୁଟ୍ ଓ ଛିନତାଇ କରୁଥିଲେ ଏହି ଗ୍ୟାଙ୍ଗ୍ । ସେହି କଟୁରୀ ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ଆଜି ଗିରଫ କରିଛି କମିସନରେଟ ପୁଲିସର ସ୍ପେଶାଲ ସ୍କ୍ୱାର୍ଡ । ସହିଦନଗର ଥାନା ଓ ଖଣ୍ଡଗିରି ଥାନାର ସ୍ପେଶାଲ ଟିମ ମିଳିତ ଭାବେ କଟୁରୀ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରିଛନ୍ତି । ସେମାନଙ୍କ ପାଖରୁ ୧୯ଟି ସୁନା ଚେନ, ୬କୋଲି ୨ଶହ ଗ୍ରାମ ଓଜନର ରୁପା ଅଳଙ୍କାର ଓ ୧୩ ହଜାର ୬ଶହ ନଗଦ ଟଙ୍କା ଜବତ କରାଯାଇଛି । ମହାମାରୀ ପାଇଁ ଏବେ ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ରହୁଛି । ତେଣୁ ଏହାକୁ ସୁଯୋଗ ବୋଲି ଧରି ନେଇଛନ୍ତି କିଛି ଗ୍ୟାଙ୍ଗ୍ । ରାସ୍ତା ମଝିରେ ଲୋକଙ୍କ ଗାଡି ଅଟକାଇ କେତେବେଳେ ଲୁଟ୍ କରାଯାଉଛି ତ ପୁଣି କେତେବେଳେ ମର୍ଣ୍ଣିଂ ୱାର୍କ ବେଳେ ସୁନା ଚେନ୍ ଛିଣ୍ଡାଇ ନେଇ ଯାଉଥିବା ଭଳି ଘଟଣା ସାମ୍ନାକୁ ଆସୁଛି ।

# ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ କର୍ମଚାରୀମାନଙ୍କୁ କୋଭିଡ଼ ଯୋଦ୍ଧା ଘୋଷଣା ଦାବି ମୃତ୍ୟୁକାଳୀନ ପୁନଃଥଇଥାନ ଓ ପୁନର୍ବାସ ଯୋଜନା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ବାରିପଦା, ୫/୫ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ କର୍ମଚାରୀମାନଙ୍କୁ କୋଭିଡ଼ ଯୁଦ୍ଧା ଘୋଷଣା ପାଇଁ ଦାବୀ ହୋଇଛି । ଏଥି ସହିତ ମୃତ୍ୟୁକାଳୀନ ପୁନଃଥଇଥାନ ଓ ପୁନର୍ବାସ ଯୋଜନା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର କାର୍ଯ୍ୟକାରୀ ସଭାପତି ଜଗଦ୍ଦିଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତାରେ ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଅଧିନରେ ୫ଟି ଜିଲାର ନେତୃତ୍ୱଙ୍କୁ ନେଇ ଏକ ଜରୁରୀ କାଳୀନ ଭର୍ଚୁଆଲ ବୈଠକରେ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟତଃ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉତମ ସେବା ପ୍ରଦାନ କ୍ଷେତ୍ରରେ ପ୍ରତିଦିନ ନିଜ ଜୀବନକୁ ବାଜି ଲଗେଇ କାର୍ଯ୍ୟ କରୁଥିବା ବିଦ୍ୟୁତ୍ ବିଭାଗର କର୍ମଚାରୀମାନଙ୍କ ବିଷୟରେ ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ସମ୍ବଳିତ ଏକ ଦାବୀପତ୍ର ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି। ବର୍ତ୍ତମାନ କରୋନା ମହାମାରୀ ବିରୁଦ୍ଧରେ ସାରା ଦେଶ ସଂଗ୍ରାମ କରୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗେଇ ଗ୍ରାହକମାନଙ୍କୁ ଉତମ ସେବା ଯୋଗାଇ ଆସୁଛନ୍ତି । କର୍ମଚାରୀମାନେ ଖରା, ବର୍ଷା, ଶୀତ ଓ କାକରରେ ଦିବାରାତ୍ର ନିଜର କର୍ତବ୍ୟ ସମ୍ପାଦନ କରି ବିଦ୍ୟୁତ୍ ସେବା ଯୋଗାଇବା ଏବଂ ମରାମତି ପାଇଁ ବାରମ୍ବାର ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, କୋଭିଡ କେନ୍ଦ୍ର ଏବଂ ପ୍ରତ୍ୟେକ ଘରକୁ ଘର ଯିବାକୁ ପଡ଼ିଥାଏ। କର୍ମଚାରୀମାନେ ଲକଡାଉନ୍ ଓ ସଟଡାଉନ ସମୟରେ ଓଡ଼ିଶାବାସୀ କିପରି ନିଜ ଘରେ ଭଲରେ ଓ ସୁସ୍ଥରେ ରହିବେ ସେ ବିଷୟକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତ୍ୟେକ କୋଣ ଓ ଅନୁକୋଣକୁ ସ୍ଥିର ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ବହନ କରୁଛନ୍ତି। ଅଳ୍ପସଂଖ୍ୟକ କର୍ମଚାରୀରେ ଗ୍ରାହକମାନଙ୍କୁ ସେବା ଯୋଗାଇବା ଏବଂ ରାଜସ୍ୱ ସଂଗ୍ରହ କରୁଥିବା ସମୟରେ ସେମାନେ ନିୟମିତ ଭାବରେ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି ଏବଂ ପ୍ରତିକ୍ଷଣ କରୋନା ମହାମାରୀ ରୂପୀ ରାକ୍ଷସୀର ସମ୍ମୁଖୀନ ମଧ ହେଉଛନ୍ତି। ଗତ କିଛିଦିନ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଂଚଳରେ କେତେକ ଶ୍ରମିକ/କର୍ମଚାରୀମାନେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇ ସାରିଲେଣି ଏବଂ ଶତାଧିକ ଶ୍ରମିକ ଆକ୍ରାନ୍ତ ହୋଇଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଲୋକ ପ୍ରାଣ ହରାଉଥିବା ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ସର୍ତାବଳୀ ପୁନର୍ବାସ ଯୋଜନା ଥିବା ବେଳେ ବିଦ୍ୟୁତ୍ ବିଭାଗ ଏଥିରୁ ବାଦ୍ ପଡ଼ିଛି। ପ୍ରତିବର୍ଷ ବିଦ୍ୟୁତ୍ ବିଭାଗର କିଛି ଶ୍ରମିକ ବିଦ୍ୟୁତ୍ ଜନିତ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସଂଘ ତରଫରୁ ଆମ ବିଦ୍ୟୁତ୍ ଶ୍ରମିକ/କର୍ମଚାରୀ ମାନଙ୍କୁ "କୋଭିଡ ଯୋଦ୍ଧା" ଭାବେ ଘୋଷଣା କରିବା ସହିତ ଅନୁକମ୍ପା ରାଶି ୫୦ ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଓ ଅନୁକମ୍ପା ମୂଳକ ଚାକିରୀ ସର୍ତାବଳୀ ପୁନର୍ବାସ ଯୋଜନା କାର୍ଯ୍ୟକାରୀ କରାଯିବା ନିମନ୍ତେ ଆମର ପ୍ରିୟ ତଥା ମହାନ ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ । ଏହି ବୈଠକରେ ଡେପୁଟି ଜେନେରାଲ ସେକ୍ରେଟେରୀ ଜ୍ୟୋତିକୃଷ୍ଣ ବେହେରା, ଉପସଭାପତି ଆର୍ତବନ୍ଧୁ ବିଶ୍ୱାଳ, ସହସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ଅଗସ୍ତି, ଡିଭିଜନ ସମ୍ପାଦକ ରୂପେ ଚନ୍ଦନ କୁମାର ମହାନ୍ତି, ସତ୍ୟନାରାୟଣ ବେହେରା, ସପନ କୁମାର ଦାସ, ଦିପ୍ତିକାନ୍ତ ଭୂୟାଁ, ଘନଶ୍ୟାମ ରାଉତ୍, ଭ୍ରମରବର ପରିଡ଼ା, ତ୍ରିଲୋଚନ ମହାରଣା, ସଂଜୟ କୁମାର ବାରିକ, ଅଞ୍ଜନ କୁମାର ମହାପାତ୍ର, ନିଗମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବୀପତ୍ର ପ୍ରଦାନ କରିଥିଲେ ।

# କୋଭିଡ଼୍ ଗାଇଡ଼୍ ଲାଇନ ଉଲ୍ଲଙ୍ଘନ ଅଭିଯୋଗରେ ମଦ ବାର୍ ସିଲ୍

ମାଲକାନଗିରି, ୫/୫ (ନି.ପ୍ର): କରୋନା କଟକଣା ଉପରେ ରୋକ୍ ଲଗାଇବା ପାଇଁ ଆସନ୍ତା କାଲି ଅର୍ଥାତ୍ ୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଲକ୍ ଡାଉନ୍ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏନେଇ ପ୍ରକ୍ରିୟା ଆଜି ସଂନ୍ଧ୍ୟା ୬ଟା ଠାରୁ ଆରମ୍ଭ ହୋଇଯାଇଛି । ଏହି ଲକ୍ ଡାଉନ୍ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦୋକାନ ସକାଳ ୬ଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ । ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ । କେବଳ ଔଷଧ ଦୋକାନ ୨୪ ଘଂଟା ଖୋଲା ରହିପାରିବ । ଲକ୍ ଡାଉନକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାର ବିଭିନ୍ନ ବଜାର ହାଟରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଲକ୍ ଡାଉନ୍ ରେ ମଦ ଦୋକାନ ବନ୍ଦ ରହିବାକୁ ଘୋଷଣା ହୋଇଥିବାରୁ ଆଜି ମଦ ଦୋକାନ ସାମ୍ନାରେ ଗ୍ରାହକଙ୍କ ନାହିଁନଥିବା ଭିଡ଼ ଦେଖିବାକୁ ମିଳିଥିଲା । ଅଧିକାଂଶ ଗ୍ରାହକଙ୍କ ମୁହଁରେ ମାସ୍କ ନଥିଲା, ସେମାନେ ସାମାଜିକ ଦୂରତା କଟକଣାକୁ ନମାନି ପେଟି ପେଟି ମଦ ବୋହିନେଉଥିବାର ଦେଖିବାକୁ ମିଳିଥିଲା । କୋଭିଡ଼୍ ଗାଇଡ୍ ଲାଇନ୍ ଉଲ୍ଲଙ୍ଘନ ସମ୍ପର୍କରେ ଅଭିଯୋଗ ହେବା ପରେ ମାଲକାନଗିରି ଥାନା ଅଧିକାରୀ ରାମପ୍ରସାଦ ନାଗ ମାଲକାନଗିରି- ଜୟପୁର ରାସ୍ତାର ଦିପ୍ତୀ କନଭେଂଟ ନିକଟରେ ଥିବା ମଦ ବାର୍ କୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରିଛନ୍ତି ।

# ଲକ ଡାଉନର ଫାଇଦା ନେବା ଆରମ୍ଭ କଲେ ବେପାରୀ: ପ୍ରଶାସନିକ ବାବୁ ଏସି ରୁମରେ

ରାଉରକେଲା, ୫/୫ (ନି.ପ୍ର): ଲକଡାଉନ ହେବ,କାଳେ ଅଉ ରାସନ ମିଳିବନି, ଦରଦାମ ବଢିଜିବ ଏହିଭଳି ଅନେକ କଥାର ଆଶଙ୍କା କରି ଦୁଇ ଦିନ ଧରି ରାଉରକେଲା ବଜାର ରେ ଖଚା ଖଚ ଭିଡ, ସାମାଜିକ ଦୁରତା ନାହିଁ, କଳା ବଜାରୀ ମଧ ଅନେକ ରାସନ ସାମଗ୍ରୀ ଗୁଡିକୁ ଅଧିକ ମୁଲ୍ୟରେ ବିକିବା ସହ କୁତ୍ରିମ ଅଭାବ ଆରମ୍ଭ କରିଛନ୍ତି । ଜିଲ୍ଲା ପ୍ରଶାସନ ଏସବୁକୁ ରୋକିବାରେ ବିଫଳ ହୋଇ ଏସି ରୁମ ରୁ ଥାଇ କହୁଛି ସ୍କାର୍ଡ ଗଠନ ହୋଇଛି । ସରକାର ଦୁଇଦିନ ପୁର୍ବରୁ ଲକଡାଉନ ଘୋଷଣା କରିବା ସହ କେଉଁ ସବୁ ସୁବିଧା ଏହି ସମୟରେ ମିଳିବ ସେ ନେଇ ବାରମ୍ବାର ଘୋଷଣାକଲେ,ହାତ ଯୋଡି ଲୋକଙ୍କୁ ଅନୁରୋଧକଲେ ମାସ୍କ ପିନ୍ଧନ୍ତୁ ହାତ ଧୁଅନ୍ତୁ ଓ ସାମଜିକ ଦୁରତା ରଖନ୍ତୁ । ହେଲେ ସବୁ ଓଲଟା ହୋଇଗଲା ରାଉରକେଲାରେ । ଦୁଇ ଦିନ ଧରି ସକାଳ ୪ଟାରୁ ରାସନ ତାଲିକା ଧରି ଲୋକେ ରାସନ ଦୋକାନ ଆଗରେ ଧାଡି ଦେଇଥିବା ବେଳେ ପରିବା ଓ ବଜାରରେ ନାହିଁ ନଥିବା ଭିଡ କରିଥିବା ଦେଖାଯାଇଛି । ବଡ କଥା ହେଲା ରାସନ ସାମଗ୍ରୀ ଗୁଡିକ ଯଥା ଚାଉଳ ,ଡାଲି ଓ ତେଲ ଭଳି ସାମଗ୍ରୀରେ ଚଢା ମୁଲ୍ୟ ହୋଇଥିବା ବେଳେ ଅନେକ ସାମଗ୍ରୀ ଆଉ ବଜାରରେ ନମିଳିବା ଅଭିଯୋଗ ହୋଇଛି ।ପରିବା ବଜାରରେ ନିଆଁ ଲାଗିଛି,ପିଆଜ,ଆଳୁ ଆଦି ଆଉ ମିଳୁନଥିବା ଅଭିଯୋଗ ହୋଇଛି । ପରିବା ବଜାରରେ ମନ ଇଛା ରେଟ ମଧ ଦେଖା ଯାଇଛି । ତେବେ ଏସବୁକୁ ରାଉରକେଲା ପ୍ରଶାସନ ରୋକିବାରେ ବିଫଳ ହୋଇଛି । ଆରଏମସି କମିଶନର ତାଙ୍କ ରୁମରୁ ଥାଇ କହୁଛନ୍ତି ସବୁ ନିୟନ୍ତ୍ରଣ ଲାଗି ସ୍କାର୍ଡ ଗଠନ କରାଯାଇଛି । କରୋନା ଭୟରେ ସ୍କାର୍ଡ ବାବୁ ମାନେ ଅଫିସରଙ୍କ ଭଳି ତାଙ୍କ ଯାଗାରେ, କିନ୍ତୁ ବେପାରୀ ତାଙ୍କ ରାସ୍ତାରେ ଲୋକଙ୍କୁ ଲୁଟିବା ଆଜିଠାରୁ ଆରମ୍ଭ କରିସାରିଛନ୍ତି । ଏଭଳି ସଚେତନତା ନେଇ କୌଣସି ପ୍ରଚାର ପ୍ରସାର କରାଯାଉନଥିବା ବେଳେ ଏନେଇ କୌଣସି ସୁଚନା ମଧ ଲୋକଙ୍କୁ ଜଣା ଯାଉନାହିଁ ।ଟିଭି ଖବର କାଗଜରେ ଲୋକେ କମ ରହୁଥିବା ବେଳେ କଣ ପ୍ରଚାର ହେଲା କିଏ କଣ କହିଲା ତାକୁ ଲୋକେ ଅଧିକ ଶୁଣୁଥିବା ଦେଖା ଯାଉଛି ।ସେପଟେ ମାସ୍କ ପିନ୍ଧା କେବଳ ନାକ ତଳେ ରହିଥିବା ବେଳେ ପୁଲିସ ଏନେଇ ବେଶ ଭଲ କାମ କରିବା ସହ ବହୁଳ ପରିମାଣରେ ଫାଇନ ଆଦାୟ କରିପାରିଛି । କିନ୍ତୁ ସାଧାରଣ ପ୍ରଶାସନ ଏନେଇ ପୁରା ବିଫଳ ହୋଇଛି । ଅନେକ ଟୋଲ ଫ୍ରି ନମ୍ବର ରଖା ଯାଇଛି କିନ୍ତୁ ସେଗୁଡିକ କେବଳ ନାମକୁ ମାତ୍ର ବୋଲି ଅଭିଯୋଗ ହେଉଛି । ରାଉରକେଲାରେ ଯଦି ପ୍ରଶାନର ଏହି ଭଳି ନିୟନ୍ତ୍ରଣ ରୁହେ ତେବେ ଲକଡାଉନ ସମୟ କିଭଳି ଚାଲିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

# ମହଙ୍ଗା ପଡିଲା ଦୁର୍ନୀତି ବିରୋଧୀ ଆନ୍ଦୋଳନ : ଧାରଣାକାରୀଙ୍କ ବିରୋଧରେ ଚାଲିବ ଅପରାଧୀକ ମାମଲା

କେନ୍ଦ୍ରାପଡ଼ା, ୫/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ଗ୍ରାମ ପଂଚାୟତ ବାରୋ ଗ୍ରାମର ବସନ୍ତ ନାୟକ, ଭାଗିରଥୀ ଜେନା, ହେମନ୍ତ କୁମାର ପରିଡା, ଅଚ୍ୟୁତାନନ୍ଦ ପରିଡା, ରମେଶ ପରିଡା ପ୍ରମୁଖ ଏହି ୫ଜଣ ବ୍ୟକ୍ତିଙ୍କ ନାମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରାଧୀକ ମାମଲା ଦାଏର କରାଯାଇ ଥିବା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ଏହି ମାମଲା ସଂପର୍କରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ସଂପୃକ୍ତ ପକ୍ଷ ମାନଙ୍କୁ ଚଳିତ ମାସ ୧୦ ତାରିଖରେ ଉପ ଜିଲ୍ଲାପାଳଙ୍କ କୋର୍ଟରେ ହାଜର ହୋଇ କାରଣ ଦର୍ଶାଇବା ସହ କାହିଁକି ଜଣପିଛା ୫୦ ହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡ କରାନଯିବ ସେ ସଂପର୍କରେ ସ୍ପଷ୍ଟୀକରଣ ଦେବାକୁ ନୋଟିସ୍ ଜାରି କରିଛନ୍ତି । ବାରୋ ଗ୍ରାମ ପଂଚାୟତରେ ସରକାରଙ୍କ ପକ୍ଷରୁ କରାଯାଉ ଥିବା ବିଭିନ୍ନ ଉନ୍ନୟନ ମୂଳକ ଓ ଜନ କଲ୍ୟାଣ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି କେନ୍ଦ୍ରାପଡା ବିଡିଓଙ୍କ ଲିଖିତ ଅଭିଯୋଗ କ୍ରମେ ୧୦୭ ଧାରା ଅନୁଯାୟୀ ଏହି ବ୍ୟକ୍ତି ମାନଙ୍କ ଉପରେ ନୋଟିସ ଜାରି କରାଯାଇଛି । ଅରେପକ୍ଷରେ ବାରୋ ପଂଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନିତି କରାଯାଇ ଥିବା ଅଭିଯୋଗ କରି ଏହି ବ୍ୟକ୍ତିମାନେ ଦୀର୍ଘଦିନ ଧରି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଦିନରାତି ଧାରଣା ଦେଇ ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଥିଲେ । ଫଳରେ ବାରୋ ପଂଚାୟତର ସରପଂଚଙ୍କ ଠାରୁ କ୍ଷମତା ପ୍ରତ୍ୟାହର କରାଯିବା ସହ ଭିଏଲଡବ୍ଲୁଙ୍କୁ ନିଲମ୍ବନ କରାଯାଇଛି । ତେବେ ଏହା ପ୍ରଶାସନିକ ଆକ୍ରୋଶ ଜନିତ ମାମଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

# କଣ୍ଟାକ୍ଟ ଟ୍ରେସିଂ ଓ ସାନିଟାଇଜ କରିବାକୁ ଦାବି

ଭୁବନ, ୫/୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ କରୋନାର ପ୍ରାଦୁର୍ଭାବ ସେତେଟା ନଥିଲା । ଗତ ସପ୍ତାହରେ ସଂକ୍ରମିତଙ୍କ ସଂଖ୍ୟା ହାରାହାରି ୫୦ ଭିତରେ ସିମୀତ ରହୁଥିଲା ବେଳେ ଗତକାଲି ଗୋଟିଏ ଦିନରେ ଆଶ୍ଚର୍ଯ୍ୟଜନକ ଭାବେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪୯ ରେ ପହଁଚିବା ପରେ ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲା । ପର୍ଯ୍ୟାପ୍ତ ଟେଷ୍ଟିଂ ହେଉନଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉନଥିଲା ଏବେ ଟେଷ୍ଟିଂ ହେବାପରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀ ମହଲ ଚର୍ଚ୍ଚା କରୁଛନ୍ତି । ତେବେ ପୂର୍ବରୁ ଯେଉଁଭଳି ଭାବେ ଯେଉଁ ୱାର୍ଡ କି ଅଂଚଳରେ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେଉଥିଲେ ସେହି ବ୍ୟକ୍ତିଙ୍କୁ ତୁରନ୍ତ ସରକାରୀ ଗାଡି ଯୋଗେ କୋଭିଡ ହସପିଟାଲ ନିଆଯାଉଥିଲା, ସଂପୃକ୍ତ ବ୍ୟକ୍ତି କୁଆଡେ ଯାଇଥିଲେ,କାହା ସହିତ ମିଶିଥିଲେ, ସେମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ପରବର୍ତି ସମୟରେ ତାଙ୍କର ମଧ ଟେଷ୍ଟିଂ କରାଯାଉଥିଲା ଏବଂ ସଂପୃକ୍ତ ବ୍ୟକ୍ତି ମାନଙ୍କୁ କ୍ୱାରେଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଉଥିଲା ଏବେ ସେଭଳି ଆଉ କରାଯାଉନାହିଁ କି ଓ ସଂପୃକ୍ତ ୱାର୍ଡ କି ଅଂଚଳକୁ ସାନିଟାଇଜ ମଧ କରାଯାଉନାହିଁ । ଫଳରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଗୋଷ୍ଠୀ ସଂକ୍ରମଣ ହେବାର ଆଶଙ୍କା ଉପୁଜିଛି । ତେଣୁ ପୂର୍ବଭଳି କଣ୍ଟାକ୍ଟ ଟ୍ରେସିଂ ଓ ସାନିଟାଇଜ ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲ ଦାବି କରୁଛନ୍ତି ।

# ଷଠଗାଁ ପୋଖରୀ ଖୋଳା ବେଳେ ମିଳିଲା ଅନନ୍ତଶୟନ ପ୍ରାଚୀନ ବିଷ୍ଣୁମୂର୍ତ୍ତି

ଭଦ୍ରକ, ୫/୫ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର କୋରିଗାଁ ପଂଚାୟତ ଅନ୍ତର୍ଗତ ଷଠଗାଁ ଗ୍ରାମରୁ ମିଳିଛି ପ୍ରାଚୀନ ଅନନ୍ତଶୟନ ବିଷ୍ଣୁ ମୂର୍ତି। ଗ୍ରାମର ରମେଶ ପରିଡାଙ୍କ ନିଜସ୍ୱ ଜମିରେ ପୋଖରୀ ଖୋଳା ସମୟରେ ଏହି ମୂର୍ତିକୁ ଉଦ୍ଧାର କରାଯାଇଛି। ମାଟିତଳେ ପୋତିହୋଇ ପଡିଥିବା ଏହି ମୂର୍ତିର ଉଚ୍ଚତା ଦୁଇଫୁଟ। ସପ୍ତଫେଣୀ ଅନନ୍ତ ଶେଷ ନାଗ ଉପରେ ବିଷ୍ଣୁ ଶୟନ କରିଥିବା ବେଳେ ପାଦ ନିକଟରେ ମା' ମହାଲକ୍ଷ୍ମୀ ପ୍ରଭୁଙ୍କ ପଦପ୍ରେକ୍ଷାଳନ କରୁଥିବା ଦୃଶ୍ୟ ମୂର୍ତିରେ ଉପସ୍ଥାପନ କରାଯାଇଛି। ପ୍ରଭୁଙ୍କ ନାଭିରୁ ପଦ୍ମନାଡ ସହ ପଦ୍ମଫୁଲ ଖୋଦେଇ ହୋଇଛି। ବିଷ୍ଣୁଙ୍କ ଚାରି ହସ୍ତ ମଧରୁ ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ରହିଛି। ଗୋଟିଏ ହସ୍ତର ପାପୁଲି ମସ୍ତକକୁ ଧାରଣ କରିଥିବା ବେଳେ ଅନ୍ୟ ହସ୍ତଜାନୁ ଉପରେ ରହିଛି। ଅକ୍ଷୁର୍ଣ୍ଣ ବଉଳମାଳିଆ ପ୍ରସ୍ତରରେ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଏହି ଦୁର୍ଲଭ ମୂର୍ତି ଦଶମ ଶତାବ୍ଦୀର ବୋଲି ଗବେଷକ ଡଃ ଏକାଦଶୀ ପାଢୀ, ଐତିହାସିକ ଚିରଞ୍ଜନ ଦାସ ଓ ବିଶ୍ୱମ୍ଭର ରାଉତ ମତଦେଇଛନ୍ତି। ଗ୍ରାମବାସୀମାନେ ଏହି ମୂର୍ତିକୁ ଉଦ୍ଧାର କରି ଗ୍ରାମର ସୁବର୍ଣ୍ଣମୁଖି ମନ୍ଦିରରେ ରଖି ପୂଜାର୍ଚ୍ଚନା କରୁଛନ୍ତି। ଆଖପାଖ ଅଂଚଳର ବହୁ ଉତ୍ସୁକ ବ୍ୟକ୍ତି ମୂର୍ତିକୁ ଦର୍ଶନ କରିବାକୁ ଅସୁଥିବା ଜଣାଯାଇଛି। ସଂପୃକ୍ତ ପୋଖରୀରୁ ବହୁ ଛୋଟବଡ ପ୍ରସ୍ତର ଉଦ୍ଧାର କରାଯାଉଥିବାରୁ ପ୍ରତ୍ନତାତ୍ୱିକ ବିଭାଗ ପକ୍ଷରୁ ଅଧିକ ଖନନ ଓ ରକ୍ଷଣାବେକ୍ଷଣ କରାଯିବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି।

# ମୟୂରଭଞ୍ଜ: ଜିଲ୍ଲା କୋଭିଡ କଂଟ୍ରୋଲରୁମ (ନିୟନ୍ତ୍ରଣକକ୍ଷ) ହେଲ୍‌ପ ଲାଇନ କାର୍ଯ୍ୟକ୍ଷମ

ବାରିପଦା, ୫/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଢ ୭ ଘଣ୍ଟିଆ ଜିଲ୍ଲା କୋଭିଡ କଂଟ୍ରୋଲ ରୁମ (ନିୟନ୍ତ୍ରଣ କକ୍ଷ) କାର୍ଯ୍ୟକ୍ଷମ କରାଯାଇଛି । ସମ୍ପ୍ରତି ଜିଲ୍ଲାରେ କୋରନା ଦ୍ୱିତୀୟ ଲହର ସଂକ୍ରମଣ ମୁକାବିଲା ନିମନ୍ତେ ଜରୁରୀକାଳିନ ଯୋଗାଯୋଗ ପାଇଁ ଜିଲ୍ଲା କୋଭିଡ ନିୟନ୍ତ୍ରଣ କକ୍ଷ(କଂଟ୍ରୋଲରୁମ) ହେଲ୍‌ପ ଲାଇନ ନମ୍ବର ୦୬୭୯୨-୨୫୫୦୮୦ କାର୍ଯ୍ୟକ୍ଷମ କରାଯାଇଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତଦାରଖରେ ପରିଚାଳିତ କଣ୍ଟ୍ରୋଲରୁମ (ନିୟନ୍ତ୍ରଣ କକ୍ଷ)କୁ କୋଭିଡ ସଂପର୍କିତ ଯେକୌଣସି ସମସ୍ୟା, ଆପତି ଅଭିଯୋଗ, ଜରୁରୀ ସୂଚନା ଉକ୍ତ ହେଲ୍‌ପ ଲାଇନ ନମ୍ବରରେ ଜନସାଧାରଣ ଜଣାଇପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ମାସକ ପରେ ଆସିବ ବର୍ଷା ଋତୁ : ଅଦ୍ୟାବଧି ବନ୍ଧ ମରାମତି ହେଲାନି, ପୁଣି ବନ୍ୟା ଆସିଲେ ମନେପଡିବ

କୋରେଇ, ୫/୫ (ନି.ପ୍ର): ବନ୍ୟା ବେଳେ ନେତାଠୁ ପ୍ରଶାସକ ସମସ୍ତେ ତତ୍ପରତା ଦେଖାନ୍ତି। ବନ୍ୟାଂଚଳରେ ଦଳୀୟ କର୍ମୀଙ୍କୁ ନେଇ ନେତା ଓ ତଳିଆ କର୍ମଚାରୀଙ୍କ ସହ ପ୍ରଶାସକଙ୍କ ଭିଡ଼ ଜମେ, କିନ୍ତୁ ବନ୍ୟା ପରବର୍ତି ଅବସ୍ଥା ଯାହାକୁ ତାହା ହୋଇଥାଏ । ବନ୍ୟା ପରେ ନେତା ଠୁ ପ୍ରଶାସକ ସମସ୍ତେ ଭୁଲି ଯାଆନ୍ତି । କେବଳ ଲୋକ ମାନଙ୍କୁ ଭୁଆଁ ବୁଲାଇବାର ପ୍ରୟାସ ହୋଇଥାଏ । ପୁଣି ବନ୍ୟା ଆସିଲେ ଏହାର ପୁନରାବୃତି ଦେଖିବାକୁ ମିଳେ । ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ସରସଦା ନଦୀ ବନ୍ଧରେ ।

ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ବୈତରଣୀ ରୋଡ ଠାରୁ ଭାୟା ମୂଳାପାଳ ରୁଢିଆ ପର୍ଯ୍ୟନ୍ତ ନଦୀ ବନ୍ଧ ରହିଛି । ବନ୍ୟା ସମୟରେ ନଦୀର ଜଳ ପତନ ବୃଦ୍ଧି ପାଇଲେ ବନ୍ୟା ଜଳ ସିଧା ବନ୍ଧକୁ ଲାଗିଥାଏ । ଫଳରେ ବନ୍ଧକୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ରହିଥାନ୍ତି । ଏବଂ ଅନେକ ସମୟରେ ବନ୍ଧ ଭାଙ୍ଗିବାର ନଜିର ମଧ ରହିଛି । ପୂର୍ବରୁ ଏହି ବନ୍ଧର ସରସଦା ଓ ବଗିରିଆରେ ଘାଇ ମଧ ହୋଇଛି । ଫଳରେ ବହୁ ଧନଜୀବନ ନଷ୍ଟ ହେବାର ପ୍ରମାଣ ରହିଛି । କେଉଁଠି ଚାଷ ଜମି ପୋଖରୀ ପାଲଟିଛି ତ ପୁଣି କେଉଁଠି ବାଲି ଚରିଯାଇଛି । ଏମିତିକି ବନ୍ଧଭାଙ୍ଗି ସରସଦା ସ୍କୁଲଟି ସମ୍ପୂର୍ଣ୍ଣ ମାଟିରେ ମିଶିବା ଲୋକଙ୍କ ମନରୁ ଯାଇନି। ୨୦୨୦ ବନ୍ୟା ସମୟରେ ସରସଦା ଗ୍ରାମ ନିକଟରେ ବନ୍ଧ ଭାଙ୍ଗିବାର ସମ୍ଭାବନା ଦେଖାଦେଇଥିଲା । ଫଳରେ ମୂଳାପାଳ, ଅମୃତିଆ, କରଦା, ମାଳଆନନ୍ଦପୁର, ପାଣିକୋଇଲି, ପଥରପଦା ଆଦି ୬ଟି ପଂଚାୟତର ଅଧିବାସୀ ଆତଙ୍କିତ ହୋଇପଡିଥିଲେ। ଖବର ପାଇ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ବିଡିଓ ତହସିଲଦାର ଓ ପୁଲିସ ପ୍ରଶାସନର ଏସପିଙ୍କ ଠାରୁ ଆରମ୍ଭ କରି ଥାନାଧିକାରୀ ପର୍ଯ୍ୟନ୍ତ ଏବଂ ଜଳସେଚନ ବିଭାଗର ଅଧିକାରୀ ସେଠାରେ ପହଂଚିଥିଲେ। ଏମିତିକି ପାଣି କମିବା ପର୍ଯ୍ୟନ୍ତ ଯେମିତି କିଛି ଅଘଟଣ ନଘଟେ ପୁଲିସ ପ୍ରଶାସନ ନଦୀ ବନ୍ଧକୁ ଜଗି ରହିଥିଲା । ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, କୋରାଇ ବିଧାୟକ ଅଶୋକ କୁମାର ବଳ ସେଠାରେ ପହଂଚି ବିଭାଗୀୟ ଅଧିକାରୀଙ୍କ ସହ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ପୂର୍ବରୁ ଏହି ସ୍ଥାନର ମରାମତି ନହେବାରୁ ବନ୍ଧ ଅତଡା ଖାଇଥିଲା । ସଠିକ୍ ଭାବେ ବିଭାଗ ପକ୍ଷରୁ ଏହାର ମରାମମତି ନହେବାରୁ ବନ୍ଧ ଭାଙ୍ଗିବାର ସମ୍ଭାବନା ଦେଖାଦେଇଥିଲା । ସୌଭାଗବଶତଃ ବନ୍ୟା ଜଳ ହ୍ରାସ ପାଇବାରୁ ବନ୍ଧ ଭାଙ୍ଗିବାରୁ ରକ୍ଷା ପାଇଥିଲା । କିନ୍ତୁ, ବନ୍ୟା ଚାଲିଯାଇଛି । ହେଲେ ଅଦ୍ୟାବଧି ବନ୍ଧର ମରାମତି କରାଯାଉନାହିଁ । ଆଉ ମାସକ ପରେ ଆସିବ ବର୍ଷା ଋତୁ । ନେତା ଓ ପ୍ରଶାସକ ଦେଇଥିବା ପ୍ରତିଶୃତି କେବଳ ପ୍ରତିଶୃତିରେ ରହିଯାଇଛି । ବିକାଶ ପରେ ବିକାଶ ଚାଲିଛି । କିନ୍ତୁ, ଯାହା ଆବଶ୍ୟକ ତାହା କରାଯାଉ ନାହିଁ । ମେ ଜୁନ ମାସ ହେଲେ ବନ୍ଧ କାମ କରିବା ସମ୍ଭବ ନୁହେଁ। ତେଣୁ ପୁଣି ଏକ ବନ୍ୟାର ମୁକାବିଲା କରିବା ପୂର୍ବରୁ ଭଙ୍ଗା ଘାଇର ମରାମତି କରିବାର ଆବଶ୍ୟକତା ରହିଛି । ମାତ୍ର ବିଭାଗ ପାଲଟିଛି ନିଦାବିଷ୍ଟ । ଆଗାମୀ ବର୍ଷା ଋତୁ ବା ବନ୍ୟାକୁ ନେଇ ଏବେ ଠୁ ସାଧାରଣରେ ଆତଙ୍କ ଦେଖାଦେଲାଣି । ଯଦି ନଦୀବନ୍ଧର ମରାମତି କରାନଯାଏ ବାଲି ବସ୍ତା ଦ୍ୱାରା ଅଟକା ଯାଇଥିବା ଏହି ନଦୀ ବନ୍ଧ ଭାଙ୍ଗିବାର ଯଥେଷ୍ଟ ସମ୍ଭାବନା ରହିଛି । ଜନସାଧାରଣଙ୍କ ହିତ ତଥା ୬ଟି ପଂଚାୟତ ବାସୀଙ୍କ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ଅବିଳମ୍ବେ ନଦୀ ବନ୍ଧର ମରାମତିର ଆବଶ୍ୟକତା ରହିଛି । କେବଳ ପ୍ରତିଶୃତି ପାଳନ ନୁହେଁ, ବରଂ ଆବଶ୍ୟକତା ଦୃଷ୍ଟିରୁ ଅବଳମ୍ବେ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯିବା ଉଚିତ । ଏ ଦିଗରେ ଜନପ୍ରତିନିଧି ଓ ପ୍ରଶାସକ ମିଳିତ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ନଚେତ ପ୍ରତିଶୃତି କେବଳ ପ୍ରତାରଣାରେ ପରିଣତ ହେବା ସାର ହେବ ।

# ମଦ କାରବାରକୁ ବିରୋଧ କରିବାରୁ ହତ୍ୟା ଅଭିଯୋଗ

## ଢ଼େଲା ମାଡରେ ଗୁରୁତର ମହିଳାଙ୍କ ମୃତ୍ୟୁ

ଯାଜପୁର, ୫/୫ (ନି.ପ୍ର): ମଦ କାରବାରକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ଘଟିଛି ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବିରିପଟା ପଚାଂୟତର ବରେଇ ଗାଁରେ । ମୃତ ମହିଳାଙ୍କ ନାମ ଲକ୍ଷ୍ମୀ ଜେନା । ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ବିଜୟ ଜେନା ମଦ କାରବାର କରୁଥିଲେ । ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ ଲକ୍ଷ୍ମୀ । ଏହା ପରେ ପୋଲିସ ମଦ ବ୍ୟବସାୟୀ ବିଜୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଫଳରେ ତାଙ୍କ ମଦ କାରବାର ବନ୍ଦ ହୋଇଯାଇଥିଲା । ଏଥିରେ ସେ ଉତକ୍ଷିପ୍ତ ହୋଇ ଗତକାଲି ଲକ୍ଷ୍ମୀଙ୍କ ଉପରକୁ ଢ଼େଲା, ପଥର ମାଡ କରିଥିଲେ । ଫଳରେ ଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ଯାଜପୁର ମେଡିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ, ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତେଜନା ପ୍ରକାଶ ପାଇଥିଲା। ଲକ୍ଷ୍ମୀଙ୍କ ପରିବାର ଲୋକେ ଥାନାରେ ଏନେଇ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଛି । ତେବେ ମାମଲାରେ ଜଡ଼ିତ ଥିବା ବିଜୟର ସହଯୋଗୀ ମାନଙ୍କୁ ମଧ ପୋଲିସ ଗିରଫ କରୁ ବୋଲି ଦାବି କରିଛନ୍ତି ଗ୍ରାମବାସୀ ।

# ଶୃଙ୍ଖଳାର ସହ ଚାଲିଛି ଟିକାକରଣ

ଭୁବନ, ୫/୫ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଟୀକାକରଣ ଚାଲିଛି । ପୂର୍ବଭଳି ଆଉ ଗହଳି ହେଉନାହିଁ କି ଠେଲାପେଲା ମଧ ହେଉନାହିଁ । ଟୀକାକରଣର ଦିନକ ପୂର୍ବରୁ ଆଧାର କାର୍ଡ ସଂଗ୍ରହ କରି ନିଆଯାଉଥିବାରୁ ତହିଁ ପରଦିନ ଲୋକମାନେ ସୁବିଧାରେ ଟୀକା ଦେଉଛନ୍ତି । ୧୮ ବର୍ଷରୁ ୪୪ ବର୍ଷ ବ୍ୟକ୍ତିଙ୍କୁ ଏବେ ଟୀକା ଦିଆଯାଉନଥିବା ବେଳେ ୪୫ ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ଡୋଜ ଟୀକା ଦିଆଯାଉଛି । ପୂର୍ବରୁ ଦୈନିକ ୧୫୦ ଲୋକଙ୍କୁ ଟୀକା ଦିଆଯାଉଥିବା ବେଳେ ଏବେ ଦୈନିକ ଦୁଇଶହ ଲୋକଙ୍କୁ ଟୀକା ଦିଆଯାଉଛି । ଆଜିସୁଦ୍ଧା ଭୁବନ ସିଏଚସିରେ ୬୬୬୮ ଜଣ ଟୀକା ନେଇଥିବା ସଂପର୍କରେ ମେଡିକାଲ ଇନଚାର୍ଜ ଡା.ରମେଶ କୁମାର ସାହୁ ଜଣାଇଛନ୍ତି ।

# ନକଲି ମଦ ଫ୍ୟାକ୍ଟ୍ରି ଉପରେ ଚଢ଼ଉ

# ୧ ହଜାର ଲିଟର ସ୍ପିରିଟ୍ ସହ ୧୨୯ ଲିଟର ନକଲି ମଦ ଜବତ

ଗଞ୍ଜାମ, ୫/୫ (ନି.ପ୍ର): ବ୍ରହ୍ମପୁର ଅବକାରୀ ଡ଼େପୁଟି କମିଶନର ଶାନ୍ତନୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଫାଷ୍ଟ ଗେଟ୍ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟାଟା ଏସି ଗାଡ଼ି ଦୃତ ଗତିରେ ଆସୁଥିବା ଦେଖି ଅବକାରୀ ଟିମ୍ ଏହାକୁ ଅଟକାଇଥିଲା । ଯାଂଚ୍ ପରେ ଗାଡ଼ି ଡାଲାରୁ ୧୫ ପେଟି ବିଦେଶୀ ମଦ ଜବତ ହୋଇଥିଲା । ଅବକାରୀ କର୍ମଚାରୀ ମାନେ ଗାଡ଼ି ଯାଂଚ୍ କରିବା ସହ ଗାଡିରେ ଥିବା ଦୁଇ ଜଣଙ୍କୁ ଗିରଫ କରିଥିଲେ । ସେମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ କାଳୁ ପାତ୍ର ସାହିର ଶିବଶଙ୍କର ପଣ୍ଡା ଓ ଶ୍ରୀଧର ସାହୁ । ଅଧିକ ଜେରା ପରେ ଏହା ନକଲି ମଦ ବୋଲି ଅଭିଯୁକ୍ତ ଦ୍ୱୟ ସ୍ୱୀକାର କରିଥିଲେ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ମଦ ତିଆରି କରାଯାଉଥିବା ସେମାନେ ସୂଚନା ଦେଇଥିଲେ । ସୂଚନାକୁ ଭିତି କରି ଅବକାରୀ ଟିମ୍ ଶ୍ରୀକ୍ଷେତ୍ର ବିହାରସ୍ଥିତ ଭଡ଼ାଘରେ ଚାଲିଥିବା ନକଲି ମଦ ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରିଥିଲା । ଘର ଯାଂଚ୍ ପରେ ସେଠାରୁ ପ୍ରାୟ ୧ ହଜାର ଲିଟର ସ୍ପିରିଟ୍, ୧୨୯ ଲିଟର ନକଲି ମଦ, ୫୦୦୦ ଠିପି, ୫୦୦୦ ଲେବଲ୍, ୫୦୦୦ ଷ୍ଟିକର୍ ଓ ବିପୁଳ ପରିମାଣର ବୋତଲ ଜବତ ହୋଇଥିଲା । ସ୍ପିରିଟ୍ ସହ ପାଣି, ରଙ୍ଗ ଓ ଆସେନ୍ସ ବ୍ୟବହାର କରି ନକଲି ମଦ ପ୍ରସ୍ତୁତ ହେଉଥିଲା ବୋଲି ଅବକାରୀ ବିଭାଗ ଜାଣିବାକୁ ପାଇଥିଲା । ଏ ସମସ୍ତ ସାମଗ୍ରୀ କୋଲକାତାରୁ ଆସୁଥିଲା । ବ୍ରହ୍ମପୁରରେ ନକଲି ମଦ ପ୍ରସ୍ତୁତ କରି ତାହା ଫୁଲବାଣୀ, ରାୟଗଡ଼ା ଅଂଚଳର ବିଭିନ୍ନ ଇଲାକାକୁ ବସ୍ ଯୋଗେ ଚାଲାଣ କରାଯାଉଥିବା ଜଣାପଡିଛି । ଅଭିଯୁକ୍ତ ମାନେ ୧୮୦ ମିଲିଲିଟର ମଦ ବୋତଲ ପ୍ରସ୍ତୁତ କରିବା ପାଇଁ ମାତ୍ର ୩୦ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ୭୦ ଟଙ୍କା ଲାଭ ରଖି ପ୍ରାୟ ୧୦୦ ଟଙ୍କାରେ ବିକ୍ରୀ କରୁଥିବା ଜଣାପଡିଛି । ଜବତ ଗାଡ଼ି ଓ ସାମଗ୍ରୀର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ପୂର୍ବରୁ ମଧ ଅବକାରୀ ବିଭାଗ ଏପରି ଏକ ନକଲି ମଦ କାରବାର ଠାବ କରିଥିଲା । ଏହି ଚଢ଼ଉରେ ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକଟର ଉଦୟ ଚନ୍ଦ୍ର ସାମନ୍ତ, ଏସଆଇ ବିଶ୍ୱଜିତ ଦାଶ, ଏସଆଇ ସଞ୍ଜୟ କୁମାର କାଣ୍ଡି, ଏଏସଆଇ ବ୍ରଜବିହାରୀ ନାୟକ ପ୍ରମୁଖ ସାମିଲ୍ ଥିଲେ ।

# ହିମାଚଳ ପ୍ରଦେଶର ତୀର୍ଥନ୍ ଘାଟି



ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଭ୍ରମଣର କ୍ଳାନ୍ତି ଦୂରେଇବାରେ ଏହି ଘାଟି ନିଜ ଭିତରେ ଅନେକ କିଛି ସାଇତି ରଖିଛି ।

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଅନେକ ପର୍ଯ୍ୟଟନସ୍ଥଳିକୁ ନିଜ ଭିତରେ ସାଇତିରଖିଛି । ତୀର୍ଥନ୍ ଘାଟିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ହିମାଳୟ ନ୍ୟାସନାଲ ପାର୍କଠାରୁ ଘାଟିଟି ପ୍ରାୟ ୩କିମି ଦୂରରେ ଅବସ୍ଥିତ । ତୀର୍ଥନ୍ ଘାଟି ଆଡଭେଞ୍ଚର ପାଇଁ କୌଣସି ସ୍ୱର୍ଗଠୁ କମ ନୁହେଁ । ହିମାଳୟ ଶୃଙ୍ଖଳା ସମ୍ପୂର୍ଣ୍ଣ ବରଫରେ ଢ଼ାଙ୍କି ରହୁଥିବାବେଳେ ତୀର୍ଥନ୍ ଘାଟି ଟ୍ରାଉଟ ପାଇଁ ପ୍ରସିଦ୍ଧ । ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥାଏ ପଛକେ କମିବାର ନାଁ ନିଏନାହିଁ । ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ ।

ଘାଟିର ଆଖପାଖରେ ଖୁବ୍‌ତ ସୁନ୍ଦର ଗାଁମାନ ଗଢ଼ିଉଠିଛି । ଏଠାରେ ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ନିଆରା ପରିଚୟ ଅନୁଭବ କରିପାରିବେ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଏଠାକାର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କ ମନମୋହିନି, । ତୀର୍ଥନ୍ ଘାଟି ଆସିବାରେ ସଠିକ୍ ସମୟ ଖରାଦିନ ଏବଂ ଶୀତଦିନ ପ୍ରାରମ୍ଭ । ଏହି କ୍ଷେତ୍ରକୁ ଆସିବାକୁ ଏମିତିରେ କିନ୍ତୁ ତିନୋଟି ଋତୁ ବେଶ ମନଛୁଆଁ ରହିଥାଏ । ପ୍ରଥମତଃ ଏପ୍ରିଲରୁ ଜୁନ୍ । ଏ ସମୟରେ ତୀର୍ଥନ୍ ଘାଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ଥାଏ । ଖାରାରୁ ରକ୍ଷା ପାଇବାକୁ ଏହି ପରିବେଶ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ କୌଣସି ଅବହେଳା କରିନଥାଏ । ପୂରା କ୍ଷେତ୍ର ବୃକ୍ଷଲତାରେ ପରିପୂର୍ଣ୍ଣ ଥାଏ । ଏହାର ତାଜା ପବନ ଶରୀରକୁ ସ୍ପର୍ଶ କରି ଦେହମନରେ ଶିହରଣ ସୃଷ୍ଟିଦିଏ । ଏହାସହ ଘାଟିରେ ଥିବା ସୁଗନ୍ଧିତ ରଙ୍ଗୀନ ପୁଷ୍ପ ମନକୁ ରୋମାଞ୍ଚିତ କରିଦିଏ । ଦ୍ୱିତୀୟରେ ନଭେମ୍ବରରୁ ଫେବୃଆରୀ । ଏ ସମୟରେ ତୀର୍ଥନ୍ ଘାଟି ଚତୁଃପାର୍ଶ୍ୱ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ପସନ୍ଦ ଆସିଥାଏ । ସମସ୍ତ ବୃକ୍ଷଲତା ଉପରେ ବରଫ ଜମା ହୋଇଯାଇଥାଏ । ରାସ୍ତାରେ ଯିବାବେଳେ ଲାଗେ ସେତେଯେମିତି



କେହି ଜଣେ ବରଫ ଚାଦର ବିଛାଇ ଆପଣଙ୍କ ସ୍ୱାଗତ ପାଇଁ ଅପେକ୍ଷା କରିରହିଛି । ତୃତୀୟରେ ମାର୍ଚ୍ଚରୁ ଏପ୍ରିଲ । ଏସମୟରେ ଘାଟି ସବୁଠୁ ଅଧିକ ସୁନ୍ଦର ଲାଗେ । କାରଣ ଚାରିଆଡ଼େ ଥିବା ଖୋଲା ପଡ଼ିଆ ସବୁ ଘାସରେ ପରିପୂର୍ଣ୍ଣ ହୋଇଯାଇଥାଏ । ଫଳ ଫୁଲରେ ବଗିଚା ଭରିଯାଇଥାଏ । ଏ ଦୃଶ୍ୟ ମନକୁ ମନ୍ତ୍ରମୁଗ୍ଧ କରିଦିଏ । ଛୁଟି କାଟିବାକୁ ବୋଧହୁଏ ଏହାଠୁ ଭଲ ସ୍ଥାନ ଅନ୍ୟ କେଉଁଠି ପାଇବେ ନାହିଁ । ତୀର୍ଥନ୍ ଘାଟି ଆଖପାଖରେ ଖୁବ୍ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି । ପଶ୍ଚିମ ହିମାଳୟର ପାଇନ ଜଙ୍ଗଲ ନିକଟରେ ସୁନ୍ଦର ରିସୋର୍ଟ ଏବଂ ଟ୍ରିହାଉସ ରହିଛି । ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିନେବ । ଏହାଛଡ଼ା ପାଖରେ ଥିବା ଗାଁ ଗୁଡ଼ିକର ଭ୍ରମଣ କରି ପ୍ରାକୃତିକ ସୌନ୍ଦର୍ଯ୍ୟ, ଏଠାକାର ସଂସ୍କୃତି ଏବଂ ସେମାନଙ୍କ




ଜୀବନଶୈଳୀ ବିଷୟରେ ଜାଣିପାରିବେ । ଏହାଛଡ଼ା ବରଫ ଢ଼ଙ୍କା ପର୍ବତରେ କିଛି ସମୟ ବିତାଇ ପାରିବେ ଘନ ଜଙ୍ଗଲ ଏବଂ ଆଲପାଇନ ମଇଦାରେ ଆପଣ ରଙ୍ଗୀନ୍ ଏବଂ ବିଦେଶାଗତ ପକ୍ଷୀଙ୍କ ସମୟ ସମୟ ବିତାଇ ପାରିବେ । କ୍ଷେତ୍ରର ସବୁଠୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ ହେଉଛି ସେରୋଲ୍ସର ହ୍ରଦ । ଜାଲୋରୀଠାରୁ ପ୍ରାୟ ୫କିମି ଦୂରରେ ଏହା ଅବସ୍ଥିତ । ହ୍ରଦଟି ଖୁବ୍ ଛୋଟ କିନ୍ତୁ ଏଠାର ସୌନ୍ଦର୍ଯ୍ୟ ବେଶ୍ ମନୋଲୋଭା । ସ୍ଥାନଟି ବୁଢ଼ୀ ନାଗୁଣୀଙ୍କୁ ସମର୍ପିତ । କୁହାଯାଏ ବୁଢ଼ୀ ନାଗୁଣୀ ଏହି କ୍ଷେତ୍ରରେ ଘେରିରହିଛନ୍ତି । ତୀର୍ଥନ୍ ଘାଟି ନିକଟରେ ଥିବା ପରାଶନ ହ୍ରଦର ସୌନ୍ଦର୍ଯ୍ୟ ଖୁବ୍ ମନଛୁଆଁ । ଏହାକୁ ବେଶ୍ ପବିତ୍ର ବୋଲି ବିଶ୍ୱାସ କରନ୍ତି ସ୍ଥାନୀୟ ବାସିନ୍ଦା । ହ୍ରଦ ଆଖପାଖରେ ଅନେକ ଐତିହାସିକ ମନ୍ଦିର ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା । ଏଠାରେ ଭୃଗୁ ଋଷିଙ୍କ ମନ୍ଦିର ମଧ୍ୟ ଦର୍ଶନ କରିପାରିବେ । ୧୫୦୦ ବର୍ଷ ପୁରୁଣା ଦୁର୍ଗ ଛେହନୀ କୋଟି କାଠ ବିମ ଏବଂ ପଥର ସ୍ଲବରେ ତିଆରି । କୁଲ୍ଲୁର ରାଜା ରାଣୀ ଧାଧିୟା ଏହି ମହଲରେ ରହୁଥିଲେ । ୧୯୦୫ ରେ ଆସିଥିବା ଭୂକମ୍ପ ଯୋଗୁ ଏହାର ଉପର ପାଞ୍ଚ ମହଲା ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ତଥାପି ଦୁର୍ଗ ନିଜର ଆକର୍ଷଣ ହରାଇନାହିଁ । ହିମାଳୟ କ୍ଷେତଦ୍ରରେ ଏହା ସବୁଠୁ ଉଚ୍ଚ ସଂରଚନା ।

### କେମିତି ଯିବେ

ଦିଲ୍ଲୀ ଭଳି ସହର ସହ ତୀର୍ଥନ୍ ଘାଟି ସଡ଼କମାର୍ଗରେ ସହଜରେ ସଂଯୁକ୍ତ । ଏଠାରେ ପହଞ୍ଚିବା ପରେ ବସ୍ କିମ୍ବା ଟ୍ରେନରେ ଯାଇପାରିବେ । ଏହାଛଡ଼ା ଭୁନ୍ତାର ବିମାନବନ୍ଦର ତୀର୍ଥାନ୍ ଘାଟିଠୁ ଖୁବ ନିକଟ । ଚାର୍ଟର ଏୟାରଲାଇନ୍ସ ଦ୍ୱାରା ଦିଲ୍ଲୀରୁ ହେଲିକପ୍ଟର ସୁବିଧା ମଧ୍ୟ ଦିଆଯାଇଛି । ଆଖପାଖ ସ୍ଥାନ ଭ୍ରମଣ ପାଇଁ ଚଣ୍ଡୀଗଡ଼ରୁ ବିମାନରେ ଯାଇପାରିବେ । ତୀର୍ଥନ ଘାଟିରୁ ଅମ୍ବାଲା ଏବଂ କିରତପୁର ରେଳଷ୍ଟେଦନ ଅତି ନିକଟ ।

# ବିପଜ୍ଜନକ ମାରାଥନ



ମାରାଥନ୍ ଅଫ୍ ଦି ସ୍ୟାଣ୍ଡସ୍ । ରୁକ୍ଷଶୁଷ୍କ ସାହାରା ମରୁଭୂମି, ମୁଣ୍ଡଫଟା ଖରା ମଝିରେ ଦୌଡ଼ । ମରକ୍କୋର ସାହାରା ମରୁଭୂମିରେ ଏଇ ରେସର ଭାବନା ପ୍ରଥମେ ୧୯୮୬ ମସିହାରେ ଫ୍ରାନ୍ସର ପ୍ୟାଟ୍ରିକ୍ ବାଉଚର ନାମକ ଜଣେ ବ୍ୟକ୍ତିଙ୍କ ମୁଣ୍ଡକୁ ଆସିଥିଲା । ସେ ଏହି ମରୁଭୂମିରେ ୧୨ଦିନ ଧରି ଦୌଡ଼ିଥିଲେ ପ୍ରାୟ ୩୫୦ କିଲୋମିଟର । ପରେ ସେ ଚିନ୍ତା କଲେ ଏହାକୁ ମାରାଥନର ରୂପ ଦେବା ପାଇଁ । ପ୍ରାଥମିକ ପର୍ଯ୍ୟାୟରେ ୨୩ ଜଣ ଆଥଲେଟ୍ ଏହି ରେସରେ ଅଂଶଗ୍ରହଣ କରିଥିଲେ । ପ୍ରତି ବର୍ଷ ୩୦ଟି ଦେଶର ପ୍ରାୟ ୮୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରନ୍ତି ଏହି ରେସରେ ଯେଉଁଥିରେ ପ୍ରାୟ ୨୫୧ କିମି ପଥ ଅତିକ୍ରମ କରିବାକୁ ହୋଇଥାଏ । ଏହି ରେସର ଭୟାବହତା ନେଇ ତିଆରି ହୋଇଛି ସିନେମା । ଏଇ ମାରାଥନରେ ରହିଛି ଛଅଟି ପର୍ଯ୍ୟାୟ। ମାରାତ୍ମକ ଖରା ଏବଂ ବାଲି ମଝିରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ନିଜର ପ୍ରୟୋଜନୀୟ ସାମଗ୍ରୀ ନିଜକୁ ହିଁ ରଖିବାକୁ ହେବ । ସାଙ୍ଗରେ ଅତି କମରେ ୧୪ ହଜାର କ୍ୟାଲୋରୀ ଖାଦ୍ୟ ନେବାକୁ ହୋଇଥାଏ । ନିଜ ପୋଷାକ, ଷ୍ଟୋଭ, ସ୍ଲିପିଙ୍ଗ ବ୍ୟାଗ ଓ ସରଭାଇଭାଲ କିଟ୍ ସାଙ୍ଗରେ ରଖିବାକୁ ପଡ଼ିଥାଏ । ସଂସ୍ଥା ତରଫରୁ ମାତ୍ର ୧୦ରୁ ୧୨ ଲିଟର ପାଣି ଦିଆଯାଇଥାଏ ଅଂଶଗ୍ରହଣକାରୀମାନଙ୍କୁ । ପ୍ରତି ବର୍ଷ ବଦଳିଯାଇଥାଏ ।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।



◆ ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ । ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।

◆ ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ । ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।

◆ ମହାଦେବ ମାତା ପାର୍ବତୀଙ୍କ ସହିତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ବିରାଜମାନ କରିଥାନ୍ତି । ଉକ୍ତ ଜ୍ୟୋତିର୍ଲିଙ୍ଗ ଯିଏ ଦର୍ଶନ କରେ, ସେ ସାକ୍ଷାତ ମହାଦେବ ଓ ପାର୍ବତୀଙ୍କ ଦର୍ଶନର ଫଳପାଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କୁ ଯିଏ ଦର୍ଶନ କରେ ସେ ମହାନ ଓ ପବିତ୍ର । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ର ସବୁଠାରୁ ଉତ୍ତମ ଓ ପବିତ୍ର କ୍ଷେତ୍ର ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ଅନ୍ୟ କୌଣସି କ୍ଷେତ୍ର ଭ୍ରମଣରେ ଆବଶ୍ୟକତା ନାହିଁ । କାରଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଫଳ ସର୍ବ ତୀର୍ଥକ୍ଷେତ୍ର ଦର୍ଶନର ଫଳଠାରୁ ଅଧିକ ।

# ଜିଭରେ ଉଠୁଛି ରୁମ

ବିଶ୍ୱରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ସହ ସବୁବେଳେ କିଛି ନା କିଛି ଖରାପ ହୋଇଥାଏ । ଗୋଟିଏ ଅସୁବିଧାରୁ ମୁକୁଳିବା ପାଇଁ ଯାଉଥିଲାବେଳେ ମାଡ଼ିବସିଥାଏ ଆଉ ଗୋଟେ ସମସ୍ୟା । ଏଭଳି ଏକ ଘଟଣା ଇଂଲଣ୍ଡର ଅକ୍ସଫୋର୍ଡରେ ରହୁଥିବା ୩୪ ବର୍ଷିୟ ମେଲବିନ୍ ମେନସେଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ମେଲବିନଙ୍କ ଉପରେ ସେତେବେଳେ ଦୁଃଖର ପାହାଡ଼ ଖସିପଡ଼ିଲା ଯେତେବେଳେ ଜଣାପଡ଼ିଲାଯେ, ତାଙ୍କ ଜିଭରେ କ୍ୟନସର ହୋଇଛି । ଭାଗ୍ୟବଳ ଜୋର ଥିବାରୁ ଏହି କ୍ୟାନସରଟି ପ୍ରାଥମିକ ଷ୍ଟେଜରେ ଥିଲା । ପରେ ଡାକ୍ତରମାନେ ଜିଭରେ ଥିବା ଟ୍ୟୁମରକୁ କାଢ଼ିଦେଇଥିଲେ । ହେଲେ ଜିଭର ଆକାର ଅଧା ହେବାରୁ ମେଲବିନଙ୍କ ହାତର ମାଂସକୁ ସେଠାରେ ଲାଇଥିଲେ । ସର୍ଜରୀ ପରେ ଜିଭ ତିଆରି ହୋଇଥିଲା । ମାତ୍ର କିଛିଦିନ ପରେ ମେଲବିନଙ୍କ ସମସ୍ୟା ଆହୁରି ବଢ଼ିଲା । ତାଙ୍କୁ ପ୍ରତି ସମୟରେ ଅନୁଭବ ହେଉଥିଲା ଯେ, ଜିଭରେ କିଛି ଘଟୁଛି । ରାତି ତମାମ ସେ ଶୋଇପାରୁନାହାଁନ୍ତି । ଯେହେତୁ ହାତର ମାଂସ ଜିଭରେ ଲାଗିଥିଲା ସେହି କାରଣରୁ ଜିଭରେ ସୃଷ୍ଟି ହେଉଛି ରୁମ । ଏହା ବଡ଼ ଅସୁବିଧା ସୃଷ୍ଟି କରିଛି ମେଲବିନଙ୍କ ପାଇଁ । ଡାକ୍ତରଙ୍କ ପରାମର୍ଶ ପରେ ଏବେଜିଭରେ ଲେଜର ଟ୍ରିଟ୍‌ମେଣ୍ଟ କରାଯିବ ।



# କଳା-ଗୋରା ପଛର କାରଣ

ମଣିଷ ଶରୀର ଗଠନ ପ୍ରାୟତଃ ଏକ ପ୍ରକାରର । ତେବେ ବିଭିନ୍ନ ଦେଶ, ଅଞ୍ଚଳରେ ଲୋକଙ୍କ ରଙ୍ଗରେ ପ୍ରଭେଦ ଦେଖାଦେଇଥାଏ । କିଏ ଗୋରା ତ କିଏ କାଳିଆ ଆଉ କିଏ ସାବନା । ଆଜି ଆମେ ଏହା ପଛରେ ଥିବା କାରଣ ସମ୍ପର୍କରେ ଅବଗତ କରାଇବାକୁ ଯାଉଛୁ ।

ମଣିଷର ତ୍ୱଚାରେ ଏକ ରଙ୍ଗୀନ ପଦାର୍ଥ ମହଜୁଦ ଥାଏ । ଏହି ରଙ୍ଗୀନ ପନଦାର୍ଥକୁ ପିଗମେଣ୍ଟ କୁହାଯାଏ । ଯେତେବେଳେ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ୍‌ରେ ଆମ ଶରୀର ଉପରେ ପଡ଼ିଥାଏ । ସେତେବେଳେ ଶରୀରରେ କଳାରଙ୍ଗ ଅଧିକ ଗଠନ ହୋଇଥାଏ । ଏହି ପ୍ରକ୍ରିୟାକୁ ମେଲାନିନ୍ କୁହାଯାଏ । ମେଲାନିନ୍ ମାତ୍ରା ଅଧିକ ହେବା ଦ୍ୱାରା ତ୍ୱଚାର ରଙ୍ଗ କଳା କିମ୍ବା ସାବନା ହୋଇଥାଏ । ଯେଉଁ ଲୋକମାନେ ଥଣ୍ଡା ସ୍ଥାନରେ ରହିଥାନ୍ତି ସେମାନଙ୍କ ଦେହରେ ସୂର୍ଯ୍ୟ ରଶ୍ମୀ କମ୍ ମାତ୍ରାରେ ପୁଥିବାରୁ ମେଲାନିନ୍ ପ୍ରକ୍ରିୟା କମ ହୋଇଥାଏ । ଫଳରେ ଶରୀରର ତ୍ୱଚା ଗୋରା ହୋଇଥାଏ । ଉଦାହରଣ ସ୍ୱରୂପ ଆଫ୍ରିକାରେ ତାପମାତ୍ରା ଅଧିକ ରହିଥାଏ । ଏହି କାରଣରୁ ଏଠାକାର ଲୋକଙ୍କ ରଙ୍ଗ କଳା ହୋଇଥାଏ । ଭାରତରେ ଅନେକ ରାଜ୍ୟରେ ଗରମମାତ୍ରା ଅଧିକ ଥିବାରୁ ଲୋକଙ୍କ ରଙ୍ଗ କଳା ହୋଇଥାଏ । ପାଣିପାଗ ତଥା ଜଳବାୟୁ ପରିବର୍ତ୍ତନ ଶରୀରର ରଙ୍ଗ ଉପରେ ପ୍ରଭାବ ପକାଇଥାଏ କେରଳ, କର୍ଣ୍ଣାଟକରେ ଲୋକେ ଅଧିକାଂଶ କଳା ହୋଇଥିବା ବେଳେ କାଶ୍ମୀରରେ ଗୋରା ଲୋକଙ୍କ ସଂଖ୍ୟା ଅଧିକ । ତେବେ ଶରୀରର ରଙ୍ଗରେ ପାର୍ଥକ୍ୟ ଥିଲେ ମଧ୍ୟ ମାନବତାର କୌଣସି ରଙ୍ଗ ନାହିଁ । ହେଲେ ଆଜି ବି ଅନେକ ଦେଶରେ କଳାରଙ୍ଗର ଲୋକଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଇଥାଏ । ଯାହା ଆଦୌ ଗ୍ରହଣୀୟ ନୁହେଁ ।





# ଆଇସକ୍ରିମର ଦାମ ୭୦ହଜାର ଟଙ୍କା

ଏକ ସ୍କୁପ୍ ହଟ୍ ଚକୋଲେଟ୍ ଆଇସକ୍ରିମର ଦାମ୍ କେତେ ହୋଇପାରେ ? ଅତି ବେଶିରେ ୫୦୦ କି ହଜାର ଟଙ୍କା । ଏତେ ବି ହୋଇ ନପାରେ । କିନ୍ତୁ ଏକ ସ୍କୁପ୍ ଆଇସିକ୍ରମର ଦାମ ୭୦ ହଜାର ଟଙ୍କା ହୋଇଥିବ ବୋଲି ବିଶ୍ୱାସ ହେଉଛି କି ? ନ୍ୟୁୟର୍କର ସେରେଣ୍ଡିପିଟି ନାମକ ଏକ ସଂସ୍ଥା ପ୍ରସ୍ତୁତ କରିଥିବା 'ଗୋଲ୍ଡେନ ଆପ୍ୟୁଲାନ୍ସ ସନଡିଉ' ଆଇସକ୍ରିମର ଦାମ ପ୍ରାୟ ୭୦ ହଜାର ଟଙ୍କା । କିନ୍ତୁ କାହିଁକି ଏତେ ଦାମ ? ଖାଇବାକୁ ଚାହିଁଲେ ଅର୍ଡର ଦେଇ ଖାଇବାକୁ ହେବ ଅନ୍ତତଃ ଦୁଇ ଦିନ ଆଗରୁ । ତିନି ସ୍କୁପର ଏହି ତାହିତିଆନ୍ ଭାନିଲା ଆଇସିକ୍ରମର ବିଶେଷତ୍ୱ ଭିନ୍ନ । ଏଇ ଆଇସକ୍ରିମରେ ଥାଏ ଆଲମଣ୍ଡ କାଭିୟାର, ସୁଗାର ଫୋର୍ଡ ଅର୍କିଡ । ଏଇ ସୁଗାର ଫୋର୍ଡ ଅର୍କିଡ ତିଆରି କରିବାକୁ ଲାଗେ ଆଠ ଘଣ୍ଟା ତେବେ ଏହାର ବିଶେଷତ୍ୱ ଅନ୍ୟତ୍ର । ଏହି ଆଇସିକ୍ରମ ୨୩ କ୍ୟାରେଟ୍ ସୁନାର ଫଏଲ ଦେଇ ମୋଡ଼ା ହୋଇଥାଏ । ଆଇସକ୍ରିମଟି ପରିବେଷଣ କରାଯାଏ ଏକ କ୍ରିଷ୍ଟାଏ ଗବଲେଟ୍ ମଝିରେ ଯାହା ବି ୨୨ କ୍ୟାରେଟ୍ ସୁନା ଫଏଲରେ ଆଚ୍ଛାଦିତ । ପାଖରେ ଥାଏ ୧୮ କ୍ୟାରେଟ୍ ସୁନାର ଏକ ଚାମଚ । ଏହି ଆଇସକ୍ରିମ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ ସବୁ କେଉଁଠୁ ଆସେ ଜାଣନ୍ତି ? ଇଟାଲିର ତାସ୍କାନିରୁ ଆସେ ଚକୋଲେଟ୍, ଭାନିଲା ବିନ୍ ଆସେ ମାଡାଗାସ୍କରରୁ ।



ଆଉ ଆଇସକ୍ରିମ୍ ଉପରେ ଯେଉଁ ଆସ୍ତରଣ ଦିଆଯାଏ ତାହା ଆସେ ପ୍ୟାରିସରୁ । ଏହି ଆଇସକ୍ରିମଟି 'କୋନ୍' ଭାବରେ ମଧ୍ୟ ଆଜିକାଲି ଲଣ୍ଡନରେ ଉପଲବ୍ଧ ହେଉଛି । ସେଇ କୋନ୍ ଆଇସିକ୍ରିମରେ ରହିଛି ଅନ୍ୟ ଏକ ବିଶେଷତ୍ୱ । ଏହି କୋନରେ ଏଡିବଲ ଡାଇମଣ୍ଡ ମିଶା ଯାଇଥାଏ । ଅର୍ଥାତ୍ ଆଇସକ୍ରିମରେ ମିଶିଥାଏ ହୀରା ଭସ୍ମ । ଏକ ଛୋଟ କୋନର ଦାମ ୧୨୭ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮,୭୪୦ଟଙ୍କା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଂଚଳିକତାର ରାଜ୍...

ପାଂଚଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରେ ସଦ୍ୟ ସମାପ୍ତ ନିର୍ବାଚନକୁ ଦେଶବାସୀ ମିନି ସାଧାରଣ ନିର୍ବାଚନ ରୂପେ ଧରିନେବାର ଏକାଧିକ କାରଣ ରହିଛି। ଏକେତ ପୂର୍ବ ଭାରତର ଦୁଇଟି ପ୍ରମୁଖ ରାଜ୍ୟ ଆସାମ ଓ ପଶ୍ଚିମ ବଙ୍ଗରେ ଭୋଟ ହୋଇଥିଲା, ଦ୍ୱିତୀୟରେ ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରିର ମତଦାନ ହେଲା। ଦେଶ କଠିନ ସମୟ ଦେଇ ଗତି କରୁଥିବାବେଳେ ଯେପରି ସମ୍ପୃକ୍ତ କ୍ଷେତ୍ରର ବାସିନ୍ଦା ମତଦାନ କରି ପରିପକ୍ୱତାର ପରିଚୟ ଦେଲେ, ତାହା ସବୁଦିନ ପାଇଁ ନିର୍ବାଚନ ଇତିହାସରେ ଲିପିବଦ୍ଧ ହୋଇ ରହିବ। ବିଷମ ସମୟରେ ସୁଦ୍ଧା ଲୋକମାନଙ୍କୁ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ ଲାଗି ଚଢ଼ାଗଳାରେ ପରାମର୍ଶ ଦେଉଥିବା ଦଳୀୟ ନେତୃବୃନ୍ଦ କେମିତି ଜନସମାବେଶରେ ଭାଷଣ ଦେଇ ସ୍ୱୟଂ କରୋନା କଟକଣାକୁ ଫୁଁ' କରିଦେଉଥିଲା, ତାହା ଦେଶ ଦେଖିଲା। ତାହାରି ଭିତରେ ମତଦାତାଙ୍କ ସଂଯମ ଓ ଶୃଙ୍ଖଳା ବହୁ ଦିନ ପାଇଁ ଦୃଷ୍ଟାନ୍ତ ହୋଇ ରହିବ। ଚଳିତମାସ ଦୁଇ ତାରିଖରେ ପ୍ରକାଶିତ ଫଳର ଏମିତିରେ ଆଂଚଳିକ ଗୁରୁତ୍ୱ ରହିବ। ମାତ୍ର ଯେହେତୁ ଏକାଧିକ ଜାତୀୟ ଖେଳୁଆଡ଼ ଦଳ ମଇଦାନରେ ଥିଲେ, ବିଭିନ୍ନ ରାଜ୍ୟର ଫଳର ଜାତୀୟ ରାଜନୀତିରେ ସୁଦୂରପ୍ରସାରୀ ଗୁରୁତ୍ୱ ଅବଶ୍ୟ ରହିବ ବୋଲି ରାଜନୀତି ସମୀକ୍ଷକ ମହଲ ବିଚାର କରୁଛନ୍ତି। ସବୁ ରାଜ୍ୟ କଥା ଅଲଗା, ଦେଶବାସୀ ପଶ୍ଚିମବଙ୍ଗ ନିର୍ବାଚନକୁ ଉତ୍ସୁକତା ସହକାରେ ଲକ୍ଷ୍ୟ କରୁଥିଲେ। କେରଳ କିମ୍ବା ତାମିଲନାଡୁରେ ସେତେ ବେଶୀ ଗୁରୁତ୍ୱ ଦେଉନଥିବା ଭାରତୀୟ ଜନତା ପାର୍ଟି ଏହି ରାଜ୍ୟରେ ଅଧିକ ଶକ୍ତି ଖଟାଇଥିଲା। ହୋଇପାରେ ତୃଣମୂଳ କଂଗ୍ରେସ ଭଳି ଆଂଚଳିକ ଦଳର ନେତ୍ରୀ ମମତା ବାନାର୍ଜୀଙ୍କଠାରେ କେହି କେହି ଜାତୀୟ ଭୂମିକା ରଖିଥିବା ଉପାଦାନ ବାରି ପାରିଥିଲେ। ଅତୀତରେ କେନ୍ଦ୍ର ତଥା ରାଜ୍ୟ ରାଜନୀତିରେ ମମତା ଯେଉଁପରି ଆକ୍ରମଣାତ୍ମକ ଓ ନଛୋଡ଼ବନ୍ଦା ଭୂମିକାରେ ଥିଲେ, ତାହା ପ୍ରତିପକ୍ଷ ଶିବିର ପାଇଁ ଚିନ୍ତାର କାରଣ ହୋଇଥିଲା। କେନ୍ଦ୍ରରେ ବହୁବାର ମନ୍ତ୍ରୀ ଥିବାବେଳେ ହେଉ କିମ୍ବା ଦୁଇ ଦୁଇଥର ବଙ୍ଗ ମୁଖ୍ୟମନ୍ତ୍ରୀ ରହିବା ଭିତରେ ଜାତୀୟ ପ୍ରସଙ୍ଗ ନେଇ ତାଙ୍କର ଭୂମିକା କେତେବେଳେ କିଭଳି ହୋଇଛି, ତାହାର ତର୍ଜମା କ୍ଷେତ୍ର ଅଲଗା। ମାତ୍ର ସ୍ୱୟଂ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସମେତ ବିଜେପି ନେତୃତ୍ୱ ପାଇଁ ଏହି ରାଜ୍ୟ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିଲା, ତାହା କେହି ଅସ୍ୱୀକାର କରିବେ ନାହିଁ। ବଙ୍ଗ ରାଜନୀତିରେ କିଛି ବର୍ଷ ହେଲା ପାଦ ଥାପିଥିବା ବିଜେପିର ଦୁର୍ଗବିଜୟ ହୋଇପାରିଲା ନାହିଁ ସିନା, ପୂର୍ବଥର ତୁଳନାରେ ଆସନସଂଖ୍ୟା ବହୁ ଅଧିକ ହୋଇଛି। ଆଂଚଳିକ ଦଳ ତୃଣମୂଳ କଂଗ୍ରେସ ନେତ୍ରୀଙ୍କ ପାଖରୁ କେତେକ ନେତା-ନେତ୍ରୀ ଦୂରେଇଯାଇ ବିଜେପି ଶିବିରରେ ସାମିଲ ହୋଇ ରଣାଙ୍ଗନକୁ ଲମ୍ଫ ମାରିଥିଲେ। ହେଲେ ପାର୍ଟିର ମୁଖ୍ୟମନ୍ତ୍ରୀ ଚେହେରା ରୂପେ କାହାକୁ ଉପସ୍ଥାପିତ କରାଯାଇନଥିଲା। ଏବେ ଆଶାତୀତ ସଫଳତା ପାଇଥିବା ମମତା ବାନାର୍ଜୀ ତୃତୀୟପାଳି ପାଇଁ ମୁଖ୍ୟମନ୍ତ୍ରୀ ହେଉଛନ୍ତି। ତାଙ୍କ ଦଳର ଜାତୀୟ ଗୁରୁତ୍ୱ ବୃଦ୍ଧି ପାଇବା ସହିତ ମମତାଙ୍କ କେନ୍ଦ୍ରୀୟ ଭୂମିକା ବିଜେପିର ବିସ୍ତାରିତ ପ୍ରଭାବରେ ଅଙ୍କୁଶ କଷିବାକୁ ସକ୍ଷମ ବୋଲି କେତେକ ମହଲ ବିଚାରୁଛନ୍ତି। ଦାକ୍ଷିଣାତ୍ୟରେ କେରଳରେ ବାମଗଡ଼ ଅକ୍ଷୁର୍ଣ୍ଣ ରହିଛି। ସିପିଏମ୍ ଉଭୟ ପଶ୍ଚିମବଙ୍ଗ ଓ ତ୍ରିପୁରା ହରାଇବା ପରେ ଏକମାତ୍ର କେରଳ ବାମପନ୍ଥୀଙ୍କ ଦୁର୍ଗ ରହିଲା। ପାନ-ଇଣ୍ଡିଆ ପାର୍ଟି ରୂପେ ବିଜେପିର ପ୍ରଭାବ ଦେଖିଲେ କର୍ଣ୍ଣାଟକକୁ ଛାଡ଼ି ଦେଲେ ଅନ୍ୟ କୌଣସି ରାଜ୍ୟରେ ସ୍ଥିତି ନାହିଁ। ୟୁଡିଏଫ୍ ଓ ଏଲଡିଏଫ୍ ପାଳି କରି କେରଳ ଶାସନ କରି ଆସୁଛନ୍ତି। ସେହି ରାଜ୍ୟରେ ବିଜେପିର ପାଇବାର କିଛି ନାହିଁ, ହରାଇବା ଭଳି ମଧ୍ୟ କିଛି ନଥିଲା। ବର୍ଷୀୟାନ୍ ମେଟ୍ରୋମ୍ୟାନ୍ ଶ୍ରୀଧରନଙ୍କୁ ପାଲାକଡ୍ ଆସନରେ ଛିଡ଼ା କରାଇ ସେ କାଳେ ଜିତିଯିବେ ବୋଲି ବିଚାର କରାଯାଉଥିଲା। ଏବେ ବିଜେପିର କେରଳରେର ବିହନ ରକ୍ଷା ହୋଇପାରିଲା ନାହିଁ। ବଙ୍ଗ ନିର୍ବାଚନରେ ବାମପନ୍ଥୀ ଓ କଂଗ୍ରେସଙ୍କ ସ୍ଥିତି ଯାହା, କେରଳରେ କେନ୍ଦ୍ରରେ କ୍ଷମତାସୀନ ପାର୍ଟିର ସ୍ଥିତି ତଦ୍ରୂପ।

## ଭୂତାଣୁ ଯୁଦ୍ଧର ଭବିଷ୍ୟତ

ସୌମେନ୍ଦ୍ର ଜେନା

ରୋନାର ମୁକାବିଲା ନେଇ କେନ୍ଦ୍ର ସରକାରଙ୍କ ନୀତି ବିଫଳ ବୋଲି ବିରୋଧୀ ଦଳ କଂଗ୍ରେସ ଏବଂ ଏହାର ନେତାମାନେ ସବୁଦିନ ମିଡିଆରେ ଅଭିଯୋଗ କରୁଛନ୍ତି। ଅଥଚ ଦେଶରେ କୋରୋନା ସଂକ୍ରମିତଙ୍କ ସଂଖ୍ୟା କଂଗ୍ରେସ ଶାସିତ ରାଜ୍ୟଗୁଡିକରେ ସବୁଠୁ ଅଧିକ। କଂଗ୍ରେସ ଓ ସହଯୋଗୀଦଳଙ୍କ ମେଣ୍ଟର ଶାସନଥିବା ମହାରାଷ୍ଟ୍ର, ରାଜସ୍ଥାନ, ଝାଡଖଣ୍ଡ, ଛତିଶଗଡ ଏବଂ ପଞ୍ଜାବରେ ଦେଶର ମୋଟ ଜନସଂଖ୍ୟାର ମାତ୍ର ୨୨ ପ୍ରତିଶତ ଲୋକେ ବସବାସ କରିଥାନ୍ତି। କିନ୍ତୁ ଏହି ୫ଟି ରାଜ୍ୟର ସକ୍ରୀୟ ସଂକ୍ରମିତ ରୋଗୀଙ୍କ ହାର ଦେଶର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୫୨ ପ୍ରତିଶତ। ସେମିତି ଏହି ପାଞ୍ଚଗୋଟି ରାଜ୍ୟର କୋରୋନା ମୃତ୍ୟୁହାର ଦେଶର ମୋଟ ମୃତ୍ୟୁର ୪୪ ପ୍ରତିଶତ। ବିଦେଶୀ ଟିକାକୁ ଅଧିକ ଦାମରେ ଭାରତରେ ବିକ୍ରି ପାଇଁ କହୁଥିବା କଂଗ୍ରେସ ନେତାମାନେ ହାଇଦ୍ରାବାଦର ସ୍ୱଦେଶୀ ଟିକା କୋଭାକ୍ସିନ ବିରୋଧରେ ମୂଳରୁ ଆଜିଯାଏ ପ୍ରଚାର କରି ଆସିଛନ୍ତି। ଏହି ଟିକା ବିଶ୍ୱାସ ଯୋଗ୍ୟ ନୁହେଁ ବୋଲି ରାହୁଲ ଏବଂ ଅନ୍ୟ ନେତାମାନେ ବାରମ୍ବାର ଅଭିଯୋଗ କରିଛନ୍ତି। କିନ୍ତୁ ଏହା ସର୍ବାଧିକ ସଫଳ ଟିକା ବୋଲି ହ୍ୱାଇଟ ହାଉସର ମୁଖ୍ୟ ଚିକିତ୍ସାଧିକାରୀ ନିଜେ ସ୍ୱୀକାର କରିଛନ୍ତି। ଏହାକୁ ଉପଯୋଗ କରିଥିବା ଦେଶଗୁଡିକର ମଧ ସମାନ ମତ ରହିଛି। କଂଗ୍ରେସ ଓ ମେଣ୍ଟ ରାଜ୍ୟଗୁଡିକର ଟିକା ବିରୋଧୀ ପ୍ରଚାର ଯୋଗୁ ଲୋକଙ୍କ ମଧରେ ଭ୍ରାନ୍ତ ଧାରଣା ସୃଷ୍ଟି ହେବା ଦ୍ୱାରା ଅନେକ ରାଜ୍ୟରେ ଅଧିକ ଦ୍ୱିତୀୟ କୋରୋନା ଲହରୀ ଦେଖାଦେଇଛି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମେତ ଅନ୍ୟ ନେତାମାନେ କୋରୋନା ସଙ୍କଟର ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସମୟରେ କଂଗ୍ରେସ ଶାସିତ ରାଜ୍ୟଗୁଡିକ ଯେ ଏଥିପାଇଁ ଅଧିକ ଦାୟୀ ତାହା ମଧ କହିବା ଉଚିତ୍। ସେହିସବୁ ରାଜ୍ୟ ସରକାର କିପରି କୋରୋନା ସଙ୍କଟରୁ ମୁକ୍ତିପାଇବେ ସେ ଦିଗରେ କଂଗ୍ରେସ ନେତୃବୃନ୍ଦ ଅଧିକ ମାର୍ଗଦର୍ଶନ ଦେବା ଆବଶ୍ୟକ।

ଦେଶରେ ଟିକାକରଣ ବ୍ୟବସ୍ଥାକୁ ସନ୍ଦେହ କରି ସମାଜବାଦୀ ପାର୍ଟିର ଅଧକ୍ଷ ଅଖିଳେଶ ଯାଦବ ଏକଦା ଘୋଷଣା କରିଥିଲେ ଯେ ବିଜେପି ଟିକାକୁ ସେ ଆଦୌ ନେବେ ନାହିଁ। ରାଜ୍ୟରେ କ୍ଷମତାକୁ ଆସିବା ପରେ ସେ ଟିକା ଦେବାଲାଗି ବ୍ୟବସ୍ଥା କରିବେ। ଏହାର ଅର୍ଥ ହେଲା କୋରୋନା ରୋଗର ହ୍ରାସ ପାଇଁ ଲୋକେ ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟିର ସରକାରକୁ ପ୍ରଥମେ କ୍ଷମତାକୁ ପୁନର୍ବାର ଆଣନ୍ତୁ। କିନ୍ତୁ ସେ ଯାଏଁ ଲୋକେ ବଞ୍ଚି ରହିଲେ ତ? କେବଳ ଏସପି ନେତା ଅଖିଳେଶ ନୁହନ୍ତି, କଂଗ୍ରେସ ଦଳର ନେତୃବୃନ୍ଦ ମୂଳରୁ ଭାରତର କୋଭାକ୍ସିନ ଟିକାକୁ ବିରୋଧ କରି ସାଧାରଣରେ ଯେଉଁ ଭ୍ରାନ୍ତି ସୃଷ୍ଟି କଲେ ତା ଫଳରେ ଏବେ କଂଗ୍ରେସ ପ୍ରଭାବ ଥିବା ଦେଶର ଅନେକ ରାଜ୍ୟ ଓ ଗ୍ରାମାଞ୍ଚଳରେ ଟିକାକରଣ କାର୍ଯ୍ୟ କରାଯାଇପାରୁନାହିଁ। ଲୋକେ ଟିକାଦେବାକୁ ଯାଉଥିବା ସରକାରୀ କର୍ମଚାରୀମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ମୁସଲିମ ମୌଲବାଦୀ ଓ ଉଗ୍ରବାଦୀ ଗୋଷ୍ଠୀଗୁଡିକ ଟୀକାକରଣ ନେଇ ଅତୀତରୁ ଆଜିଯାଏ ସମଗ୍ର ବିଶ୍ୱରେ ଏକ କିମ୍ଭୁତକିମାକାର ଧାରଣାସୃଷ୍ଟି କରି ଆସିଛନ୍ତି। ସମସ୍ତ ପ୍ରକାର ଟୀକା ସେମାନଙ୍କ ଛୁଆ ଜନ୍ମ କରିବାର ଶକ୍ତି ହ୍ରାସ କରୁଛି ବୋଲି କହି ମୌଲବୀମାନେ ପାକିସ୍ଥାନ, ବଙ୍ଗଳାଦେଶ ସମେତ ଅନେକ ମୁସଲିମ ରାଷ୍ଟ୍ରରେ ଯେଉଁ ଦ୍ୱନ୍ଦ୍ୱ ନିଜର ଧର୍ମାବଲମ୍ବୀମାନଙ୍କ ମଧରେ ସୃଷ୍ଟି କରିଛନ୍ତି ତାଫଳରେ ଅନେକ ରାଷ୍ଟ୍ରରେ ପୋଲିଓ ଟିକା କର୍ମୀମାନେ ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଆଫ୍ରିକାପରି ମହାଦେଶରେ ୪ବର୍ଷ ହେଲା ପୋଲିଓ ପ୍ରାୟ ଦେଖାଯାଉନାହିଁ। ଅଥଚ ପାକ୍ ଓ ଆଫଗାନିସ୍ଥାନ ପୃଥିବୀର ଦୁଇଟି ଦେଶ ଯେଉଁଠି ଏହି ଟୀକାକରଣ ଏଯାଏଁ ସଫଳ ହୋଇପାରିନାହିଁ। ଯେତେବେଳେ କୌଣସି ଏକ ରାଜନୈତିକ ଦଳ ବ୍ୟବସ୍ଥାକୁ ବିରୋଧ କରେ ସେତେବେଳେ ତାଙ୍କ ସମର୍ଥକମାନେ ତାକୁ ବିରୋଧ କରିବାରେ ଲାଗିପଡନ୍ତି ଯାହା ଆଜି ଅନେକ ରାଜ୍ୟରେ ଦେଖାଯିବାରେ ଲାଗିଛି।

ନିକଟରେ ମାଡ୍ରାସ ହାଇକୋର୍ଟ ନିଜ ରାୟରେ କହିଲେ ଯେ ନିର୍ବାଚନ ଯୋଗୁ ଦେଶରେ ସଂକ୍ରମଣ ବୃଦ୍ଧି ପାଇଛି। କିନ୍ତୁ ଦେଖିବା କଥା ନିର୍ବାଚନ ହେଉ ନଥିବା ରାଜ୍ୟ ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ,ପଞ୍ଜାବ, ଦିଲ୍ଲୀ ଏବଂ ଝାଡଖଣ୍ଡରେ ଦେଶର ୫୨ ପ୍ରତିଶତ ରୋଗୀ କାହିଁକି ବାହାରୁଛନ୍ତି। ଯଦି ନିର୍ବାଚନ ଏକମାତ୍ର ରୋଗବୃଦ୍ଧିର ସବୁଠୁ ବଡ କାରକ ହୋଇଥାଏ ତେବେ ଏହି ରାଜ୍ୟଗୁଡିକ ତୁଳନାରେ ନିର୍ବାଚନ ହୋଇଥିବା ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ, ପୁଡୁଚେରୀ, କେରଳରେ ସବୁଠୁ ଅଧିକ ରହିଥାନ୍ତା। ହେଲେ ଗତବର୍ଷରୁ ଆଜିଯାଏ କେବଳ କେରଳକୁ ଛାଡିଦେଲେ ପ୍ରମୁଖ ସୁପର ସ୍ପ୍ରେଡର ତାଲିକାର ପାଞ୍ଚଗୋଟି ରାଜ୍ୟ ମଧରେ ନିର୍ବାଚନ ହେଉଥିବା ଅନ୍ୟ କୌଣସି ରାଜ୍ୟ ନାହିଁ। ଏକଥା ସତ ଯେ ଯେଉଁସବୁ ରାଜ୍ୟରେ ପ୍ରଥମ ଲହର ଅଧିକ ରହିଥିଲା ଏବେ ତନ୍ମଧ୍ୟରୁ ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ ଆଗୁଆ ଥିଲେ ଆଉ ଦ୍ୱିତୀୟ ଲହର ଚାଲିଲାବେଳେ ମଧ ଆଗରେ ରହିଛନ୍ତି। ତେଣୁ ନିର୍ବାଚନ ପ୍ରଚାର ଯୋଗୁ ଦେଶରେ କୋରୋନା ରୋଗୀ ବଢିଲେ ବୋଲି ଦେଖାଯାଉଥିବା ତର୍କ ଆଂଶିକ ହୋଇପାରେ ସଂପୂର୍ଣ୍ଣ ନୁହେଁ। ସଂକ୍ରମଣକୁ ହ୍ରାସ କରିବା ଲାଗି ଅନ୍ୟାନ୍ୟ ସମସ୍ତ କାରକଗୁଡିକୁ ମଧ ଦୋଷ ଦେବା ଆବଶ୍ୟକ। ବିଗତ ଦିନରେ ଆକସ୍ମିକ ମୁମ୍ବାଇର ଲୋକାଲ୍ ଟ୍ରେନ୍ ଚାଲୁହେବା, ସବୁ ବଜାର ବ୍ୟସ୍ତ ରହିବା, ସଭା-ସମିତି, ସିନେମା ଚାଲିବାପାଇଁ ଅନୁମତି ଦେବା, ଧାର୍ମିକ ମିଳନ, ସମ୍ମେଳନ ଓ ସାମୂହିକ ଏକତ୍ରୀକରଣକୁ ଅନୁମତି ପ୍ରଦାନ କରାଯିବା ଦ୍ୱାରା ମଧ କୋରୋନା ବଢିଛି। ହାଇକୋର୍ଟ ଏସବୁକୁ ଦେଖିବା ଦରକାର ଥିଲା। ନିର୍ବାଚନ କମିଶନ ରାଜନୈତିକ ଦଳମାନଙ୍କ ସହ ଆଦୌ ଆଲୋଚନା ନକରି ନିର୍ବାଚନ ଘୋଷଣା କରିଥିବା କୁହାଯାଇପାରିବ ନାହିଁ। ବୋଧହୁଏ ଏକକାଳୀନ ଅନେକଗୁଡିଏ ରାଜ୍ୟରେ ସରକାରଙ୍କ ଅନୁପସ୍ଥିତିରେ ରାଷ୍ଟ୍ରପତି ଶାସନଜାରି କରିବା ବ୍ୟବସ୍ଥାକୁ କମିଶନ ପସନ୍ଦ କରିନଥିବେ। ନିର୍ବାଚନ ନହେବା ସ୍ଥିତିରେ ବର୍ତ୍ତମାନ ପରି ସବୁ ରାଜ୍ୟରେ ସରକାରୀ ପ୍ରଶାସନ ଠିକ୍ ଚାଲିଥାନ୍ତା ବୋଲି ମଧ କୁହାଯାଇନପାରେ।

ଏହି ସଂକ୍ରମଣ କାଳରେ ସବୁଠୁ ଅଧିକ କଷ୍ଟକର ହେଲା ଗଣମାଧମଗୁଡିକର ସମ୍ବେଦନବିହୀନ ଖବର ପ୍ରସାରଣ। ବର୍ଖା ଦତ୍ତଙ୍କ ପରି ସାମ୍ବାଦିକା ମଣିଷ ଶବରେ ଖବର ପ୍ରସ୍ତୁତ କରିବାକୁ ନିଜ ଲାପ୍‌ଟପ୍ ସହ ମଶାଣିମାଟିରେ ଚକାମାଡି ବସିରହି ଶବପୋଡାର ସିଧା ପ୍ରସାରଣ କରିବା ଘଟଣା ସମ୍ବେଦନହୀନତାକୁ ବୁଝାଉଛି। ଶବର ଅନ୍ତିମ ସଂସ୍କାର ମଶାଣିରେ ହୋଇଥାଏ, ଏହା ସମସ୍ତଙ୍କୁ ଜଣା। କୋରୋନା କାଳରେ କେବଳ ସୀମିତ ସଂଖ୍ୟକ ସହରାଞ୍ଚଳର ମଶାଣିରେ ଶବଦାହ ପାଇଁ ଅନୁମତି ପ୍ରଦାନ କରାଯିବା ହେତୁ ଗ୍ରାମାଞ୍ଚଳର ହଜାର ହଜାର ମଶାଣି ଖାଲିପଡିଛି। ସରକାରୀ କଟକଣା ଯୋଗୁ ସଂକ୍ରମିତ ଲୋକଙ୍କ ଶବ ନିଜ ମଶାଣିକୁ ଆସିପାରୁ ନାହିଁ ନିଜ ଗ୍ରାମକୁ ଫେରିପାରୁନାହିଁ। ତେଣୁ ସହରାଞ୍ଚଳରେ ପୋଡାଯାଉଥିବା ସବୁଶବ ସହରବାସୀଙ୍କ ନୁହେଁ। ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ସଂସ୍ଥାଙ୍କୁ ଦାହକାର୍ଯ୍ୟ ଦେବାପରେ ସେମାନେ ଏକକାଳୀନ ସଂସ୍କାରକୁ ଅଧିକ ପସନ୍ଦ କରିବେ ନିଜର ସୁବିଧା ପାଇଁ, ସମୟ ବଞ୍ଚାଇବା ପାଇଁ। ତେଣୁ ଗଣମାଧମର ପ୍ରତିନିଧିମାନେ ଲୋକଙ୍କ ଉତ୍ସାହ ବୃଦ୍ଧି ବଦଳରେ ଭୟ, ହତାଶା, କ୍ରୋଧସୃଷ୍ଟିକାରୀ ବିବରଣୀ ପ୍ରଦାନ କରି ସମାଜର ଲୋକଙ୍କ ମନରେ ଯେଉଁ ଅଶାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି ତାହା ମଧ ନିନ୍ଦନୀୟ। (କ୍ରମଶଃ)

+ଭାରତୀୟ ସମ୍ବାଦ ସେବା (ଭାସ)

ଭୁବନେଶ୍ୱର-୭୫୧୦୦୩

## କିସ ପୁଣି ଦେଖା ନଯାଏ ଜୀଇଁଥିଲେ ଜୀବନେ.....

ବିଶ୍ୱ ପ୍ରକାଶ ଦେବତା

ଆଜିର ଭୟାନକ କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କ ଜୀବନ ଜୀବିକାକୁ ଏକ ପ୍ରକାର ଛାରଖାର କରିଦେଇଛି। ବିଶ୍ୱର ବୃହତ୍ ଓ ଅନ୍ୟତମ ପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ମଧ ଏହି ମହାମାରୀର କବଳରେ ପ୍ରତିଦିନ ଅନେକ ଜୀବନକୁ ନିର୍ବାପିତ କରୁଛି। ଗତ ବର୍ଷ କରୋନା ମହାମାରୀ ପୂର୍ବରୁ ବଡ଼ ଆଶ୍ଚର୍ଯ୍ୟର କଥା କୌଣସି ପାଞ୍ଜି, ପଞ୍ଜିକା ବା ଗଣନାକାର ବା ଜ୍ୟୋର୍ତିବିଦ୍ ସାଧକମାନେ ଆଗୁଆ କୌଣସି ପ୍ରକାର ସୂଚନା ବି ପାଇପାରିନଥିଲେ। ସମଗ୍ର ବିଶ୍ୱର ଗବେଷକ, ଡାକ୍ତର ଏହି ମହାମାରୀ ବିରୁଦ୍ଧରେ ଟିକା ବା ଔଷଧର ବିଭିନ୍ନ ପ୍ରୟୋଗକୁ ନେଇ ଯୁଦ୍ଧକାଳୀନଭିତ୍ତିରେ ନିଜ ଗବେଷଣା ଜାରି ରଖିଛନ୍ତି। ଏସବୁ ଭିତରେ ଆମ ସମାଜରେ ପ୍ରାୟ ସବୁବେଳେ ଏପରି ଗୋଟିଏ ଗୋଟିଏ ଘଟଣା ଘଟେ ଯାହା ବାସ୍ତବରେ ସାମ୍ନା କରୁଥିବା ଲୋକଟି ପାଇଁ ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟକର ହୋଇଥାଏ। କରୋନାରେ ତ ବାପ ଶବକୁ ପୁଅ ଛୁଉଁନି। କେଉଁଠି ସ୍ତ୍ରୀଟି ସ୍ୱାମୀର ମଲା ମୁହଁ ଆଉ ଦେଖୁନି ବାସ୍ତବିକ ଏହି କରୋନା ଲୋକମାନଙ୍କ ଭିତରେ ଆବେଗ ଓ ଭଲପାଇବାକୁ କିପରି ତଣ୍ଟିଚିପି ଦେଇଛି ଦେଖନ୍ତୁତ। ସେହିପରି ବଡ଼ ଆଶ୍ଚର୍ଯ୍ୟରକଥା ଆମ ସମାଜରେ ବାର୍ଦ୍ଧକ୍ୟ ଭତ୍ତା କେଉଁଠି ଭେଣ୍ଡିଆମାନେ ପାଉଛନ୍ତି ତ କେଉଁଠି ସଧବାଙ୍କୁ ମିଳୁଛି ବିଧବା ଭତ୍ତା। ନିର୍ବାଚନରେ ସରକାର ତିନୋଟି ପିଲା ଥିଲେ ତୃଣମୂଳ ସ୍ତରର ପଞ୍ଚାୟତରାଜ ନିର୍ବାଚନ ପାଇଁ ସେମାନେ ଅଯୋଗ୍ୟ ବୋଲି ନିୟମ ରହିଥିଲେ ମଧ ଆମ ସମାଜରେ ଶହ ଶହ ଚରିତ୍ର ରହିଛନ୍ତି ଯେଉଁଠି ନିଜ ସରପଞ୍ଚ ବା ନୋମିନ୍ ଗାଦିଟି ପାଇବା ପାଇଁ ନିଜର ତୃତୀୟ ସନ୍ତାନଟିକୁ ରାତାରାତି କାହାକୁ ପୋଷ୍ୟ କରିଦେଉଛନ୍ତି ବା ମୃତ୍ତୁ ଦର୍ଶାଇ ମାତ୍ର ଦୁଇଟି ପିଲାର ଜନକ ବୋଲି ମିଥ୍ୟା ପ୍ରମାଣ ଦେଉଛନ୍ତି। ଜଣଙ୍କର ଘର ବା ପୂର୍ବ ପୁରୁଷର ଆବାସ ସ୍ଥାନ ଯେଉଁ ଗ୍ରାମରେ ହୋଇଥିବ ବା ଜଣେ ଯେଉଁ ଗ୍ରାମର ଭୋଟର ଭାବେ ନିର୍ବାଚନରେ ନିଜ ମତ ସାବ୍ୟସ୍ତ କରୁଥିବ କିନ୍ତୁ ନିଜ ରାଜନୈତିକ ସ୍ୱାର୍ଥ ଓ ଇନ୍ଦିରା ଆବାସ ଯୋଜନାର ଘର ଖଣ୍ଡେ ପାଇବା ପାଇଁ ନିଜକୁ ଅନ୍ୟ ଗ୍ରାମର ବାସିନ୍ଦା ବୋଲି ଜାଲିଆତି କରି ଦର୍ଶାଉଛନ୍ତି। ଏପରି ଉଦାହରଣର ପ୍ରମାଣ ପାଇବାକୁ ହେଲେ ଆଉ ବେଶୀ ଦୂର ନୁହେଁ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମକୁ ଚାଲନ୍ତୁ। ଏହି ଗାଁ ଅଧୀନରେ ଓଳାଶୁଣୀ ଠାକୁରାଣୀ, ପ୍ରଖ୍ୟାତ ଓଳାଶୁଣୀ ଗୁମ୍ଫା ମଠ ଓ ହୀରକ ତ୍ରିଭୂଜର ଲଳିତଗିରି, ଉଦୟଗିରି, ରତ୍ନଗିରିର ସନ୍ନିକଟ। ତେବେ ସହୃଦୟ ପାଠକମାନେ କେବେ ଜାଣିଛନ୍ତି କି ଯେ, ଜଣେ ଲୋକ ତା'ଘର ଏକ ଗାଁରେ, ରହୁଛନ୍ତି ଆଉ ଏକ ଗାଁରେ ଆଉ ଦିନରେ ମଳୟ ଆମେ ରାତିରେ ବାସନ୍ତୀ ପରି କେତେବେଳେ କଂଗ୍ରେସ ଦଳ ତ କେତେବେପଳେ ବିଜେପି ଆଉ କେତେବେଳେ ବିଜେଡ଼ି। ଏହିପରି ଜଣେ କରିତ୍‌କର୍ମା ହେଉଛନ୍ତି ଦିଲ୍ଲୀପ କୁମାର ସାମଲ। ପଲାଇ ସମ୍ଭ୍ରାନ୍ତ ଓ ଭାଇଚାରାର ବନ୍ଧନୀରେ ଥିବା ଏହି ଗାଁକୁ ନିଜ ସ୍ୱାର୍ଥ ପାଇଁ ସେ ଯେଉଁସ୍ତରକୁ ଯାଇ ନିନ୍ଦିତ କରିସାରିଲେଣି ତାହା ଅଞ୍ଚଳବାସୀଙ୍କୁ ଗଭୀର ଦୁଃଖ ଦେଇଛି। ଏହି ଅଞ୍ଚଳର ସଚେତନ ନାଗରିକ ବନ୍ଧୁ, ଯୁବଛାତ୍ର ଓ ରାଜନୈତିକ ଦଳର ସୁଧୀବୃନ୍ଦମାନେ ଅତ୍ୟନ୍ତ ମର୍ମାହତ। ଏହି ଚରଣ ଚୁଟିଆ ଦଲାଲ ଛଦ୍ମବେଶୀ 'କୁଜିନେତା' ଲିଫଲେଟ୍ ଜରିଆରେ ନିଜ କଳା କୁକର୍ମକୁ ଲୁଚାଇ ଅନ୍ୟକୁ ଆଙ୍ଗୁଳି ଦେଖାଇବାକୁ ଚାହିଁଛି। ପରଧନରେ ମଙ୍ଗଳବାର ପରି କେନ୍ଦ୍ରାପଡ଼ାରେ ନିଜ ପରିବାର ରହୁଥିବାରୁ ସେଠାରେ ଏହି ଭଦ୍ରବ୍ୟକ୍ତି ପ୍ରତିଦିନ ସ୍କୁଟି ନେଇ କୋଡିଏ କିଲୋମିଟର ଦୂର ପଲାଇର କଟିକଟା ଛକକୁ ଆସନ୍ତି ନିଜ ଟାଉଟରି ବିଦ୍ୟା ଦ୍ୱାରା ଖୋସଣୀରେ କିଛି ପଇସା ପକାଇବାକୁ। ତାଙ୍କର ଏକ ବାଇକ ଥିଲା କିନ୍ତୁ କିଛି ଜାଲିଆ ଧନ୍ଦାରେ ଅର୍ଥ ହଡ଼ପ କରିଥିବାରୁ ବନ୍ଦରେଶ୍ୱରର ଜଣେ ଭଦ୍ରବ୍ୟକ୍ତି ସେ ବାଇକକୁ ତାଙ୍କ ଠାରୁ ଛଡ଼ାଇ ରଖିଥିଲେ। ଆଜିଯାଏ ସେ ତାଙ୍କୁ ଆଉ ଦେଉନାହାଁନ୍ତି।

ଆଜିର ରାଜନୀତିର କ୍ଷେତ୍ର ଅତ୍ୟନ୍ତ ବିଚିତ୍ର। ନିଜ ସ୍ୱାର୍ଥ ପାଇଁ ବାପ-ମାଆ, ଭାଇ-ଭଉଣୀ ଏଥିରେ ବଳୀ ପଡ଼ିଯାଉଛନ୍ତି। ରାଜନୀତିରେ କିଛି ଲୋକ ଏଣ୍ଡୁଅପରି ରଙ୍ଗ ବଦଳାନ୍ତି କିନ୍ତୁ ଆଜିର ସମୟରେ ଗୋଟିଏ ଗୋଟିଏ ବିଚିତ୍ର ବହୁରୂପୀ ଏଣ୍ଡୁଅ ଅଛନ୍ତି। ପ୍ରଥମେ କଂଗ୍ରେସ ସମର୍ଥନରେ ସମିତି ସଭ୍ୟ ଜିତିଯାଇ ଯାହା ପଇସାରେ ଜିତିଲା ସେ ସରପଞ୍ଚ ସହ ବେଇମାନ କରି ଦିଲ୍ଲୀ, ଆଗ୍ରା, ସିମଲା ଯାଇ ବୁଲିଲା, ଲୋକଙ୍କ ଠାରୁ ପଇସା ଆଦାୟ କରି ଚଳିଲା। ତା'ପରେ ଆସିଲା ଆଉ ଗୋଟେ ପଞ୍ଚାୟତ ନିର୍ବାଚନ। ଏଥିରେ ଗୋଟେ ପଞ୍ଚାୟତରେ ବିଜେଡ଼ି ଓ ଆଉ ଗୋଟେ ପଞ୍ଚାୟତରେ ବିଜେପିକୁ ସମର୍ଥନ କରି ସେମାନଙ୍କ ଗୋଛି କାଟିଲା। ଗୋଟିଏ ପଞ୍ଚାୟତରେ ୮୭ ଜଣ ଗରିବ ହିତାଧିକାରୀଙ୍କ ଠାରୁ ଜଣ ପିଛା ତିନି ହଜାର ଟଙ୍କା ଲେଖାଏଁ ପାଇଖାନା ବାବଦରେ ମୋଟ ତିନି ଲକ୍ଷ ଟଙ୍କା ଚଳୁକଲା ଓ ଆଉ ପ୍ରାୟ ଲକ୍ଷାଧିକ ଟଙ୍କା ଲୋକଙ୍କ ଠାରୁ ଆଦାୟ କରିନେଲା। ସରପଞ୍ଚଙ୍କ ପାଖରୁ ତଣ୍ଟିଆ ଖାଇ ଗଣି ଗଣି ସବୁ ପଇସା ଘର ଘର ବୁଲି ଫେରାଇଲା ଏ ଦଲାଲ। ଏ ଚତୁର ଦଲାଲର ଆଉ ଗୋଟେ ଦଲାଲୀ କାମ ଦେଖନ୍ତୁ। ତିନୋଟି ପିଲାର ବାପ ହୋଇ ସରକାରୀ ଡାକ୍ତରଖାନାରେ ରେକର୍ଡ଼ ଜାଲିଆତି କରି ନିର୍ବାଚନ ଲଢ଼ି ପଞ୍ଚାୟତର କୁଜିନେତା ବୋଲାଉଥିବା ଏ ଠକଟି ହେଲା - ମା'ଧାନକୁଟି ପୁଅ ନାଗର। ଆଉ ପର ପଇସାରେ ଚଳି ଅୟସ କରୁଥିବା ଏ ଦଲାଲର ରୋଜଗାର କ'ଣ? ତାକୁ ପଚାର - ପ୍ୟାଣ୍ଟ, ସାର୍ଟ, ଚଡି ଓ ଗଞ୍ଜି ଓ ଜ୍ୟାକେଟ କିଣିବାକୁ କେତେ ଶହ ଲୋକଙ୍କ ଠାରୁ କେତେ ଟଙ୍କା ମାଗି ପିନ୍ଧିବୁଲୁଚି ସେ? ଘର ପଲେଇ ଗାଁରେ, ଭୋଟର ହୋଇଛି ବିକ୍ରମତିରଣ ଗାଁରେ ଏବଂ ରହୁଛି ଯାଇ କେନ୍ଦ୍ରାପଡ଼ା ଜିଲ୍ଲାରେ। ପୂର୍ବତନ ଜିଲ୍ଲାପାଳଙ୍କ ନାମକୁ ବିକି ଧରମ ମାମୁଁ ପରିଚୟ ଦେଇ କେତେ ଲୋକଙ୍କ ଠାରୁ ଏ ଚାନ୍ଦା ଆଦୟ କରିଛି ତାର ହିସାବ ଦେବ କି? 'ଓଳାଶୁଣୀ' ମଠରେ ହୋଟେଲ ଭଳି ରୁମ୍‌ରେ ରହି ମଦ ମାଂସରେ ବୁଡ଼ି ରହୁଥିବା ଏ 'ଚୋକା ମହନ୍ତ'ର ସବୁ ଗୋଟି ଗୋଟି ଗୁମର ଗ୍ରାମବାସୀଙ୍କ ପାଖରେ ରହିଛି। ନିଜ ଜୀବନ ସାରା ଗରିବ, ଅସହାୟ ଓ ଅବହେଳିତ ଲୋକଙ୍କ ପଇସା ଲୁଟି ଚଳୁଥିବା ଏ ଭଦ୍ରପୋଷାକଧାରୀ ଜୀବ - ତା'ଜୀବନରେ କେବେ ଗୋଟିଏ ଲୋକକୁ କର୍ମ ସଂସ୍ଥାନ ଦେଇଛି କି? ଜୀବନରେ କେହି ଅସହାୟ ମଣିଷକୁ ସାହାଯ୍ୟ କରିଛି କି? ଏ ମିଥ୍ୟାବାଦୀର ଦୁଇ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇବି ପଡ଼ିରହିଥିବା ଗ୍ରୀଡ଼ ଷ୍ଟେସନ କାମ ଆରମ୍ଭ ହେଲା ବେଳକୁ ଏ ଟାଉଟରର ପୋଡୁଛି କାହିଁକି? ଏହି ଗ୍ରୀଡ ଷ୍ଟେସନ କାର୍ଯ୍ୟକଲେ ଆଖପାଖ ପଚାଶରୁ ଉର୍ଦ୍ଧ୍ୱ ଗ୍ରାମ ଉଚ୍ଚମାନର ବିଦ୍ୟୁତ୍ ସେବା ସହ ସ୍ଥାନୀୟ ଅଞ୍ଚଳର ଯୁବକମାନେ ମଧ କର୍ମସଂସ୍ଥାନ ପାଇବେ। ବାରବାଟୀ ଯଜ୍ଞ ପଡ଼ିଆରେ ଦୋକାନ ଖୋଲି ଟଙ୍କା ଆଦାୟ କରୁଥିବା ଠକ ବିରୁଦ୍ଧରେ ପାଟି ଖୋଲୁନି କାହିଁକି? ପ୍ରଥମେ କଂଗ୍ରେସ, ପରେ ବିଜେଡ଼ି ଓ ଏବେ ବିଜେପିର ଗୋଡ଼ ଧରିଥିବା ଏ ଛଦ୍ମବେଶୀ ପ୍ରବୃତ୍ତିର ଜଣେ ରଙ୍ଗ ବଦଳାଉଥିବା ଏଣ୍ଡୁଅ। ଜଣେ ଛଦ୍ମ ଲେଙ୍ଗୁଟିଧାରୀ ଭଦ୍ରଲୋକ ହାତରେ ଭାଇ ବଗିଚାରେ ଲିଫ୍‌ଲେଟ ଲେଖି ବିଜେଡ଼ିର ମିଶିବାକୁ ଗୋଡ଼ ଧରୁଥିବା ଏ ବହୁରଙ୍ଗୀ ଏଣ୍ଡୁଅ ପ୍ରତ୍ୟାଖ୍ୟାତ ହେବାପରେ ଏବେ କାନ୍ଦୁଛି। ଯିଏ ନିଜ ବାପା-ମାଆକୁ ଦିନେ ଅନାଇନି। ଯିଏ ତା ନିଜ ବୋପାର କି ମାଆର ନୁହେଁ ସେ କିଭଳି ଗାଁର ହୋଇପାରିବ? ଏ ବିଚାର କରିବେ ଗାଁବାଲା, ଭଗବାନ ନାମକୁ ଧରି ମିଛ ଅଭିଯୋଗର ତା ପେଡ଼ି ଖୋଲୁଥିବା ଏ ମିଛ ଅଭିଯୋଗକାରୀର ଆପତ୍ତି ଅନେକ ଭୟାନକ କାଣ୍ଡ କାରଖାନାର ଗୁମର ଖୁବ ଶୀଘ୍ର ଖୋଲିବାକୁ ଯାଉଛି। ଭଣ୍ଡ ବାବାଜୀକୁ ସୁରକ୍ଷା ଦେବାକୁ ଯାଇ ଭଣ୍ଡାମୀ କରୁଥିବା ଏ ଟାଉଟରକୁ ସେହି ଅରକ୍ଷିତ ହିଁ ସଦ୍‌ବୁଦ୍ଧି ଦିଅନ୍ତୁ। ସାଧାରଣ ପାଠକଟିଏ ହୁଅନ୍ତୁ ବା ଅଞ୍ଚଳବାସୀ ଏପରି କରିତ୍‌କର୍ମା ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ସଚେତନ ରହିଲେ ନିଜର ମଙ୍ଗଳ ଆଉ ସମାଜର ମଙ୍ଗଳ।

+ସାମାଜିକ କର୍ମୀ ଓ ରାଜ୍ୟ ସଂଯୋଜକ 'ମିଡ଼ିଆ ୱାଚ୍'

ସତ୍ୟନଗର, ଭୁବନେଶ୍ୱର

## କବିତା କୋଣାର୍କ



### ପରିବର୍ତ୍ତନ...

ସିଦ୍ଧେଶ୍ୱର ତ୍ରିପାଠୀ

ଘଣ୍ଟାର ସେକେଣ୍ଡ କଣ୍ଟା ସାଥିରେ
ବଦଳୁଛି ସବୁକିଛି
ମିନିଟ କଣ୍ଟାଠୁ ଘଣ୍ଟାକଣ୍ଟା
ଦିନରୁ ରାତି ରାତିରୁ ଦିନ
ବାରରୁ ସପ୍ତାହ ସପ୍ତାହରୁ ମାସ
ମାସରୁ ବର୍ଷ ବର୍ଷରୁ ଯୁଗ
ସବୁକିଛି ବଦଳି ଯାଉଛି
ଧିରେ ଧିରେ ।

ଏଇ ବଦଳିବା ସାଥିରେ ବଦଳୁଛି
ମଣିଷର ବୟସ ଶରୀର ମାନସିକତା
ଦୃଷ୍ଟିକୋଣ ଆଉ ଇଚ୍ଛା ସବୁ କିଛି ।

କଣ୍ଡେଇ ଧରି ଖେଳୁଥିବା ହାତ
ଖଡ଼ି ଧରୁଛି ପାଠ ପଢୁଛି
କାଗଜ ଧରୁଛି କଲମ ଧରୁଛି
ଦୂର କରି ପାରୁଛି ଅଜ୍ଞାନ ଅନ୍ଧାର ।

କେତେ ହସ ଖେଳ
ସବୁ ଯାଉଛି ଅଟକି
କର୍ତ୍ତବ୍ୟ ଆଉ ଦାୟିତ୍ୱର
ଆଭାସ ସାଥିରେ
ଝୁଣ୍ଟୁ ଥିବା ଦୁଇ ପାଦ
ଧିରେ ଧିରେ ଦଉଡୁଛି
ଏ ଅଚିହ୍ନା ଦୁନିଆ ବାଟରେ ।

ଭୋକ ଆଉ ଭେକ
ନେଇ ଯାଆନ୍ତି ସଞ୍ଚିତ ସମୟ ସାଥେ
ଅର୍ଥ ଆଉ କିଛି ଦୁଃଖ ସୁଖ ।

ଥକିଗଲେ ପାଦ ଆସେ ନାହିଁ ନିଦ
ଅକାରଣେ ମିଳେ ପୁଣି
କେତେ ଅପବାଦ
ଶେଷରେ ବି ବାକି ଥାଏ ଭୟ
ଦେହ ଜଳେ ମଶାଣୀ ଭୂଇଁରେ
ରହିଯାଏ ଖାଲି ପରିଚୟ ।

ଶୈଶବରୁ କୈଶୋର ଆସୁଛି
ମହ ମହ ଯୌବନ ବାସୁଛି
ଏ ବୟସ ଝାଉଁଳିଲେ ଜରା
ଯେଉଁବାଟେ ଝରିଥାଏ
ସେ ଝରା ଶ୍ରାବଣ
ସେଇବାଟେ ଭେଟ ହୁଏ ଧୁ ଧୁ ଖରା।

କେତେ ବେଳେ ଟିକି ଓଠେ ହସ
ଆଉ କେବେ ସୁଖର ଆଭାସ
କେବେ ଧାଁ ଦଉଡର ଦିନ
କେବେ ଥକି ପଡିଥିବା
ସେଇ ପାଦ ଚିହ୍ନ ।

କବିର ଘର
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୭୦୦୮୩୧୫୦୪୦

## କବିତା କୋଣାର୍କ

### ତମେ ମୁଁ ଆଉ ସମୁଦ୍ର ...

ଜୁମର ନାଥ ପାତ୍ର

ଏତେ ଗୁମସୁମ ଯେ
କୋଉଠି ହଜିଛ
ଭଲପାଅ ବୋଧେ
ବେଳାଭୂମି ଆଉ ସମୁଦ୍ର
ମନଭରି ଚାହିଁଛ ଢେଉ ମାଳାକୁ
ଆନନ୍ଦ ଦିଏ କି ସମୁଦ୍ର ତମକୁ

ଭୀଷଣ ଭୟ ଲାଗେ...
କାହିଁକି... ସମୁଦ୍ର ତ ଉଦାର
ତା'ର ଉଦାରପଣରେ ତ କବି
ବିଭୋର

ସେସବୁ କବିର ଭାବନା...
କେତେ ବସନ୍ତ ପାରେଇଛ
ଏଇ ପଚାଶ ହବ...
ଜୀବନର ବିଶାଳ ଅଂଶ
ଦେଖ ଏ ସମୁଦ୍ରର ବିଶାଳତାକୁ
ପରଖି ନିଅ ଟିକେ
ନିଜ ଜୀବନର କିଂଚିତ ବିଶାଳତାକୁ
ଆବୋରି ନେଇଛନା
ଜ୍ଞାତି କୁଟୁମ୍ବ ବନ୍ଧୁ ପରିଜନଙ୍କୁ
ତମ ବିଶାଳ ହୃଦୟରେ
ସ୍ନେହ ଭଲପାଇବା ମମତା ରେ...
ସମୁଦ୍ର କେମିତି ଭୟଙ୍କର ଯେ
ତା' ବିଶାଳତା ପରିଚୟ ଦିଏ
ତା ଉଦାରପଣରେ...

ଏଠି ଏକା... ପୁଣି
ମୋ ଭଳି ଅଚିହ୍ନା ମଣିଷ ସହ
ଏଇ ବେଳାଭୂମିରେ...
କିଛି ଭାବନା ଅନୁଶୋଚନା ଆସୁନି
ତମ ମନରେ ମୋ ପ୍ରତି

ସେସବୁ ଆଜି ଅମୂଳକ...
କେମିତି...ତମ ସହ ଆଉ..
ହେଇ ପେଟେ ପାଣିରେ ମୋ ମିଷ୍ଟର..
ଆମକୁ ଦେଖି କ'ଣ ଭାବୁଥିବେ
କିଛି ଭାବି ସନ୍ଦେହ କରିବାର
ଅବକାଶ ନାହିଁ...
କାହିଁକି...
ସେ କ'ଣ ସମୁଦ୍ର ଭଳି ଉଦାର
ନା...ସେ ମୋ ଅସ୍ଥି ବିସର୍ଜନ ରେ...
ଓ ...ହେଲେ କେମିତି ଏମିତି...
ଭଲଲୋକି ଦେଖେଇବାକୁ
ହତ୍ୟାକୁ ଆତ୍ମହତ୍ୟାର ରୂପ ଦେଇ
ଆଉ ତୁମେ ଏଠି କେମିତି...

ଆଉ କିଛି ସମୟ ଗପିବା
ମୁଁ ତମକୁ ଚିହ୍ନିନି କି
ତମେ ମୋତେ... ତଥାପି
ଏ ବେଳାଭୂମିରେ ଗଢ଼ି ହେଇଛି
ଆମ ଭିତରେ ଅନୁଢ଼ା ସମ୍ପର୍କ ଟେ
ଏ ମୁହୂର୍ତ୍ତକୁ ଟିକେ ଉପଭୋଗ କଲେ
ଭାବୁଛି ତମର ଆପତ୍ତି ନାହିଁ
ହଁ ଯେ ତୁମେ କୁହ ତୁମେ ଏଠି
କ'ଣ ମୋ ପରି ଦଶା...
ନା ନା...
ମୋ ଅସ୍ଥି ବିସର୍ଜନ ହେଇଥିବ କି ନା
ମୋତେ ଅଜଣା... କାରଣ...
ହଁ କୁହ କ'ଣ କାରଣ...
ମୁଁ ପରା
ମୁଁ ପରା ଅଛୁଆଁ ରୋଗରେ...

+ ବାଲେଶ୍ୱର
୬୩୭୦୨୯୮୪୪୦
୯୯୩୮୩୬୮୭୨୫

### କର ଶ୍ରମର ଜୁହାର

ପ୍ରଶାନ୍ତ କୁମାର ରାଉଳ

ଶିରାଳ ହାତ ଯୋଗାଏ ଭାତ
ତା ପରି କିଏ କାହିଁରେ
ମୁଣ୍ଡର ଝାଳ ତୁଣ୍ଡରେ ମାରି
ସରାଗେ ଥାଏ ଚାହିଁରେ ।୧

ମାଟିରେ ମିଶି ହୁଏ ସେ ମାଟି
ଖରା ପିଠିଆ ତାହାର ଛାତି
ଶୁଏନା କେବେ ପଲଙ୍କ ପାତି
ଅଳସ ତାର ନାହିଁରେ ।୨।

ଖଣି ଖାଦାନେ କିଏ ସେ ପୁଣି
ରାସ୍ତା କାମରେ କଷ୍ଟ ନ ଗଣି
କରୁଛି ସେବା ତା ପରି ଗୁଣି
ସତେ କେ ଅଛି କାହିଁରେ,
ମହିମା ତା'ର ଗାଅରେ ।୩।

ଶ୍ରମରୁ ଶ୍ରମିକ ତା' ସ୍ଥିତି ଆର୍ଥିକ
ସବଳ ବା ଦୁରୁବଳ
ଭାବେନା ସେ ଦିନେ ,କ ର୍ବ୍ୟ ଜ୍ଞାନେ
ସାହା ପରମାର୍ଥ ବଳ ।୪।

ଶ୍ରମିକ ଦିବସ ଶିଖାଏ ଜଗତେ
ଶ୍ରମ ସୁଖ ଶାନ୍ତି ମୂଳ ,
ଶ୍ରମ ବିନୁ କାହିଁ ଜୀବନେ ଆନନ୍ଦ
କର ଶ୍ରମର ଜୁହାର ।।୫।।

+ ଜଳେଶ୍ୱର ,ବାଲେଶ୍ୱର
ମୋ-୮୧୪୪୮୬୪୫୮୪






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଭାଗ-୧୬**

ଡ. ସିନ୍ଧୁ ସେନ



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଆଉ ଆଉ ଦୁର୍ଯ୍ୟୋଧନ ବନ୍ଦକର ଏସବୁ । ବହୁତ ହୋଇଗଲା, ତୁମର ଏ ତାଚ୍ଛଲ୍ୟତା ମୋ ପାଇଁ ଅସହ୍ୟ । ସାମାନ୍ୟ ସୂତକୁମାର ମୁଁ । ତୁମେ ଯେଉଁଠି ରାଜକୁମାର । ମୁଁ ସେଠି ରାଜସେବକ । ରାଜା, ରାଜ୍ୟ ଏସବୁ ଆମ ଭାଗ୍ୟର ପ୍ରହସନ କେବଳ । ବରଂ ଏତକ କହିବି, ରାଜକୁମାର ହୋଇ ବି ତୁମର ଯେ ମୋ ପ୍ରତି ବିତୃଷ୍ଣା ପରିବର୍ତ୍ତେ ସ୍ନେହ ରହିଛି ତାହାହିଁ ମୋର ସୌଭାଗ୍ୟ । ଆଉ ଏଥିପାଇଁ ତୁମ ନିକଟରେ ମୁଁ ଋଣୀ ମଧ୍ୟ । ତୁମେ ମହାରାଜଙ୍କ ଜ୍ୟେଷ୍ଠକୁମାର । ମୋ ସହ ଏଠାରେ ବସି ଆଳାପ କରିବାର ଅନ୍ୟମାନଙ୍କ ଆଖିରେ ପଡ଼ିଲେ ସେମାନେ ତୁମକୁ ତାଚ୍ଛଲ୍ୟତା ଦେଖାଇ ପାରନ୍ତି । ତେଣୁ, ତୁମେ ବରଂ ସେମାନଙ୍କ ପାଖକୁ ଚାଲିଯାଅ । ମୋତେ ଏଠାରେ ଏକୁଟିଆ ନିରୋଳାରେ ବସିବାକୁ ଦିଅ ।

ଯାହା ଦେଖୁଛି, ମୋ କଥାରେ ତୁମେ ତାହେଲେ ରାଗିଲ କର୍ଣ୍ଣ । ମୋ ବନ୍ଧୁତାକୁ ଗ୍ରହଣ କରିବାକୁ ତୁମେ ତେବେ ପ୍ରସ୍ତୁତ ନୁହଁ ।

ନା ନା ଏମିତି ଭାବିବା ତୁମର ଆଦୌ ଠିକ୍ ନୁହେଁ । ତୁମେ ରାଜକୁମାର ଆଉ ମୁଁ ସୂତପୁତ୍ର, ତେଣୁ ଗୁରୁଦେବଙ୍କ ଆଦେଶରେ ତୁମର ଆଉ ମୋ ଭିତରେ ବ୍ୟବଧାନ ରହିବା ଆବଶ୍ୟକ । ଆଉ ସେଇଥିପାଇଁ ତୁମଠାରୁ ମୁଁ ଦୂରେଇ ରହେ । ଏକାଏକା ସମୟ ବିତାଇବାକୁ ଭଲପାଏ ।

ମୋ କଥାରେ ଦୁର୍ଯ୍ୟୋଧନ କ'ଣ ବୁଝିଲେ କେଜାଣି, ମୋତେ ଏକପ୍ରକାର ଆଲିଙ୍ଗନ କରି ଜାବୁଡ଼ି ଧରିଲେ । ଭାବବିହ୍ୱଳ କଣ୍ଠରେ କହିଲେ ଆଜିଠାରୁ ଆମେ ଦୁହେଁ ମିତ୍ର । ସମୟ ଆସିଲେ ଏ ମିତ୍ରତାର ପରିଚୟ ନିଶ୍ଚୟ ଦେବି । ଆମର ଏ ମିତ୍ରତା ଯୁଗଯୁଗ ପାଇଁ ଆଦର୍ଶ ହେବ । ସମଗ୍ର ଜଗତବାସୀଙ୍କୁ ଦେଖାଇଦେବା ଆମ ମିତ୍ରତାର ରଜ୍ଜୁ କେତେ ଦୃଢ଼ । ଆଜିଠାରୁ ଆମ ଦୁହିଁଙ୍କର ଗୋଟିଏ ପରିଚୟ ହେଉ । ତୁମେ ମୋ ପାଇଁ ସୂତକୁମାର ନୁହଁ କି ମୁଁ ତୁମ ପାଇଁ ରାଜକୁମାର ନୁହଁ । ଆମେ ଦୁହେଁ ପରସ୍ପରର ପରମ ବନ୍ଧୁ, ସଖା, ସହୋଦର ।

ଆସ କର୍ଣ୍ଣ, ମୋ ହାତରେ ହାତରଖି ହାତମୁଠାକୁ ଟାଣକର । ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କରି ଗଭୀର ଭାବେ ପରସ୍ପରକୁ ଜାଣିବା, ଅନୁଭବ କରିବା । ଏହାକହି ଦୁର୍ଯ୍ୟୋଧନ ମୋତେ ଗଭୀର ଭାବେ ଜାବୁଡ଼ି ଧରିଥିଲେ । ତାଙ୍କର ଆଲିଙ୍ଗନ ମଧ୍ୟରେ ଥାଇ ମୁଁ ତାଙ୍କର ବିଶାଳ ହୃଦୟର ସ୍ପନ୍ଦନକୁ ଗଭୀର ଭାବେ ଅନୁଭବ କରିପାରୁଥିଲି । ଅନୁଭବ କରିପାରୁଥିଲି ତାଙ୍କର ଘନଘନ ନିଃଶ୍ୱାସର ଉଷ୍ମତାକୁ । ଦୁହେଁ ଥିଲୁ ନିରବ । ନିରବରେ ଦୁହେଁ ଦୁହିଁଙ୍କୁ ଦେଖୁଥିଲୁ । ଅନୁଭବ କରୁଥିଲୁ । ସେ ଦିନର ଅନୁଭୂତି ମୋ ପାଇଁ ଥିଲା ଚିର ଅଭୁଲା । ମୁଁ ସେଦିନ ଏମିତି ଭାବବିହ୍ୱଳ ହୋଇ ପଡ଼ିଥିଲି ଯେ, ମୁଁ ଭୁଲି ଯାଇଥିଲି ମୋର ସଂପୂର୍ଣ୍ଣ ସ୍ଥିତିକୁ । ଭୁଲି ଯାଇଥିଲି ମୋ ବାପା, ମାଆ ବନ୍ଧୁ ପରିଜନ ଓ ଚତୁର୍ଦ୍ଦିଗର ପରିବେଶକୁ । ମୋର ଚତୁର୍ଦ୍ଦିଗର ପରିବେଶ ଥିଲା କେବଳ ଦୁର୍ଯ୍ୟୋଧନମୟ । ମୋ ଛାତି ତଳେ ଘନଘନ ଦୀର୍ଘଶ୍ୱାସ । ସେହିଦିନ ଠାରୁ ଦୁହେଁ ଦୁହିଁଙ୍କ ପାଖରେ ହୋଇଗଲୁ ବିଶ୍ୱସ୍ତ । ଦୁହେଁ ଦୁହିଁଙ୍କ ଠାରେ ବନ୍ଧା ହୋଇ ରହିଗଲୁ ଚିରଦିନ ଲାଗି । ପରବର୍ତ୍ତୀ କାଳରେ କେବଳ ଦୁର୍ଯ୍ୟୋଧନଙ୍କର ନୁହେଁ ସମସ୍ତ କୌରବ ଭାଇମାନଙ୍କ ପାଖରେ ମୁଁ ହୋଇଗଲି ବିଶ୍ୱସ୍ତ ବନ୍ଧୁ, ଆତ୍ମୀୟ, ସହୋଦର । ଯାହା ମୋ ଭବିଷ୍ୟତ ଜୀବନରେ ଏକ ନୂତନ ପଥ ଖୋଲିଦେବାରେ ସହାୟକ ହୋଇଥିଲା ।

- ଚଉଦ -

ଗୁରୁକୁଳ ଆଶ୍ରମରେ ସ୍ୱାଭାବିକ ଜୀବନ ବେଶ୍ ସୁରୁଖୁରୁରେ ଅତିବାହିତ ହେଉଥାଏ । ସାରାଦିନର କର୍ମକ୍ଳାନ୍ତ ଜୀବନ ଶେଷରେ ରାତ୍ରିସମୟ ହିଁ ଥିଲା ଆମପାଇଁ ବିଶ୍ରାମର ସମୟ । ସାରା ଆଶ୍ରମର ପରିବେଶ ଥିଲା ନିସ୍ତବ୍ଧ, ଶାନ୍ତ । ଘର ଭିତରେ ମୁଁ କିନ୍ତୁ ଶୋଇ ନଥିଲି । ଆଖିରେ ନିଦ ନଥିଲା । ବାହାରକୁ ଆସି ଖୋଲା ଆକାଶତଳେ ବସିଲି । ଶୁକ୍ଳପକ୍ଷ ଜ୍ୟୋସ୍ନାପ୍ଲୁତ ରଜନୀ । ବାହାରେ ମୃଦୁମୃଦୁ ପବନର ହିଲ୍ଲୋଳ । ବେଶ୍ ଭଲ ଲାଗୁଥିଲା । ରାତି ବି ବେଶି ହୋଇ ନଥିଲା । ଭାବିଲି, ଏଠି ବସିବସି କ'ଣ କରିବି । ବିଛଣା ଧରିଲେ ବି ନିଦ ଆସୁନି । ତେଣୁ ବରଂ ଶର ଅଭ୍ୟାସ କଲେ ତ ଭଲ ହୁଅନ୍ତା । ଗୁରୁଦେବ କହୁଥିଲେ ଅଭ୍ୟାସ ବଳରେ ସବୁକିଛି ସିଦ୍ଧ ହୁଏ । ଆଉ ଅସ୍ତ୍ର ଅଭ୍ୟାସ ଯେତେ ବେଶି ହେବ ସେତେ ପାରଙ୍ଗମ ହେବ ସେଥିରେ । ତେଣୁ ଅଯଥାରେ ସମୟ ନଷ୍ଟ କରିବା ଅପେକ୍ଷା ଶରଭ୍ୟାସ କରି ସମୟ କଟାଯାଉ ।

ହାତରେ ଧନୁଶର ଧରି ବାହାରକୁ ଆସିଲି । ଧନୁରେ ଶର ଯୋଖିବାକୁ ଯାଉଛି ପଛରୁ କାହାର ପାଦଶବ୍ଦ ଶୁଭିଲା । କିଏ ହୋଇପାରେ ? ତାଛଡ଼ା ଏତେ ରାତିରେ ମୋ ପାଖକୁ କିଏ ବା କାହିଁକି ଆସିବ ? ଆସିଲେ କେବଳ ଆସିପାରନ୍ତି ଦୁର୍ଯ୍ୟୋଧନ । କାରଣ ମସ୍ତିଷ୍କ ତାଙ୍କର ଖୁବ୍ ଅସ୍ଥିର । ଯେତେବେଳେ ମନକୁ ଯାହା ଆସିବ ତାକୁ କାର୍ଯ୍ୟରେ ପରିଣତ କରିବାକୁ ସେ ତତ୍ପର ହୋଇଉଠନ୍ତି । ଆଉ ସେଥିପାଇଁ ସେ ପରାମର୍ଶ ଲୋଡ଼ନ୍ତି । କିଏ ଜାଣେ, ଏମିତି କିଛି ଦ୍ୱନ୍ଦ୍ୱରେ ପଡ଼ି ସେ ମୋତେ ଲୋଡୁଥିବେ । ହେଲେ, ରାଜକୁମାର ସେ । ସୁଖନିଦ୍ରାରେ ଶୋଇବା ଯାହାଙ୍କ ଅଭ୍ୟାସ, ସେ ବା କାହିଁକି ଏମିତି ଅସମୟରେ ମୋ ପାଖକୁ ଆସିବେ । ଦୁର୍ଯ୍ୟୋଧନଙ୍କୁ ଛାଡ଼ି ମୁଁ ଯଦି ଏଠାରେ ଆଉ କାହାର ପ୍ରିୟଭାଜନ ହୋଇଥାଏ ସେ ହେଉଛନ୍ତି ଗୁରୁପୁତ୍ର ଅଶ୍ୱତ୍ଥାମା । ପ୍ରଚଣ୍ଡ ଧୀଶକ୍ତିର ଉତ୍ତରାଧିକାରୀ ସେ । ତାଙ୍କ ସହ ଦର୍ଶନ ଶାସ୍ତ୍ରର ଆଲୋଚନା କଲେ ମୁଁ ମୁଗ୍ଧ ହୋଇପଡ଼େ । ଜାଣେନା ପିତାଙ୍କର ଯେଉଁଠି ମୋ ପ୍ରତି ତାଚ୍ଛଲ୍ୟତା ସେଠି ଗୁରୁପୁତ୍ରଙ୍କର ଏତେ ଶ୍ରଦ୍ଧା କାହିଁକି ? ଅଶ୍ୱତ୍ଥାମାଙ୍କ ଉଦାରତା ଆଗରେ ମୁଣ୍ଡ ମୋର ନଇଁଯାଏ । ମୋ କାନ୍ଧରେ ହାତପକାଇ ଅଶ୍ୱତ୍ଥାମା ମୋରି ପାଖରେ ବସିଗଲେ ।

କଥା କ'ଣ, ମିତ୍ର । ରାତିରେ ଏକାକୀ ବାଣ ଅଭ୍ୟାସ କରୁଥିଲ ନା କ'ଣ ? ଯା ଦେଖୁଛି ତୁମେ ସମସ୍ତଙ୍କୁ ପଛରେ ପକାଇ ଆଗକୁ ଟପିଯିବ ନୁହେଁ ।

ନାହିଁ ଅଶ୍ୱତ୍ଥାମା । ସେମିତି ଧାରଣା ତୁମ ମୁଣ୍ଡରେ ପଶିଲା କେମିତି ? ତାଛଡ଼ା ତୁମକୁ ଆଉ ଅର୍ଜୁନକୁ ଟପିଯିବାର ସାହସ କାହାର ବା ଅଛି ଏ ଆଶ୍ରମରେ । ବିଛଣାରେ ପଡ଼ିପଡ଼ି ନିଦ ଆସୁ ନଥିଲା ତ । ତେଣୁ ବାହାରେ ବସିଥିଲି ।

ଓଃ ମୋ କଥା ତୁମକୁ ବହୁତ ଆଘାତ ଦେଲା ନା । ବିଶ୍ୱାସ କର । ତୁମେ ଦିନେ ଜଣେ ମହାବୀର ହୋଇ ଧନୁର୍ବିଦ୍ୟାରେ ନିପୁଣ ହୁଅ । ଏହା ହିଁ ମୋର ତୁମକୁ ଶୁଭେଚ୍ଛା ।

ସତକହୁଛ ଅଶ୍ୱତ୍ଥାମା । ଏହା କ'ଣ ସତରେ ତୁମର ମନର କଥା ନା ପରିହାସରେ ମୋ ପ୍ରତି ଏକ ଆକ୍ଷେପ ।

ଓହୋ କର୍ଣ୍ଣ! ମୁଁ ଜାଣେ ପରା ତୁମର ମୋ କଥାରେ ବିଶ୍ୱାସ ନାହିଁ । ଦେଖୁନ, ଆମମାନଙ୍କ ଭିତରେ ଅର୍ଜୁନ କେମିତି ସମସ୍ତଙ୍କୁ ଟପିଯିବାକୁ ବସିଲେଣି, ଏପରିକି ବାପାଙ୍କର ମଧ୍ୟ ପ୍ରିୟଶିଷ୍ୟ ହୋଇଗଲେଣି ।

ସତ କହିବ ଅଶ୍ୱତ୍ଥାମା । ତୁମର କ'ଣ ଦୁଃଖ ହୁଏନି ଏଥିରେ ।

ହଁ ପିତା ହୋଇ ନିଜ ପୁତ୍ର ଠାରୁ ଆଉ ଯଦି କାହାକୁ ଅଧିକ ସ୍ନେହ କରନ୍ତି ତେବେ କେଉଁ ପୁତ୍ର ବା ସହିପାରିବ ଏସବୁ ।

ଲକ୍ଷ୍ୟକଲି ଅଶ୍ୱତ୍ଥାମାଙ୍କ ମୁହଁର ତେଜ କ୍ରମଶଃ ଫିକା ପଡ଼ିଯାଉଥିଲା । ମୁଁ କିଛି ଭାବି ପାରୁ ନଥିଲି ।

ଶୁଣିଥିଲି ପୁତ୍ର ସ୍ନେହୀ ଦ୍ରୋଣାଚାର୍ଯ୍ୟଙ୍କ ନିଜ ପୁତ୍ର ପ୍ରତି ଅନେକ ଦୁର୍ବଳତା । ଅନ୍ୟାନ୍ୟ ଶିଷ୍ୟମାନଙ୍କ ଠାରୁ ନିଜ ପୁତ୍ରକୁ ସର୍ବାଗ୍ରେ ରଖିବାପାଇଁ ଅନେକ ଗୋପନୀୟ ବିଦ୍ୟା ତାଙ୍କୁ ଶିଖାଇ ଦେଇଛନ୍ତି । ଏପରିକି, ନିଭୃତରେ ବ୍ରହ୍ମାସ୍ତ୍ର ବିଦ୍ୟା ମଧ୍ୟ ଶିଖାଇ ଦେଇଛନ୍ତି ପୁତ୍ରକୁ, ଅଥଚ ଆଜି ଯେମିତି ପ୍ରଥମ କରି ଅନୁଭବ କରୁଥିଲି ତାଙ୍କ ମନର କ୍ଷୋଭକୁ । ତେବେ ତାଙ୍କର କ୍ଷୋଭ କ'ଣ ଏଇଥିପାଇଁ ନିଜ ପିତା ତାଙ୍କ ଠାରୁ ଅର୍ଜୁନଙ୍କୁ ଅଧିକ ସ୍ନେହ କରନ୍ତି ବୋଲି ।



ମୋତେ କିନ୍ତୁ ବେଶି ମୁଗ୍ଧ କରୁଥିଲା ମୋ ପ୍ରତି ତାଙ୍କର ମିତ୍ରତା ଭାବକୁ । ସତରେ କ'ଣ ଗୁରୁପୁତ୍ର ମୋତେ ମାତ୍ରାଧିକ ଭଲପାଆନ୍ତି, ନା ଏସବୁ ତାଙ୍କର ଛଳନା । ମନେମନେ ମୁଁ ନିଜକୁ ଧନ୍ୟ ମନେ କରୁଥିଲି । ସେଦିନ ଜ୍ୟେଷ୍ଠ କୌରବ ଦୁର୍ଯ୍ୟୋଧନ ମୋ ଆଡ଼କୁ ମିତ୍ରତାର ହାତ ମିଳାଇ ମୋତେ ଋଣୀ କରି ଦେଇଛନ୍ତି, ଆଉ ଆଜି ପୁଣି ଅଶ୍ୱତ୍ଥାମା ବଢ଼ାଉଛନ୍ତି ମିତ୍ରତାର ହାତ । ମୁଁ ତେଣୁ ଏଠାରେ ଅଭାଗା ହେଲି କେମିତି । ଏ ତ ମୋର ପରମ ସୌଭାଗ୍ୟ । ମୋତେ ଯେମିତି ଲାଗୁଥିଲା, ଏମିତି ଦୁଇ ମିତ୍ରଙ୍କ କୋମଳ ହାତ ସ୍ପର୍ଶରେ ମୋ ଅଂଗରୁ ପୋଛିହୋଇ ଯାଇଥିଲା ସୂତପୁତ୍ର କଳଙ୍କର ଦାଗ ।

ଛାଇଛାଇ ଜ୍ୟୋସ୍ନାର ଆଲୁଅ ତଳେ ଆମେ ଦୁହେଁ ବସିଥାଉ । ଆମ ଭିତରେ ଅନେକ କିଛି ଆଲୋଚନା ଚାଲିଥାଏ । ଅଶ୍ୱତ୍ଥାମାଙ୍କ ଶାସ୍ତ୍ରଦର୍ଶନ ତତ୍ତ୍ୱରେ ବିମୁଗ୍ଧ ମୁଁ । ଆଲୋଚନାର ପରିସର କ୍ରମଶଃ ବଢୁଥିଲା । କଥାଛଳରେ ଜାଣିବାକୁ ପାଇଲି ଅନେକ ଭିତିରିଆ ରହସ୍ୟ । ଅଶ୍ୱତ୍ଥାମା କହୁଥିଲେ ଏଠି ରାଜପରିବାରର କୁମାରମାନେ ଏକାଠି ଶିକ୍ଷାଲାଭ କରୁଛନ୍ତି ସତ, ହେଲେ ଦୁହିଁଙ୍କ ମଧ୍ୟରେ ଭିତରେ ଭିତରେ ପ୍ରବଳ ଶତ୍ରୁତା ବସା ବାନ୍ଧିବାରେ ଲାଗିଛି । ଏମିତି ଦିନେ ହୁଏତ ସମୟ ଆସିବ ଏ ଶତ୍ରୁତାର ଉତ୍କଟ ବିଷ ସଞ୍ଚରିଯିବ ସମଗ୍ର ହସ୍ତିନାପୁରକୁ । ଆଉ ଏହି ବିଷର ଜ୍ୱାଳାରେ ବିଷମୟ ହୋଇଯିବେ ସମସ୍ତେ । ଏବେ ବି ଶିକ୍ଷା ସଂପୂର୍ଣ୍ଣ ହୋଇନି । ଅଥଚ ହସ୍ତିନାପୁରର କିଏ ହେବ ଭାବି ଯୁବରାଜ ଏ ନେଇ କନ୍ଦଳ ଲାଗିଛି ରାଜପୁରୀରେ । ଆଉ ଏହାର ପ୍ରଭାବରେ ପ୍ରଭାବିତ ହୋଇ ପଡ଼ିଛନ୍ତି ରାଜକୁମାର ମାନେ । ତେଣୁ, ଆଗାମୀ ଦିନରେ ହସ୍ତିନାପୁର ବାସୀଙ୍କୁ ଏମିତି ଏକ ଦୁର୍ଯୋଗକୁ ଯେ ସମ୍ମୁଖୀନ କରିବାକୁ ପଡ଼ିବ ଏ ନେଇ ଶଙ୍କା ଜାଗୁଛି ସମସ୍ତଙ୍କ ମନରେ । ମୋତେ ଏସବୁ ଆଶ୍ଚର୍ଯ୍ୟ ଲାଗୁଥାଏ ।

ଅଶ୍ୱତ୍ଥାମାଙ୍କ ମୁହଁରୁ ହସ୍ତିନାପୁରର ସମ୍ବାଦ ମୁଁ ଯେତେ ଯେତେ ଶୁଣୁଥାଏ ସେତେ ବେଶି ଆଗ୍ରହ ବଢୁଥାଏ ମନରେ । ଅଶ୍ୱତ୍ଥାମା ଗୁରୁପୁତ୍ର । ଏସବୁ ସମ୍ବାଦ ସେ ତା ପିତାଙ୍କ ଠାରୁ ପାଏ । ଆଉ ଅବସର ପାଇଲେ ମୋତେ ସେସବୁ ଶୁଣାଇଦିଏ । ବାସ୍ତବରେ ଅଶ୍ୱତ୍ଥାମା ଅନେକ ସୁଗୁଣର ଅଧିକାରୀ । ଗୁରୁପୁତ୍ର ହେଲେ ଗୁରୁଙ୍କ ପରି ଏତେଟା କ୍ରୋଧୀ ନୁହେଁ । ମିଷ୍ଟଭାଷୀ, ସରଳ, ମେଳାପୀ ବ୍ୟକ୍ତିତ୍ୱ ଥିଲା ତାର । ଅଶ୍ୱତ୍ଥାମା କେବଳ ଜଣେ ପ୍ରସିଦ୍ଧ ଧନୁର୍ଦ୍ଧାରୀ ନୁହଁନ୍ତି, ଏକାଧାରରେ ଜଣେ ବ୍ରହ୍ମଜ୍ଞାନୀ ମଧ୍ୟ । ଜଣେ ଯୋଗ୍ୟପିତାର ଉତ୍ତରାଧିକାରୀ ଭାବରେ ପିତାଙ୍କ ଠାରୁ ସେ ପାଇଛନ୍ତି ବେଦ, ବେଦାନ୍ତର ଜ୍ଞାନ । ଯାହା ତାଙ୍କୁ ପ୍ରଚଣ୍ଡ ଧୀଶକ୍ତିର ଅଧିକାରୀ କରିପାରିଛି । ଅନେକ ଭବିଷ୍ୟତ କଥା ସେ ଜାଣିପାରନ୍ତି । ତାଙ୍କ ସହ ଆଲୋଚନା କଲେ ମୋର ମଧ୍ୟ ଅନେକ ଜ୍ଞାନ ବଢ଼େ । ମୁଁ ତେଣୁ ଅଶ୍ୱତ୍ଥାମାକୁ ଶ୍ରଦ୍ଧା କରେ, ସମ୍ମାନ କରେ । ତାଙ୍କ ସହ ଜ୍ଞାନର ତର୍ଜମା କରିବାକୁ ଭଲପାଏ ।

ଅଶ୍ୱତ୍ଥାମା କହୁଥିଲେ, ଜାଣ ମିତ୍ର ରାଜଭବନରୁ ମହାମନ୍ତ୍ରୀ ବିଦୁର ଆସିଥିଲେ ବାପାଙ୍କ ପାଖକୁ । ଅନେକ କଥା ଆଲୋଚନା କରୁଥିଲେ । ତାଙ୍କ ମୁହଁରୁ ଶୁଣିଲି, ମହାରାଜ ଧୃତରାଷ୍ଟ୍ର ଜନ୍ମାନ୍ଧ । ପ୍ରକୃତ ରାଜା ଥିଲେ ପାଣ୍ଡୁ । ତାଙ୍କ ଅନୁପସ୍ଥିତିରେ ଧୃତରାଷ୍ଟ୍ର ନାମକୁ ମାତ୍ର ଶାସନ କରୁଥିଲେ । ଏବେ କିନ୍ତୁ ହସ୍ତିନାପୁର ରାଜ୍ୟର କିଏ ଯୁବରାଜ ହେବ ଏ ନେଇ ଦୁଇ ପରିବାର ମଧ୍ୟରେ ଲାଗିଛି କନ୍ଦଳ । ଏ କନ୍ଦଳ ଦିନେ ଭୟଙ୍କର ରୂପ ନ ନେବ ତାହା କିଏ କହିପାରିବ ? ଦୁଇ ପରିବାରରେ ଏ ଯେଉଁ ଶତ୍ରୁତା ସୃଷ୍ଟିହେବାକୁ ଯାଉଛି ଆଗାମୀ ଦିନରେ ହସ୍ତିନାପୁର ଧ୍ୱଂସର ବାଟ ଫିଟିଯାଉଛି କହିଲେ ଅତ୍ୟୁକ୍ତି ହେବନି ।

ଅଶ୍ୱତ୍ଥାମାଙ୍କ କଥା ଶୁଣିବା ପରେ ମୋ ମନରେ ଭରିଯାଉଥିଲା ଅନେକ ଆଶଙ୍କା । ହସ୍ତିନାପୁର ଆକାଶରେ ଆଗାମୀ ଭବିଷ୍ୟତରେ ଯେ ଦିନେ କଳାମେଘ ଘୋଟି ଆସିବ, ପ୍ରଳୟ ହେବ ଏ ତାର ପୂର୍ବସୂଚନା ନୁହେଁ କି ?

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

---

## ସମ୍ପର୍କର ରଙ୍ଗ

# ଅନାବଶ୍ୟକ ଫୋନ୍ ସମ୍ପର୍କରେ ଦୂରତା ଆଣେ

ଶ୍ୱେତା ରାଉତ୍



ଆଜି 'ସମ୍ପର୍କର ରଙ୍ଗ'ରେ କିଛି ଦୈନନ୍ଦିନ ଜୀବନରେ ଅପ୍ରିୟ ସତ୍ୟ ଉପସ୍ଥାପନା କରୁଛି ଯାହା ସମସ୍ତଙ୍କ ଜୀବନରେ ଘଟୁଥିବ। ସମ୍ପର୍କ ତୁଟି ଯିବାକୁ ନେଇ ଆମେ ସବୁବେଳେ ମଣିଷମାନଙ୍କୁ ଦୋଷ ଦିଅନ୍ତି କିନ୍ତୁ ଗୋଟେ ସୌଖୀନ ବସ୍ତୁ (ମୋବାଇଲ)ଯେ ବିରାଟ ବିରାଟ ସମସ୍ୟା ଉପୁଜାଇ ସମ୍ପର୍କ ତୁଟାଇପାରେ ଏହା ଆମେ ଅସ୍ୱୀକାର କରିପାରିବାନି।

ଝିଅଟିଏ ବାହାହୋଇ ଶାଶୁଘରକୁ ଯାଉଯାଉ ବାପଘର ଲୋକଙ୍କ ଘନ ଘନ ଫୋନ୍, ସ୍ନେହ ଆଳରେ ଝିଅକୁ ମାଆର କୁମନ୍ତ୍ରଣା ଏବଂ ଶାଶୁଘରେ ଛୋଟ ଛୋଟ କଥାରେ ଝିଅ ବାପଘରକୁ ଫୋନ୍ କରି ଶାଶୁଘର ସମ୍ବନ୍ଧରେ ଦିନତମାମ୍ ଚୁଗଲି କରବା ଓ ବାପଘର ଲୋକଙ୍କର ଝିଅର ବୈବାହିକ ଜୀବନରେ ସଦାସର୍ବଦା ହସ୍ତକ୍ଷେପ କରିବାର ଏକ ପ୍ରମୁଖ ମାଧ୍ୟମ ମୋବାଇଲ।

ବିବାହିତ ନଣନ୍ଦମାନେ ନିଜ ଶାଶୁ, ଶ୍ୱଶୁରଙ୍କୁ ମୁଠେ ଖାଇବାକୁ ଦେଉନଥିବେ, ଶାଶୁ ଶ୍ୱଶୁରଙ୍କୁ ଛାଡି ଦାୟିତ୍ୱରୁ ମୁକ୍ତି ପାଇବାକୁ ସ୍ୱାମୀ ସହ ବାହାରେ ରହୁଥିବେ କିନ୍ତୁ ନିଜ ମାଆକୁ ଫୋନ୍ କରି ଭାଉଜମାନେ ସେବା କରୁଛନ୍ତି କି ନାହିଁ, ଘରକାମ ସହିତ ବାପା , ମାଆଙ୍କ ଯତ୍ନ ନେଉଛନ୍ତି କି ନାହିଁ, ମାଆକୁ ଭାଉଜମାନଙ୍କ ବିରୁଦ୍ଧରେ କୁମନ୍ତ୍ରଣା ଦେବାକୁ ଖୁବ୍ ସମୟ ପାଇଯାଆନ୍ତି ଓ ଏହାର ମାଧ୍ୟମ ହୋଇଥାଏ ମୋବାଇଲ।

ଅଫିସରୁ ଫେରିବା ପରେ ସ୍ତ୍ରୀ ଓ ପିଲାମାନଙ୍କୁ ସମୟ ଦେବାକୁ ସମୟ ପାଉନଥିବା ବ୍ୟକ୍ତି କିନ୍ତୁ ମୋବାଇଲ ବା ଲାପଟପକୁ ଢେର ସମୟ ଦିଅନ୍ତି। ଅଫିସ୍ ପରେ ବି ଘରେ ଅଫିସ୍ କାମ କରନ୍ତି ଅଥବା ନିଜର ମନୋରଂଜନ। ଶୋଇବା ସମୟରେ ବି ନିଜ ଜୀବନ ସାଥୀ ସହିତ ପଦଟିଏ ଭଲକଥା ହୁଅନ୍ତୁ କି ନହୁଅନ୍ତୁ ମୋବାଇଲ କିନ୍ତୁ ନିଦ ହେବାଯାଏ ହାତରେ ଥାଏ। ଦାମ୍ପତ୍ୟ ଜୀବନର ହସଖୁସି ନଷ୍ଟ ହେବାର କାରଣ ହୋଇଥାଏ ମୋବାଇଲ।

ଫେସବୁକ୍‌ରେ ଆଜିକାଲି ବନ୍ଧୁତ୍ୱ ସଂଖ୍ୟା କମ୍ ନଥାଏ କାହାର। ଯଦି କେହି ବ୍ୟକ୍ତି ବା ମହିଳା କାହାକୁ ଭଲଲାଗନ୍ତି ବା ଆପଣଙ୍କ ସ୍ୱଭାବ କାହାକୁ ଭଲଲାଗିଲା କିଛି ଆବଶ୍ୟକତା ନଥିଲେ ମଧ୍ୟ ଆପଣଙ୍କୁ ପ୍ରଶଂସା ଆଳରେ ଫୋନ୍ କରି ବହୁସମୟ ଗପି ବନ୍ଧୁମାନେ ବିରକ୍ତ କରିଦେବେ। ଇଚ୍ଛା ନଥିଲେବି ଆପଣ କୃତ୍ରିମ ହସ ହସି କଥା କାଟି ପାରୁନଥିବେ। ବାରମ୍ବାର ଯଦି ଅନେକ ବନ୍ଧୁଙ୍କର ଏଭଳି ଫୋନ୍ ଆସେ ଆପଣ ମାନସିକ ଭାବେ ବିଚଳିତ ରହିବେ ଏବଂ ଅଫିସ୍ କାମ ବା ଘରକାମରେ ଭୁଲଭାଲ୍ କରିବେ।

ଅଫିସରେ ଥିବାବେଳେ ଫୋନ୍, ଘରେ ରୋଷେଇ କରିବା ବେଳେ ଫୋନ୍, ପିଲାକୁ ଖୁଆଇବା କି ପଢାଇବା ବେଳେ ଫୋନ୍, ଗାଡି ଚଳେଇବା ବେଳେ ଫୋନ୍, ସ୍ୱାମୀ-ସ୍ତ୍ରୀ ଯେତେବେଳେ ଛୋଟ ମୋଟ କଥାରେ କଳି ଝଗଡା ହେଉଥିବେ କିମ୍ବା ନିଜର ଅନ୍ତରଙ୍ଗ ମୁହୂର୍ତ୍ତ ଅତିବାହିତ କରୁଥିବେ ସେତେବେଳେ ବି ଫୋନ୍ ବାଜୁଥିବ, ହସ୍ପିଟାଲରେ ଯଦି ଆପଣ ଶଯ୍ୟାଶାୟୀ ଥିବେ ତଥାପି ଫୋନ୍, କେଉଁ ଆତ୍ମୀୟଙ୍କର ଶବସତ୍କାର ପାଇଁ ଯାଇଥିଲେ ବି ଫୋନ୍, ଆପଣ ଯେତେବେଳେ କୌଣସି ପାରିବାରିକ ସମସ୍ୟାରେ ଭାଙ୍ଗି ପଡି ଭୋ ଭୋ ହୋଇ କାନ୍ଦୁଥିବେ, ସେତେବେଳେ ବି ଆପଣଙ୍କ ସହିତ ବାଜେକଥା ଗପି ନିଜ ସମୟ କାଟିବାକୁ ଚାହୁଁଥିବା ଲୋକମାନେ କେବେ ବି ବୁଝିପାରିବେନି ଆପଣଙ୍କ ପରିସ୍ଥିତି ଓ ମାନସିକ ଅବସ୍ଥା କଣ ? ମିଥ୍ୟା ସମବେଦନା ଆଳରେ କେବଳ ମନୋରଞ୍ଜନ ହିଁ ଆଜିକାଲିର ନୂଆ ଟ୍ରେଣ୍ଡ୍। ଯଦି ଆପଣ ପରିସ୍ଥିତି ଚାପରେ ରହି ବାରମ୍ବାର ଅଣଦେଖା କଲେ, ତା'ପରେ ଆରମ୍ଭ ହେବ ଆପଣ ଖରାପ୍ ବୋଲି ଆପଣଙ୍କ ବିରୁଦ୍ଧରେ ସମାଜରେ ଡେଙ୍ଗୁରା ପିଟିବା। ଆକାଂକ୍ଷା ସେମାନଙ୍କର, ନକରାତ୍ମକ ବିଚାର ସେମାନଙ୍କର କିନ୍ତୁ ସେମାନଙ୍କ ଇଚ୍ଛା ପୂରଣ କରିପାରିବେନି ବୋଲି ଭୋଗିବେ ଆପଣ।

ଆପଣଙ୍କ ପରିସ୍ଥିତିର ସମାଧାନ କେହି କରି ପାରିବେନି। ସମସ୍ତେ କେବଳ ଆପଣଙ୍କ ସହିତ ସେମାନଙ୍କର ସୁଖ ଦୁଃଖ ଗପିବେ, ନିଜର ବହେ ସମସ୍ୟା ବାଣ୍ଟିବେ, ନିଜକୁ ଖୁସି ରଖିବାକୁ ଆପଣଙ୍କ ସମୟ ଖାଇବେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

---

## ଆଜିର କବିତା

### ନବ ଉନ୍ମେଷର ସୂତ୍ରଧର...

ରତ୍ନକାନ୍ତି ମିଶ୍ର



ସମୟ ବଦଳିଛି
ପରିବର୍ତ୍ତିତ ହୋଇଛି ଦୃଶ୍ୟ
ଗାଁ ଠୁ ସହର, ଆଉ
ତମାମ୍ ବିଶ୍ୱର
ସମୟର ହସ୍ତାକ୍ଷର
ସଚରାଚର ଦୃଶ୍ୟମାନ
ମଉଳି ଯାଇଛି ଏବେ
ଓଠ ମାନଙ୍କରୁ ହସ
ଦୁନିଆଟା ସତେ ଏବେ
ବିବଶ ବିବଶ....!

ମୃତ୍ୟୁଦୂତ ଆଜି
ସାମ୍ନାରେ ଠିଆ
ମାଟି ଠୁ ଆକାଶ
ଜଳ ଠୁ ବାୟୁ
ଘର ଠୁ ବାହାର
ଚତୁର୍ଦ୍ଦିଗ ହାହାକାର
ଅନାହୂତ ତ୍ରାସ.....!

ନିଷ୍ଠୁରତା ସୀମା ଅତିକ୍ରମ କଲା ପରେ
ବର୍ବରତା କୂଳ ଲଂଘିଲା ପରେ,
ଏବେ ଅବକ୍ଷୟରୁ ନିଷ୍କୃତି ପାଇଁ
ମଣିଷ ଶତତ ଚେଷ୍ଟିତ
'ତ୍ରାହି ମାଂ ତ୍ରାହି ମାଂ' ସ୍ୱରରେ
ଗଗନ ପବନ ଗୁଞ୍ଜରିତ !!

ଈଶ୍ୱର ଏବେ ଦେଖୁଛନ୍ତି
ମୃତ୍ୟୁର ତାଣ୍ଡବକୁ
ସମୟର ନୂଆ ଅବତାରକୁ
ମାନବର ବଞ୍ଚିବାର ସ୍ପୃହା, ଆଉ
କରୁଣ ଆର୍ତ୍ତନାଦକୁ...!

ସେ ଏବେ ମ୍ରିୟମାଣ
ଜଣେ ସ୍ରଷ୍ଟାକାର ଭାବେ
ପ୍ରସ୍ତୁତ ହେଲେଣି ଆସିବାକୁ
ସମୟ ସହିତ ସନ୍ଧି କରି,
ମନୁଷ୍ୟର ତ୍ରାଣକର୍ତ୍ତା ସାଜି
ଏକ ନୂତନ ବିଶ୍ୱର ପରିକଳ୍ପନାରେ
ନବ ଉନ୍ମେଷର ସୂତ୍ରଧର ହୋଇ....!

+ ଆଳି,କେନ୍ଦ୍ରାପଡା

### ଶୈଶବର ତଲାସ୍ ...

କୃଷ୍ଣା ମିଶ୍ର

ଶୈଶବର ତଲାସ୍!
ସେ ଯେ ହଜିଯାଇଛି,
କେଉଁ ଗଳି କନ୍ଦିରେ
ବସି କାନ୍ଦୁଛି,
ହୋଟେଲ, ଢ଼ାବା ଅବା ଘର ଘର ବୁଲି
ବାସନ ଧୋଉଛି....
ବିଡିରେ ତମ୍ବାଖୁ ଭରୁଛି.....
ଶୈଶବରେ ଶିଶୁ
କୋଳଉଛି.....
କେତେ ଯେ ଯୋଜନା
ହସିବ ଶୈଶବ!
କାହିଁ? କେଉଁଠି?
ଶୈଶବ କି ସତରେ ବଞ୍ଚିଛି?

+ରାୟଗଡ଼, ଛତିଶଗଡ
ମୋ: ୯୩୦୧୦୧୨୩୩୩



### ଏଇ ଉତ୍କଳ ...

ବିଜୟଲକ୍ଷ୍ମୀ ପାଣିଗ୍ରାହି



ଏଇ ଉତ୍କଳ ଆମ ଜନନୀ ଜନମ ଭୂଇଁ
ଏଇ ଉତ୍କଳ ଯାର ଜଗତେ ତୁଳନା ନାଇଁ।
ଭାଇଚାରା ଯାର ଧର୍ମ ଜୀବନର
ସଂଗତିର ବର୍ତ୍ତାବାହୀ।

ଏଇ ଉତ୍କଳ.....
ଯା ଦେହରେ ଶୋହେ ଉତୁଙ୍ଗ ଶିଖର
ଦେଓମାଳୀ ନାମେ ଖ୍ୟାତ
ବକ୍ଷରେ ବହୁଛି ମହାନଦୀ ଭଳି
କେତେକେତେ ଜଳସ୍ରୋତ।

ଯାର ଶିରରେ
ଉଡେ ପତିତପାବନ ନେତ
ଯାର କଟିରେ
ଶୋଭେ ଅନୁପମ୍ୱନ କ୍ଷେତ
ପାଣି ଓ ପବନେ ଆମାଟି ଗଗନେ
ମୈତ୍ରୀର ଭାବ ବହି।

ଏଇ ଉତ୍କଳ....
ଚଷା ପୁଅ ଯାର ଦକ୍ଷ କର୍ମବୀର
ଫଳାଏ ସୁନା ମାଟିରେ
କଳା ଓ ସଂସ୍କୃତି ଯାର ଯଶ କୀର୍ତ୍ତି
ବିଦିତ ସାରା ବିଶ୍ୱରେ
ଯାର ଚରଣେ
ପ୍ରେମ ଭକତି ଅରପି ହୁଏ
ଯାର ସ୍ମରଣେ
ପ୍ରାଣେ ପୁଲକ ସଂଚରି ଯାଏ
ସେଇ ଜନନୀର ସନ୍ତାନ ଆମେରେ
ଜାଗ୍ରତ ତା ସେବା ପାଇଁ।
ଏଇ ଉତ୍କଳ....

+ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ



# ବୋହି ନେଲେ ୮୦ କୋଟି ଟଙ୍କାର ମଦ: ଲକ୍‌ଡାଉନ୍ ପୂର୍ବରୁ ମଦ ପାଇଁ ପାଗଳ

ଭୁବନେଶ୍ୱର: ଚାରିଆଡ଼େ ମାଡ଼ିଗଲାଣି କରୋନା। ସବୁଆଡ଼େ ହୁ ହୁ ହୋଇ ବଢ଼ି ଚାଲିଛି ସଂକ୍ରମଣ। ଏହାକୁ ଆଖି ଆଗରେ ରଖି ଆସନ୍ତାକାଲି(ବୁଧବାର) ଠାରୁ ଆରମ୍ଭ ହେବାକୁ ଯାଉଛି ଲକଡାଉନ୍। ଗୋଟିଏ ପଟେ ଜୀବନଜୀବିକା ପାଇଁ ମଣିଷକୁ ସଂଘର୍ଷ କରିବାକୁ ପଡୁଛି। କିନ୍ତୁ ଅନ୍ୟପଟରେ ମଦ ପାଇଁ ଲୋକ ପାଗଳ ହୋଇ ଯାଇଛନ୍ତି। ଲକ୍‌ଡାଉନ୍‌ରେ ମଦ ଦୋକାନ ବନ୍ଦ ରହୁଥିବା ବେଳେ ଆଗୁଆ ପେଟି ପେଟି ମଦ ବୋହି ନେଇଛନ୍ତି ଲୋକ। ଆଜି ରାଜଧାନୀର ବିଭିନ୍ନ ମଦ ଦୋକାନ ଆଗରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏପରିକି କେତେକ ମଦ ଦୋକାନ ଆଗରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ, କଟକ, ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସମେତ ପ୍ରାୟ ସବୁ ସହର ଓ ଜିଲ୍ଲାରେ ଥିଲା ସମାନ ଅବସ୍ଥା। ମଦ ଦୋକାନ ଆଗରେ ଲାଗିଥିଲା ଲମ୍ବା ଲାଇନ୍। ପୁଲିସ ଜଗିଥିଲେ ମଧ୍ୟ କିଛି ଫରକ୍ ପଡ଼ି ନ ଥିଲା। ମିଳିଥିବା ସୂଚନା ଅନୁସାରେ, ସାଧାରଣ ଦିନରେ ରାଜ୍ୟରେ ଦିନକୁ ପ୍ରାୟ ୩୦ କୋଟି ଟଙ୍କାର ମଦ ବିକ୍ରି ହୁଏ। କିନ୍ତୁ ଗତ ଦୁଇଦିନ ଧରି ୪୦ କୋଟିରୁ ଅଧିକ ଟଙ୍କାର ମଦ ବିକ୍ରି ହେଉଛି। ଅର୍ଥାତ ଦିନକୁ ପ୍ରାୟ ୧୦ରୁ ୧୨ କୋଟି ଟଙ୍କାର ମଦ ଅଧିକ ବିକ୍ରି ହେଇଥିବା ଜଣାପଡ଼ିଛି। ମଦ କିଣିବା ପରିମାଣର କୌଣସି ପ୍ରତିବନ୍ଧକ ନ ଥିବାରୁ ଲୋକ ବୋହି ନେଇ ଯାଇଛନ୍ତି। ଧନୀଠାରୁ ଆରମ୍ଭ କରି ଗରିବ, ଦିନ ମଜୁରିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ନିଜ ନିଜ ସାମର୍ଥ୍ୟ ଅନୁସାରେ ସେମାନେ ମଦ କିଣିଥିଲେ। କିଏ କାରରେ ତ ଆଉ କିଏ ବାଇକ୍ ଓ ସାଇକେଲର ମଦ ବୋହି ନେଇଥିବା ଦେଖିବାକୁ ମିଳିଥିଲା। ଚୋରା ମଦ ବେପାରୀ ପେଟି ପେଟି ମଦ ବୋହି ନେଇଛନ୍ତି। ଲକଡାଉନ୍ ସମୟରେ ସେମାନେ ଚଢ଼ା ଦରରେ ବିକ୍ରି କରିବେ ବୋଲି ଜଣାପଡ଼ିଛି। ଖାଲି ସେତିକି ନୁହେଁ; ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜଧାନୀ ଉପକଣ୍ଠରେ ପ୍ରସ୍ତୁତ ହେଉଥିବା କିଛି ନକଲି ମଦ ମଧ୍ୟ ଚୋରା ବେପାରୀ ଆଣି ଗଚ୍ଛିତ ରଖିଛନ୍ତି। ସେମାନଙ୍କ ପାଖରେ କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ବିଦେଶୀ ମଦ ରହିଛି। ଲକଡାଉନ୍ ସମୟରେ ବିଭିନ୍ନ ଅ ଳରେ ବେପାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେମାନେ ପୁଲିସ ଓ ଅବକାରୀ ସ୍କାନରକୁ ଆସୁଛନ୍ତି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ଫେରିଲେ କ୍ୱାରେଣ୍ଟାଇନ୍



ଭୁବନେଶ୍ୱର,୫/୫ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାବେଳେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଫେରନ୍ତା ପାଇଁ ୧୪ଦିନିଆ କ୍ୱାରେଣ୍ଟାଇନକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। କୋଭିଡ-୧୯ର 'ଭିରୁଲେଣ୍ଟ ଭାରିଆଣ୍ଟ' ଚିହ୍ନଟ ହେବାପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଆଜି ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଓ ଜେଲେଙ୍ଗାନା ଫେରନ୍ତାଙ୍କ ଦେହରେ କୋଭିଡ୍‌ର ନୂଆ ମ୍ୟୁଟାଣ୍ଟ ଠାବ କରାଯାଇଛି। ତେଣୁ ସେଠାରୁ ଓଡ଼ିଶା ଆସୁଥିବା ବ୍ୟକ୍ତିମାନେ ନିଶ୍ଚିତ ଭାବେ ୧୪ଦିନିଆ କ୍ୱାରେଣ୍ଟାଇନରେ ରହିବେ। ସେମାନଙ୍କୁ ସରକାରଙ୍କ ଦ୍ୱାରା କରାଯାଇଥିବା ଆନୁଷ୍ଠାନିକ ଅସ୍ଥାୟୀ ମେଡିକାଲ ସେଣ୍ଟର(ଟିଏମସି)ରେ ରହିବାକୁ ପଡ଼ିବ। ଯେଉଁ ବ୍ୟକ୍ତିମାନେ ଓଡ଼ିଶା ଆସିବାର ୪୮ଘଣ୍ଟା ପୂର୍ବରୁ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ହାସଲ କରିଥିବେ କିମ୍ବା ଦୁଇ ଡୋଜ୍ କୋଭିଡ୍ ଟିକା ନେଇଥିବେ ସେମାନଙ୍କୁ ନିଜ ଘରେ ଏକ ସପ୍ତାହର ହୋମ୍ କ୍ୱାରେଣ୍ଟାଇନରେ ରହିବାକୁ ପଡ଼ିବ। ଯଦି କେହି ହୋମ୍ କ୍ୱାରେଣ୍ଟାଇନ ନିୟମକୁ ଉଲ୍ଲଙ୍ଘନ କରନ୍ତି ସେମାନଙ୍କୁ ୧୪ଦିନିଆ ଆନୁଷ୍ଠାନିକ ଟିଏମସିରେ ରହିବାକୁ ପଡ଼ିବ। ଏହାବ୍ୟତୀତ ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇ ତୁରନ୍ତ ସୀମାବର୍ତ୍ତୀ ଚେକପୋଷ୍ଟରେ ଏହି ଦୁଇ ରାଜ୍ୟରୁ ଓଡ଼ିଶାକୁ ପ୍ରବେଶ ପାଇଁ ରହିଥିବା ମାର୍ଗରେ ଚେକିଂ କଡ଼ାକଡ଼ି ପାଇଁ କହିଛନ୍ତି। ଏହି ଦୁଇ ରାଜ୍ୟକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ଓ ଛୋଟ ରାସ୍ତା ଦେଇ ଯେଭଳି କେହି ବେଆଇନ ଭାବେ ନଆସିବେ ତାହା ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିବ। ତେବେ ସରକାରଙ୍କ କୋଭିଡ୍-୧୯ ପରିଚାଳନାରେ ସମ୍ପୃକ୍ତ ଥିବା ସରକାରୀ ଓ ବେସରକାରୀ ହସ୍ପିଟାଲ ତଥା ସରକାରଙ୍କ ଦ୍ୱାରା ଅନୁମତି ପାଇଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ତେବେ ସେମାନେ ଯାତ୍ରା କରିବାବେଳେ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ଏସଆରସି ଶ୍ରୀ ଜେନା ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

# ମୁଖ୍ୟ ବିଚାରପତିଙ୍କ ଦ୍ୱାରା ବିଭିନ୍ନ ଜିଲ୍ଲାର କୋର୍ଟ ଉଦ୍‌ଘାଟିତ

କଟକ /ଭୁବନେଶ୍ୱର,୫/୫ (ନି.ପ୍ର): ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ.ଏସ୍. ମୁରଲୀଧର ଛୁଟି ଆରକ୍ଷଣ ଏବଂ ପ୍ରଶିକ୍ଷଣ ଛୁଟି ଜନିତ ଖାଲିସ୍ଥାନ ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାପିତ ଲିଭ୍ ରିଜର୍ଭ ଆଣ୍ଡ ଲିଭ୍ ଟ୍ରେନିଂ ଭାକାନ୍ସି କୋର୍ଟ ଏବଂ ଅନ୍ୟ କେତେକ କୋର୍ଟକୁ ମଙ୍ଗଳବାର ପୂର୍ବାହ୍ଣରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ନୟାଗଡ ଠାରେ ଲିଭ୍ ରିଜର୍ଭ ଓ ଲିଭ୍ ଟ୍ରେନିଂ ଭାକାନ୍ସି ସିନିୟର ସିଭିଲ ଜଜ୍ କୋର୍ଟ, କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ (ମହିଳା କୋର୍ଟ), ରାୟଗଡା ଜିଲ୍ଲାର ସିଭିଲ୍ ଜଜ୍ (ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ (ମହିଳା କୋର୍ଟ), କେଉଁଝର ଜିଲ୍ଲାର ବଡବିଲ ଠାରେ ୨ୟ ମାଜିଷ୍ଟ୍ରେଟ୍(ଫାଷ୍ଟ କ୍ଲାସ୍) କୋର୍ଟ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ସିନିୟର ସିଭିଲ ଜଜ୍ କୋର୍ଟ ପରିସର ଅବସ୍ଥାପିତ ଲିଭ୍ ରିଜର୍ଭ ଓ ଲିଭ୍ ଟ୍ରେନିଂ ଭାକାନ୍ସି କୋର୍ଟ ଏବଂ ଝାରସୁଗୁଡାଠାରେ ସିନିୟର ସିଭିଲ ଜଜ୍ କୋର୍ଟ ପରିସର ଅବସ୍ଥାପିତ ଲିଭ୍ ରିଜର୍ଭ ଓ ଲିଭ୍ ଟ୍ରେନିଂ ଭାକାନ୍ସି କୋର୍ଟ ଉଦଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉଚ୍ଚନ୍ୟାୟାଳୟର ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ, ଜଷ୍ଟିସ୍ କେ.ଆର୍.ମହାପାତ୍ର, ଜଷ୍ଟିସ୍ ବି.ପି.ରାଉତରାୟ, ଜଷ୍ଟିସ୍ ଏସ୍.କେ ପାଣିଗ୍ରାହୀ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ଅନ୍ୟ ବିଚାରପତିମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୬,୬୩,୭୪୨ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୫/୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୬,୬୩,୭୪୨ନମୂନାର ପରୀକ୍ଷଣ କରା ଯାଇଛି। ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୨୯,୩୩,୧୦,୭୭୯ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

# 'କଟୁରୀ ଗ୍ୟାଙ୍ଗ'ର ଖେଳ ଖତମ, ମର୍ଣ୍ଣିଂଓ୍ୱାକ୍ ବେଳେ କରୁଥିଲେ ଟାର୍ଗେଟ୍



ଭୁବନେଶ୍ୱର (ଓଡ଼ିଶା ରିପୋର୍ଟର): ଭୁବନେଶ୍ୱର ଓ କଟକରେ ଆତଙ୍କ ଖେଳାଇଥିବା କଟୁରୀ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍। ଗିରଫ ଅପରାଧୀମାନେ ହେଲେ ଗଣେଶ କୋଟି, ଶଙ୍କର ଦାସ, ଜଗା, ସୁଶାନ୍ତ ଗୁରୁ ଓ ସୁଦାମ ନାୟକ। ୪ ମାସ ହେଲା ଏମାନେ ଦ୍ୱୈତନଗରୀରେ ଛିନତାଇ ଓ ରାହାଜାନି କରୁଥିଲେ। ବିଶେଷ କରି ମର୍ଣ୍ଣିଂ ଓ୍ୱାକ୍‌ରେ ଯାଉଥିବା ଓ ଏକୁଟିଆ ଯା'ଆସ କରୁଥିବା ଲୋକଙ୍କୁ ଏମାନେ ଟାର୍ଗେଟ କରୁଥିଲେ। ପଲସରରେ ଆସି ଲୋକଙ୍କୁ କଟୁରୀରେ ଆକ୍ରମଣ କରି ସେମାନଙ୍କ ପାଖରୁ ଅଳଙ୍କାର ଓ ଟଙ୍କା ଛଡ଼ାଇ ନେଉଥିଲେ।
ଏମିତି ଘଟଣା ବାରମ୍ବାର ଘଟିବା ପରେ କମିଶନରେଟ୍ ପୁଲିସର ସ୍ପେଶାଲ ସ୍କ୍ୱାଡ୍, ଖଣ୍ଡଗିରି ପୁଲିସ୍ ଓ ସହିଦନଗର ପୁଲିସ୍ ମିଳିତ ଭାବେ ଏହି ୫ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଗିରଫ ଅପରାଧୀମାନଙ୍କ ଠାରୁ ୧୯ଟି ସୁନା ଚେନ୍, ୬.୨ କିଲୋଗ୍ରାମ ଓଜନର ରୁପା ଅଳଙ୍କାର, ୧୩,୬୦୦ ଟଙ୍କା, ଗୋଟିଏ ପଲସର ବାଇକ୍, ହୋଣ୍ଡା ଆକ୍ଟିଭା ଓ କଟୁରୀ ଜବତ କରାଯାଇଛି। ଗିରଫ ୫ ଅପରାଧୀ ଦ୍ୱୈତନଗରୀର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ୨୫ଟି ମାମଲାରେ ସଂଶ୍ଳିଷ୍ଟ ଥିବା ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

## ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ଟିକାଦାନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫/୫ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଆଗଧାଡିର କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟବୀମା କାର୍ଡଧାରୀ ସାମ୍ବାଦିକମାନଙ୍କୁ ଟିକା ଦିଆଯାଇଛି। ଭୁବନେଶ୍ୱର ୟୁନିଟ୍ ୬ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଟିକାଦାନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ୨୩୦ ଜଣ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଟିକା ପ୍ରଦାନ କରାଯାଇଥିଲା। ମଇ ୪ରୁ ୬ ତାରିଖ ପର୍ଯ୍ୟନ୍ତ ସକାଳ ୯ଟା ୩୦ ମିନିଟ୍‌ରୁ ଅପରାହ୍ନ ୩ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସାମ୍ବାଦିକଙ୍କୁ ଟିକାଦାନ କାର୍ଯ୍ୟକ୍ରମ ଚାଲୁ ରହିବ।

## ଟିକା ଅଭାବରୁ ରାଜ୍ୟର ୧୧ ଜିଲ୍ଲାରେ ଟିକାକରଣ ବନ୍ଦ

ଭୁବନେଶ୍ୱର,୫/୫ (ନି.ପ୍ର): ମଙ୍ଗଳବାର ଦିନ ଟିକା ଅଭାବରୁ ଆଜି ରାଜ୍ୟର ୧୧ ଜିଲ୍ଲାରେ ଟିକାକରଣ ବନ୍ଦ ରହିଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।
ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର, ବରଗଡ଼, ବୌଦ୍ଧ, କଟକ, ଗଜପତି, ଜଗତସିଂହପୁର, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ଟିକାକରଣ ହେଉନାହିଁ। ଏନେଇ କେବଳ ୧୨୩ଟି କେନ୍ଦ୍ରରେ ଟିକାକରଣ ଚାଲିଛି। ରାଜ୍ୟରେ କୋଭିସିଲ୍ଡ ଟିକାର ଉତ୍କଟ ଅଭାବ ଦେଖା ଦେଇଛି। ରାଜ୍ୟରେ ଆଜି ସୁଦ୍ଧା ୧୯ ହଜାର ୯୦୦ କୋଭିସିଲ୍ଡ ଟିକା ମହଜୁଦ ରହିଥିବା ବେଳେ କୋଭାକ୍ସିନ ରହିଛି ୩ଲକ୍ଷ ୧୫ ହଜାର ୫୩୦ ଡୋଜ। ରାଜ୍ୟରେ ଏପର୍ଯ୍ୟନ୍ତ ୫୯ ଲକ୍ଷ ୪ ହଜାର ୩୧୪ ଜଣ ଟିକା ନେଇ ସାରିଲେଣି। ଅନ୍ୟ ପକ୍ଷରେ ଆଜି ୧ଲକ୍ଷ କୋଭିସିଲ୍ଡ ଟିକା ଆସିବ ବୋଲି ସୂଚନା ମିଳିଛି।

# ଲକଡାଉନରେ ଚାଲିବ 'ମୋ ବସ୍'



ଭୁବନେଶ୍ୱର,୫/୫ (ନି.ପ୍ର): ଆସନ୍ତାକାଲିଠୁ ରାଜ୍ୟବ୍ୟାପୀ ୧୫ଦିନିଆ ଲକଡାଉନ୍ ଯୋଗୁ ସାର୍ବଜନୀନ ପରିବହନ ସେବା(ବସ୍ ଚଳାଚଳ) ଉପରେ କଟକଣା ଜାରି କରିଥିବା ରାଜ୍ୟ ସରକାର 'ମୋ ବସ' ଚଳାଚଳ ପାଇଁ ଅନୁମତି ଦେଇଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଆଜି ଏହି ନିର୍ଦ୍ଦେଶନାମା ଦେବା ସହ ମେ' ୧ତାରିଖରେ ଲକଡାଉନ ସଂକ୍ରାନ୍ତରେ ଜାରି କରିଥିବା ନିର୍ଦ୍ଦେଶନାମାର ସଂଶୋଧନ ମଧ୍ୟ କରିଛନ୍ତି।
ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ପୁରୀରେ ବସ୍ ସେବା ଯୋଗାଉଥିବା କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ)ର। 'ମୋ ବସ'କୁ ଚଳପ୍ରଚଳନ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ କ୍ରୁଟ୍ ନିଜର ସମସ୍ତ ବସ୍ ପରିବର୍ତ୍ତେ କେତେକ ନିର୍ଦ୍ଦିଷ୍ଟ ମାର୍ଗ ଓ ସଂଖ୍ୟକ ବସକୁ ଚଳାଚଳ କରାଇବ। ଏହି ବସ୍ ଲକଡାଉନ ସମୟରେ ବିମାନ ବନ୍ଦର ଓ ରେଳଷ୍ଟେସନରୁ ଯାତ୍ରୀଙ୍କୁ ନେବାଆଣିବା କାର୍ଯ୍ୟ କରିବ। ତେବେ ରେଳ ଷ୍ଟେସନ ଓ ବିମାନ ବନ୍ଦର ଯିବାବେଳେ ଗନ୍ତବ୍ୟ ସ୍ଥଳ ମଝିରେ ଏହି ବସ୍ କୌଣସି ଯାତ୍ରୀଙ୍କୁ ଉଠାଇ ପାରିବ ନାହିଁ। ଏହି ବସ୍ କେବଳ ନିଜର ସିଟ୍ କ୍ଷମତା ଅନୁସାରେ ଚଳାଚଳ କରିବ ଓ ବସରେ ଯାତ୍ରୀଙ୍କୁ ଛିଡ଼ା ହୋଇଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ତେବେ 'ମୋ ବସ୍' କେଉଁ ମାର୍ଗରେ ଚାଲିବ, କେତେବେଳେ ଓ କେତୋଟି ଚାଲିବ ତାହା କ୍ରୁଟ୍ ସ୍ଥିର କରିବ ବୋଲି ଜଣାପଡ଼ିଛି। ସେହିପରି ଲକଡାଉନ ସମୟରେ ଅବକାରୀ ଧରପଗଡ଼ ସଂକ୍ରାନ୍ତ ଗତିବିଧି ପାଇଁ ଅନୁମତି ଦିଆଯିବ। ଏହା ସହିତ ଲକଡାଉନବେଳେ ଯେଉଁମାନଙ୍କୁ ଯାତାୟତ ପାଇଁ ଅନୁମତି ଦିଆଯାଇଛି ସେମାନଙ୍କୁ ନିମ୍ନଲିଖିତ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ପଡ଼ିବ। ଦୁଇଚକିଆ ଗାଡ଼ିରେ କେବଳ ଚାଳକଙ୍କୁ ଯିବା ପାଇଁ ଅନୁମତି ମିଳିବ ଓ କାହାରିକୁ ପଛରେ ବସାଇ ଯାଇ ପାରିବେ ନାହିଁ। ସେହିପରି ଓଲା ଓ ଉବେର ଆଦି ସମେତ କ୍ୟାବ୍ ସର୍ଭିସ ଓ ଅଟୋ ରିକ୍ସା ସେବା ଯୋଗାଣକାରୀଙ୍କ ସମେତ ଚାରିଚକିଆ, ଅଟୋ ରିକ୍ସା, ଟାକ୍ସିଗୁଡ଼ିକୁ ଡ୍ରାଇଭରଙ୍କ ସହ ଅନ୍ୟ ୨ଜଣ ଯାତ୍ରୀଙ୍କୁ ପଛ ସିଟରେ ବସାଇ ପରିବହନ କରିବାର ଅନୁମତି ଦିଆଯାଇଛି। ବିଶେଷକରି ଘରୁ କୋଭିଡ ଟେଷ୍ଟ ପାଇଁ କେନ୍ଦ୍ରକୁ ଯିବା, ଟିକାକରଣ କେନ୍ଦ୍ର, ବିମାନ ବନ୍ଦର ଓ ରେଳ ଷ୍ଟେସନ, ଜରୁରୀ ଡାକ୍ତରୀ ଉପକରଣ, ଅତ୍ୟାବଶ୍ୟକ ସେବା ସହ ଜଡ଼ିତ କର୍ମଚାରୀମାନେ ଯାତାୟତ କରିପାରିବେ। ସେହିପରି ବିବାହ, ଅନ୍ତେଷ୍ଟି ଓ ଶ୍ରାଦ୍ଧ ଉତ୍ସବରେ ସାମିଲ ହେବା ପାଇଁ ଅନୁମତି ପାଇଥିବା ବ୍ୟକ୍ତିମାନେ ମଧ୍ୟ ଏହି ନିୟମ ପାଳନ କରିବେ ବୋଲି ଏସଆରସିଙ୍କ ପକ୍ଷରୁ ଜାରି ସଂଶୋଧିତ ଗାଇଡଲାଇନରେ ଏହା ଉଲ୍ଲେଖ ରହିଛି।

# ଖଲିକୋଟ ସ୍ୱୟଂଶାସିତ କଲେଜକୁ ମିଳିଲା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା




ଭୁବନେଶ୍ୱର ,୫/୫ (ନି.ପ୍ର): ଖଲିକୋଟ ସ୍ୱୟଂଶାସିତ କଲେଜକୁ ମିଳିଲା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କରିଛନ୍ତି ଏହି ଘୋଷଣା। ଖଲିକୋଟ କଲେଜ ରାଜ୍ୟର ଏକ ପୁରୁଣା କଲେଜ। ଏହାର ଏକ ସ୍ୱତନ୍ତ୍ର ପରିଚିତି ରହିଛି। ଏଠାରେ ପାଠପଢ଼ିଥିବା ଅନେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।
ଖଲିକୋଟ କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଫଳରେ ଦକ୍ଷିଣ ଓଡ଼ିଶା ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇଛି। ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଏହି ଅନୁଷ୍ଠାନ ଶିକ୍ଷାକ୍ଷେତ୍ରରେ ଏକ ନୂଆ ଯାତ୍ରା ଆରମ୍ଭ କରିବ। ବର୍ତ୍ତମାନର ସମୟକୁ ଦୃଷ୍ଟିରେ ରଖି ଏହା ଗବେଷଣା ଓ ନୂଆ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରି ଆଗକୁ ବଢ଼ିବ ବୋଲି ଅଶା କରାଯାଉଛି। ବ୍ରହ୍ମପୁରରେ ୧୮୫୬ ମସିହାରୁ ଏକ ସ୍କୁଲ୍‌ରୁ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନର ଯାତ୍ରା। ୧୮୭୮ ମସିହାରେ ଏହା ଇଣ୍ଟରମିଡିଏଟ୍ କଲେଜରେ ପରିଣତ ହୋଇଥିଲା। ଏହାର ପୂର୍ବ ନାଁ ନେଟିଭ୍ କଲେଜ ଥିଲା। ୧୮୯୩ରେ ଏହାର ନାଁ ଖଲ୍ଲିକୋଟ କଲେଜ ହୋଇଥିଲା। ଖଲ୍ଲିକୋଟ ରାଜା ଏହି କଲେଜ ପାଇଁ ୧୬.୫ ଏକର ଜମି ପ୍ରଦାନ କରିଥିଲେ। ୧୯୪୪ ମସିହାରୁ ଏଠାରେ ସ୍ନାତକ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଥିଲା। ଉଭୟ କଳା ଓ ବିଜ୍ଞାନରେ ଏଠାରେ ସ୍ନାତକ ଶ୍ରେଣୀ ଆରମ୍ଭ କରାଯାଇଥିଲା। ୧୯୬୩ ମସିହାରୁ ଏଠାରେ ଗଣିତ ଓ ବାଣିଜ୍ୟରେ ସ୍ନାତକ ଶ୍ରେଣୀ ଆରମ୍ଭ ହୋଇଥିଲା। ପରେ ପରେ ଅନ୍ୟାନ୍ୟ ପାଠ୍ୟକ୍ରମ ଯୋଡ଼ା ଯାଇଥିଲା। ଏହା ପ୍ରଥମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା। ତେବେ ୨୦୧୫ରୁ ଏହା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିଲା।

# କରୋନା ସଂକ୍ରମଣ ଓ ଯାତ୍ରୀ ଅଭାବ ଯୋଗୁଁ ୫ଟି ସ୍ୱତନ୍ତ୍ର ଟ୍ରେନ୍ ବାତିଲ ନିଷ୍ପତ୍ତି

ଭୁବନେଶ୍ୱର,୫/୫ (ନି.ପ୍ର): ପୂର୍ବତଟ ରେଳ ପରିସୀମାରୁ ବିଭିନ୍ନ ସ୍ଥାନକୁ ଯାଉଥିବା ୫ ଯୋଡ଼ା ଟ୍ରେନ୍ ବାତିଲ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ରାଜ୍ୟ ତଥା ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଓ ଆବଶ୍ୟକ ପରିମାଣରେ ଯାତ୍ରୀ ନହେବାରୁ ଏହି ଟ୍ରେନ୍ ଗୁଡ଼ିକ ଟ୍ରେନ୍ ବାତିଲ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ପୁରୀ-ଗୁଣପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍, ସମ୍ବଲପୁର-ପୁରୀ-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ଓ ପୁରୀ-ଦୁର୍ଗ-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଚଳିତ ମାସ ୫ ତାରିଖ ଠାରୁ ବାତିଲ ରହିବ। ସେହିପରି ଇନ୍ଦୋର-ପୁରୀ-ଇନ୍ଦୋର ସ୍ୱତନ୍ତ୍ର ଚଳିତ ମାସ ୬ ତାରିଖ ଠାରୁ ବାତିଲ ନେଇ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ଭାଇରସ ମହାମାରୀ ଦିନକୁ ଦିନ ଉଗ୍ର ରୂପ ନେଉଛି। ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ରାଜ୍ୟସାରା ମେ' ୫ ତାରିଖ ଠାରୁ ୧୯ ପର୍ଯ୍ୟନ୍ତ ଲକଡାଉନ ରହିବ। ଏଥି ସହିତ ଶନିବାର ଓ ରବିବାର ସଟଡାଉନ ଜାରି ରହିବ। ଲକ୍‌ଡାଉନ ଆରମ୍ଭ ହୋଇଯିବା ପରେ ରାଜ୍ୟରେ ସାଧାରଣ ପରିବହନ ଉପରେ କଟକଣା ଲାଗୁ ହୋଇଯିବ। ଲୋକଙ୍କର ଯାତାୟତ କମ ହେବ।

# ଲକଡାଉନରେ ବି ମିଳିବ 'ମଦ': ଦୋକାନରେ ନୁହେଁ ହେବ ହୋମ୍ ଡେଲିଭରି



ଭୁବନେଶ୍ୱର,୫/୫ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧିକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠୁ ରାଜ୍ୟବ୍ୟାପୀ ୧୫ଦିନିଆ ଲକଡାଉନ୍ ଆରମ୍ଭ ହେବ। ତେବେ ଏହି ଲକଡାଉନବେଳେ ମଦ ଦୋକାନ ବନ୍ଦ ରହିଲେ ବି ଲୋକମାନେ ଚାହିଁଲେ ହୋମ୍ ଡେଲିଭରିରେ ମଦ ମଗାଇ ପାରିବେ। ଲକଡାଉନବେଳେ ନକଲି ମଦ ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାର ଏଭଳି ଅନୁମତି ଦେଇଥିବା ଜଣାପଡ଼ିଛି। ସରକାରଙ୍କ ଏହି ଅନୁମତି ପରେ ଅବକାରୀ ବିଭାଗ ମଦର ହୋମ୍ ଡେଲିଭରି ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏ ସଂକ୍ରାନ୍ତରେ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖି କହିଛନ୍ତି ଯେ କୋଭିଡ-୧୯ର ଲକଡାଉନ୍ ଗାଇଡଲାଇନ ଅନୁସାରେ ମେ' ତାରିଖରୁ ରାଜ୍ୟରେ ସମସ୍ତ ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ସହ ମଦ ଦୋକାନଗୁଡ଼ିକ ମଧ୍ୟ ବନ୍ଦ ରହିବ। ତେବେ ମଦ ଦୋକାନଗୁଡ଼ିକ ବନ୍ଦ ରହୁଥିବାରୁ ଅସଲି ମଦ ମିଳିବା ବନ୍ଦ ହୋଇଯିବ ଓ ଏଥିଯୋଗୁ ଗ୍ରାହକମାନେ ବେଆଇନ ଭାବେ ପ୍ରସ୍ତୁତ ଚୋରା ମଦ କିଣିବାର ଆଶଙ୍କା ଅଧିକ ରହିଛି। ଯାହାକି ସେମାନଙ୍କର ସ୍ୱାସ୍ଥ୍ୟ ଓ ନିରାପତ୍ତା ପ୍ରତି ହାନିକାରକ ହେବ। ପୂର୍ବରୁ ମଧ୍ୟ ମଦର ବ୍ୟାପକ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଦର ହୋମ୍ ଡେଲିଭରି ପାଇଁ ଅନୁମତି ଦେଇଥିଲେ। ଖାଦ୍ୟଯୋଗାଣ କରୁଥିବା ସଂସ୍ଥା ଅବା ମଦ ବିକ୍ରି ଲାଇସେନ୍ସ ଥିବା ଦୋକାନୀମାନେ ଅନଲାଇନ୍ ବୁକିଂ ବା ଟେକ୍ନୋଲୋଜି ମାଧ୍ୟମରେ ଏହି ମଦର ହୋମ୍ ଡେଲିଭରି କରିପାରିବେ। ଗତବର୍ଷ କୋଭିଡ୍ ଲକଡାଉନବେଳେ ଟେକ୍ନୋଲୋଜି ଉପଯୋଗ କରି ମଦର ହୋମ୍ ଡେଲିଭରି କରାଯାଉଥିଲା। ମଦ ଯୋଗାଣକୁ ସୁନିଶ୍ଚିତ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ କୋଭିଡ୍ ଗାଇଡଲାଇନ୍ ଅନୁସାରେ ମଦ ନିଗମର ଗୋଦାମଗୁଡ଼ିକ କାର୍ଯ୍ୟ କରିବ। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଲକଡାଉନବେଳେ ବିୟର ଓ ଆଇଏମଏଫଏଲ୍ ମଦକୁ ସ୍ୱୀକୃତିପ୍ରାପ୍ତ ଖାଦ୍ୟଯୋଗାଣକାରୀ ସଂସ୍ଥା, ଟେକ୍ନୋଲୋଜି ପ୍ଲାଟଫର୍ମ ଓ ଡେଲିଭରି ସର୍ଭିସ ପ୍ରୋଭାଇଡର ଏବଂ ଆଇଏମଏଫଏଲ୍ ଅଫ୍ ଓ ଅନ୍ ସପ୍ ଲାଇସେନ୍ସଧାରୀଙ୍କ ଦ୍ୱାରା ହୋମ୍ ଡେଲିଭରି କରାଯିବ।

## ଅନାବଶ୍ୟକ ଫୋନ୍ ସମ୍ପର୍କରେ ଦୂରତା ଆଣେ....

ଆପଣ ଧିରେ ଧିରେ ପରିବାରକୁ, ଜୀବନସାଥୀକୁ, ପିଲାମାନଙ୍କୁ, ନିଜ ସମ୍ପର୍କମାନଙ୍କୁ ସମୟ ଦେଇପାରିବେ ନାହିଁ। ଫଳରେ ସମ୍ପର୍କରେ ଦୂରତା ବଢିବ। ସବୁବେଳେ ଲକ୍ଷ କରୁଥିବେ ଶୁଭେଚ୍ଛା ଦେବା ପାଇଁ ଆପଣଙ୍କୁ କମ୍ ଫୋନ୍ ଆସୁଥିବ, ସାହାଯ୍ୟ ମାଗିବା ପାଇଁ,ସମୟ ଦେବା ପାଇଁ, ଦାୟିତ୍ୱ ଦେବା ପାଇଁ, ସହଯୋଗ କରିବା ପାଇଁ ନିବେଦନର ଲମ୍ବା ଲିଷ୍ଟର ଅଧିକ ଫୋନ୍ ଆସୁଥିବ। ଫୋନ୍ ପାଇଁ ଏବେ ଅଧିକ ପରିବାର ଭାଙ୍ଗୁଛି। ମାନବିକତା ମରିମରି ଯାଉଛି ଓ ମନୋରଞ୍ଜନ ବଢିବଢି ଯାଉଛି। ପରିବାରକୁ ଭଲପାଆନ୍ତୁ, ସମୟ ଦିଅନ୍ତୁ। ମୋବାଇଲକୁ କେବଳ ଏକ ଆବଶ୍ୟକ ସାମଗ୍ରୀ ଭାବେ ବ୍ୟବହାର କରନ୍ତୁ। ଜରୁରୀ ନହେଲେ ଫୋନ୍‌ରେ ଅଯଥା ସମୟ ଅପଚୟ କରନ୍ତୁ ନାହିଁ। କେହି କେତେ ଦୁଃଖରେ ଥିଲେ ବି ନିଜ ଦୁଃଖକୁ ଡେଙ୍ଗୁରା ପିଟି ଦେଖେଇ ହୁଅନ୍ତିନି। ଆମେ ନିଜ ଘରେ ବସି ଜାଣି ପାରିବାନି କାହା ଜୀବନରେ କେତେ ଦୁଃଖ, କେତେ ସମସ୍ୟା, କିଏ କିଭଳି ପରିସ୍ଥିତିରେ ଅଛି ! ନିଜର ବିଳାସପୂର୍ଣ୍ଣ ସମୟ କାଟିବା ଅଥବା ନିଜ ସମସ୍ୟାଗୁଡିକର ବୋଝ ଲଦିବା ପାଇଁ ଆପଣ ବାରମ୍ବାର ଅନାବଶ୍ୟକ ସ୍ଥଳେ କାହାକୁ ଫୋନ୍ କରନ୍ତୁ ନାହିଁ। ସମସ୍ତଙ୍କୁ ନିଜ ଜୀବନରେ ଆନନ୍ଦରେ ରହିବାକୁ ଦିଅନ୍ତୁ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
ମୋ-୯୪୩୯୭୨୬୦୬୦

## ମନୋଜ ଦାସଙ୍କ ସ୍ମୃତିରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପିସିସି ସଭାପତିଙ୍କ ସ୍ୱାଗତ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ ମନୋଜ ଦାସଙ୍କ ସ୍ମୃତିରକ୍ଷା ନିମନ୍ତେ ଓଡ଼ିଶା ସରକାର କେତେକ ପଦକ୍ଷେପ ନେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ତାହାକୁ ସ୍ୱାଗତ କରିବା ସହିତ କେତୋଟି ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ମନୋଜ ଦାସଙ୍କ ନାମରେ ନାମିତ ହେବାକୁ ଯାଉଥିବା ପୁରସ୍କାର କେବଳ ଇଂରାଜୀରେ ଲେଖୁଥିବା ଓଡ଼ିଆ ଲେଖକଙ୍କ ଲାଗି ଉଦ୍ଦିଷ୍ଟ ନହୋଇ ଏହା ପ୍ରତ୍ୟେକ ଭାରତୀୟ ଭାଷାରେ ଲିଖିତ ଉଚ୍ଚକୋଟିର ଲେଖାକୁ ସମ୍ମାନିତ କରୁ। ଯେଉଁଥିରେ ଇଂରାଜୀ ମଧ୍ୟ ଅନ୍ତର୍ଭୁକ୍ତ। ପୁଣି ଅନ୍ୟ ଦେଶକୁ ସଂପୃକ୍ତ ନ କରି କୌଣସି ପୁରସ୍କାରକୁ ଆର୍ନ୍ତଜାର୍ତିକ ପୁରସ୍କାର କହିବା ଉଚିତ୍ ନୁହେଁ। ତେଣୁ ଏହାକୁ ବାସ୍ତବ ଅର୍ଥରେ ଆନ୍ତର୍ଜାତିକ କରିବା ଲାଗି ଯଥେଷ୍ଟ ବ୍ୟୟ ବରାଦ କରାଯାଉ କିମ୍ବା ମନୋଜ ଦାସ ଭାରତୀୟ ସମ୍ମାନ ଭାବରେ ଏହାକୁ ନାମିତ କରାଯାଉ। ସେହିପରି ଭୁବନେଶ୍ୱରର ମୁଖ୍ୟ ଛକରେ ମନୋଜ ଦାସଙ୍କ ବିଶାଳ ପ୍ରତିମୂର୍ତ୍ତି ଓ ପାର୍କ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଉଦ୍ୟମ ନେବା ସହ ମନୋଜ ଦାସଙ୍କ ନାମରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟକୁ ନାମିତ କରାଯାଉ। ଅନୁରୂପ ଭାବେ ପଣ୍ଡିଚେରୀ, ଦିଲ୍ଲୀ ଏବଂ ଓଡ଼ିଶାର ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟରେ ମନୋଜ ଦାସ ଚେୟାର ପ୍ରତିଷ୍ଠା ସହ ମନୋଜ ଦାସଙ୍କ ଓଡ଼ିଆ-ଇଂରାଜୀ ଭାଷାରେ ସମଗ୍ର କୃତିକୁ ପ୍ରକାଶ କରିବାଲାଗି ଓଡ଼ିଶା ସାହିତ୍ୟ ଏକାଡେମିକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଏତଦ୍ ଭିନ୍ନ ମନୋଜ ଦାସଙ୍କ ନାମରେ ଏକ ଆନ୍ତର୍ଜାତିକ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ହେଉ ଯାହା ଆନ୍ତର୍ଜାତିକ ସ୍ତରରେ ସାହିତ୍ୟିକଙ୍କୁ ଆମନ୍ତ୍ରଣ କରିବ। ଶଙ୍ଖାରୀ ଗ୍ରାମରେ ମନୋଜଙ୍କ ସ୍ମୃତିରକ୍ଷା ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ସ୍ୱାଗତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋଟିଏ ଦିନରେ ୯୮୮୯ ....

ସେହିପରି ବଲାଙ୍ଗୀରରୁ ୩୨୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨୯, କଟକରୁ ୭୯୦ ଜଣ, ଦେବଗଡ ଜିଲ୍ଲାରୁ ୭୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯୦ ଜଣ, ଗଜପତି ଜିଲ୍ଲାରୁ ୧୧୭, ଗଞ୍ଜାମରୁ ୩୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୫୬ ଜଣ, ଯାଜପୁରରୁ ୨୮୨ ଜଣ, ଝାରସୁଗୁଡ଼ାରୁ ୩୮୬ ଜଣ, କଳାହାଣ୍ଡିରୁ ୪୧୪ ଜଣ, କନ୍ଧମାଳ ଜିଲ୍ଲାରୁ ୫୨ ଜଣ. କେନ୍ଦ୍ରାପଡ଼ାରୁ ୧୩୩ ଜଣ, କେନ୍ଦୁଝରରୁ ୧୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୩୩୧ ଜଣ, କୋରାପୁଟରୁ ୯୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୨୪୩ ଜଣ, ନବରଙ୍ଗପୁରରୁ ୪୧୪ ଜଣ, ନୟାଗଡ଼ରୁ ୨୨୩ ଜଣ, ନୂଆପଡ଼ାରୁ ୩୩୫ ଜଣ, ପୁରୀରୁ ୪୩୬ ଜଣ, ରାୟଗଡ଼ାରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୭୦ ଜଣ, ସୋନପୁରରୁ ୧୫୮ ଜଣ, ସୁନ୍ଦରଗଡ଼ରୁ ୧୧୩୭ଜଣ ଓ ଷ୍ଟେଟ୍ ପୁଲରୁ ୨୪୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ମୁଖ୍ୟମନ୍ତ୍ରୀ ଭାବେ ଶପଥ....

ସବୁ ଆକଳନକୁ ଭୁଲ ପ୍ରମାଣିତ କରି ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ମମତା । ହଁ ନିଜେ ନନ୍ଦୀଗ୍ରାମ ଆସନରୁ ହାରିଯାଇଛନ୍ତି ସତ କିନ୍ତୁ ଦଳକୁ ଦେଇଛନ୍ତି ବଡ ବିଜୟ । ବିଧାୟକ ନହୋଇ ମମତା ମୁଖ୍ୟମନ୍ତ୍ରୀ ହେଉଥିବାରୁ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଆସନ୍ତା ୬ ମାସରେ ମମତାଙ୍କୁ ବିଧାୟିକା ଭାବେ ନିର୍ବାଚନ ଜିତିବାକୁ ହେବ । କ୍ଷମତାକୁ ଫେରୁ ଫେରୁ ଏବେ ଆକ୍ସନ ମୋଡରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ରାଜ୍ୟରେ ଡିଜିପି ଓ ଏଡିଜିଙ୍କ ବଦଳି କରିଦେଇଛନ୍ତି । ଏହାସହ ରାଜ୍ୟରେ ହିଂସା ରୋକିବାକୁ ସମସ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମମତା ବାନାର୍ଜୀ । ନିର୍ବାଚନ ଆୟୋଗଙ୍କ ତରଫରୁ ପଶ୍ଚିମବଙ୍ଗର ଡିଜିପି ନିଯୁକ୍ତ ଥିବା ନିରଜ ନୟନ ପାଣ୍ଡେଙ୍କୁ ଦମକଳ ବିଭାଗକୁ ପଠାଇ ଦିଆଯାଇଛି । ଆଉ ଏଡିଜି ଥିବା ଜଗମୋହନଙ୍କୁ ସିଭିଲ ଡିଫେନ୍ସକୁ ପଠାଇ ଦିଆଯାଇଛି । ଏହାସହ କରୋନା ମୁକାବିଲା ପାଇଁ ରାଜ୍ୟରେ କରୋନା କଟକଣାକୁ ପୁଣି କଡାକଡି କରାଯାଇଛି । ରାଜ୍ୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି ମମତା । ସେହିପରି ଲୋକାଲ ଟ୍ରେନ କାଲିଠୁ ବାତିଲ କରାଯିବ । ଏହାସହ ସକାଳ ୭ରୁ ୧୦ଟା ଯାଏଁ ଓ ସନ୍ଧ୍ୟା ୫ଟାରୁ ୭ଟା ଯାଏଁ ବଜାର ଖୋଲା ରହିବ ବୋଲି ଘୋଷଣା ହୋଇଛି । କୌଣସି ସାମାଜିକ ଓ ରାଜନୈତିକ ସଭାକୁ ମଧ୍ୟ ଅନୁମତି ଦିଆଯିବ ନାହିଁ । ଏହାସହ ରାଜ୍ୟର ନୂଆ ଡିଜିପି ଭାବେ ବିରେନ୍ଦ୍ରଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏଡିଜି ଭାବେ ଜାବେଦ ସମିମଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ରାଜ୍ୟରେ ହେଉଥିବା ହିଂସାକୁ ତୁରନ୍ତ ରୋକିବାକୁ ନିର୍ଦ୍ଦେଶ ଦେଇଛନ୍ତି ମମତା ବାନାର୍ଜୀ ।

## ନୀଳଗିରି ପୋଲିସ ଦ୍ୱାରା ଦେଶୀ ମଦ ସହ ବାଇକ୍ ଜବତ, ୨ଗିରଫ

ନୀଳଗିରି,୦୫/୦୫ (ନି.ପ୍ର): ନୀଳଗିରି ଏସ.ଡି.ପି.ଓ. ରୀତେଶ ମହାପାତ୍ରଙ୍କ ନିର୍ଦ୍ଦେଶରେ ନୀଳଗିରି ଥାନାର ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ଓଲଡଙ୍ଗ ଛକ ନିକଟରେ ଏକ ବାଜାଜ ଡିସକଭର ଓଡି-୦୧ଜ-୧୬୫୨ ରେ ୧୦୦ ଲିଟର ଦେଶୀ ମଦ ସହିତ ୨ଜଣ ଯୁବକ ଯଥା ସିଆଡ଼ିମାଳ ଗ୍ରାମର ଜୟକୃଷ୍ଣ ଦାସବାବୁ ଓ ଛୋଟକାନପୁର ଗ୍ରାମର ପ୍ରଦୀପ କୁମାର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏ ନେଇ ନୀଳଗିରି ଥାନାର ୧୨୩/୨୧ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଏହି ଚଢ଼ାଉରେ ନୀଳଗିରି ଥାନାର ସବ୍‌ଇନିସ୍‌ପେକ୍ଟର ବାସୁଦେବୟ ଜୟସିଂହ ଓ ଟାଉନ ହାବିଲଦାର ଯଦୁନାଥ ସେଠୀ ସାମିଲ ଥିଲେ ।

## କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଉପବାସ



ଭୁବନେଶ୍ୱର,୦୫/୦୫ (ନି.ପ୍ର): ପଶ୍ଚିମବଙ୍ଗରେ ବିଜେପି କାର୍ଯ୍ୟକର୍ତାମାନଙ୍କ ଉପରେ ଟିଏମସିର ହିଂସା ବିରୋଧରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପବାସ ସହ ଧାରଣା ଦେଇଛନ୍ତି । ସେ ବାଲେଶ୍ୱର ଜିଲ୍ଲାର ନୀଳଗିରିସ୍ଥିତ ବାସଭବନରେ ଧାରଣା ଦେଇଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ଫଳାଫଳ ଘୋଷଣା ପରେ ବିଜେପି କାର୍ଯ୍ୟକର୍ତ୍ତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉପରେ ହିଂସାତ୍ମକ ଆକ୍ରମଣ କରି ମମତା ବାନାର୍ଜୀ ଗଣତନ୍ତ୍ରର ମୌଳିକ ଅଧିକାରକୁ ହତ୍ୟା କରିଛନ୍ତି ଆଗାମୀ ଦିନରେ ପଶ୍ଚିମବଙ୍ଗବାସୀଙ୍କୁ ତୃଣମୂଳ କଂଗ୍ରେସ କେଉଁ ପ୍ରକାରର ଶାସନ ଦେବାକୁ ଯାଉଛି ତାହା ଏଥିରୁ ପ୍ରତିଫଳିତ ହୋଇଛି । ଦେଶର କୌଣସି ଅଂଚଳରେ ଏଭଳି ହିଂସା କଳ୍ପନାଯୋଗ୍ୟ ନୁହେଁ ।

## ପଶ୍ଚିମବଙ୍ଗରେ ହିଂସା ପ୍ରତିବାଦରେ ବିଜେପିର ଉପବାସ ଓ ଧାରଣା କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତୀ ହିଂସା ପ୍ରତିବାଦରେ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆଜିଠାରୁ ଦୁଇ ଦିନିଆ ଦେଶବ୍ୟାପୀ ଉପବାସ ଓ ଧାରଣା ଅନୁଷ୍ଠିତ ହେଉଛି । ଲକ୍‌ଡାଉନ ଏବଂ କୋଭିଡ୍ ଗାଇଡଲାନକୁ ପାଳନ କରି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆଜି ନିଜ ବାସଭବନରେ ଧାରଣା ଦେଇ ବଙ୍ଗଳା କାର୍ଯ୍ୟକର୍ତାଙ୍କୁ ନୈତିକ ସମର୍ଥନ ଜଣାଇଛନ୍ତି । ଉପବାସ ରହି ଶ୍ରୀ ମହାନ୍ତି ପଶ୍ଚିମବଙ୍ଗ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ବିଜେପି କାର୍ଯ୍ୟକର୍ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ସେହିପରି ରାଜ୍ୟର ସମସ୍ତ ଜିଲ୍ଲା ଓ ମଣ୍ଡଳରେ ବିଜେପିର ସମସ୍ତ ସାଂସଦ, ବିଧାୟକ, ଲୋକପ୍ରତିନିଧି, ପାର୍ଟୀ ପଦାଧିକାରୀ, ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ବାସଭବନରେ ରହି ଭର୍ଚୁଆଲ ମିଟିଂ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଉପବାସ ଓ ଧାରଣା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ପ୍ରତିବାଦ ଓ ଧାରଣା ଆସନ୍ତା କାଲି ମଧ୍ୟ ଜାରୀ ରହିବ । ରାଷ୍ଟ୍ରୀୟ ସଭାପତି ଶ୍ରୀ ଜେ.ପି.ନଡ୍ଡା ଆଜି କୋଲକାତାଠାରେ ପଶ୍ଚିମବଙ୍ଗ ରାଜ୍ୟ ସଭାପତି ଓ କାର୍ଯ୍ୟକର୍ତାଙ୍କ ଗ୍ରହଣରେ ଉପସ୍ଥିତ ରହି ଧାରଣା ଦେଇଥିଲେ । ରେ ଟିଏମସି କାର୍ଯ୍ୟକର୍ତାମାନେ ଯେଉଁ ଭଳି ଭାବେ ବିଜେପି କାର୍ଯ୍ୟକର୍ତାଙ୍କ ଉପରେ ବର୍ବର ଓ ଅମାନୁଷିକ କାଣ୍ଡ ଭିଆଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ନିର୍ବାଚନ ଜିତିବା ପରେ ମମତା ବାନାର୍ଜୀ ଓ ତାଙ୍କ ଦଳ ଟିଏମସିର ନିର୍ବାଚନୀ ସ୍ଲୋଗାନ "ଖେଲା ହୋବେ"କୁ ବର୍ତମାନ ବାସ୍ତବରେ ପରିଣତ କରାଯାଉଛି । ତୃତୀୟ ପାଳି କ୍ଷମତାର ନିଶା ଓ ଅହଂକାରରେ ମମତା ବାନାର୍ଜୀ ପ୍ରତିହିଂସା ପରାୟଣ ହୋଇ ଏକମାତ୍ର ବିରୋଧୀ ବିଜେପିର କାର୍ଯ୍ୟକର୍ତାଙ୍କୁ ନିପାତ କରିବାର ଅପଚେଷ୍ଟାରେ କେବେହେଲେ ସଫଳ ହେବେ ନାହିଁ । 'ହିଂସା, ଆତଙ୍କରାଜ ଓ ହତ୍ୟା' ଗଣତନ୍ତ୍ରର ପରିପନ୍ଥୀ ନୁହେଁ । ବିଜେପି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ । ବଙ୍ଗଳାର ଗୋଟିଏ ହେଲେ କାର୍ଯ୍ୟକର୍ତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ । ସୁନାର ବଙ୍ଗଳା ପ୍ରତିଷ୍ଠା ପାଇଁ ବିଜେପି ବଦ୍ଧପରିକର । ଏଭଳି ହିଂସାକାଣ୍ଡ ତୁରନ୍ତ ବନ୍ଦ ହେବା ଆବଶ୍ୟକ ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ନିହାତି ଆବଶ୍ୟକ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ପଶ୍ଚିମବଙ୍ଗ ରାଜନୈତିକ ହିଂସାକାଣ୍ଡ ବିରୋଧରେ ବିରୋଧୀ ଦଳମାନେ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ପ୍ରଶ୍ନ କରିବା ସହ ସ୍ୱାମୀ ବିବେକାନନ୍ଦ, ଯୋଗୀ ଅରବିନ୍ଦ, ରବିନ୍ଦ୍ରନାଥ ଟାଗୋର, ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଭଳି ମହାମନିଷୀଙ୍କ ଜନ୍ମମାଟିରେ ହତ୍ୟା ଏବଂ ମାତୃଶକ୍ତିଙ୍କ ଉପରେ ଅତ୍ୟାଚାର ଆଦୌ ଶୋଭନୀୟ ନୁହେଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ଭି.ଏସ୍.ଏସ୍ ନଗରରେ କରୋନା ଟିକା

ଭୁବନେଶ୍ୱର,୦୫/୦୫ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ନଗରରେ ଆଜି ଠାରୁ କରୋନା ଟୀକା ଦେବା ଆରମ୍ଭ ହୋଇଛି । ଏଠାରେ ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଟୀକା ଦିଆଯାଉଥିବା ବେଳେ ଅପରାହ୍ନ ୩ରୁ ୫ ଟା ପର୍ଯ୍ୟନ୍ତ ୪୫ ବର୍ଷରୁ ଅଧିକ ବ୍ୟକ୍ତି ମାନଙ୍କୁ ଟୀକା ଦିଆଯାଉଛି । ଭି.ଏସ୍.ଏସ୍. ନଗରରେ ଟୀକାଦାନ କେନ୍ଦ୍ର ଚାଲିଥିବାରୁ ମହାନଗର ନିଗମ କର୍ତୃପକ୍ଷଙ୍କୁ ପରିଷଦ ଧନ୍ୟବାଦ ଜଣାଇଛି । ଏଠାରେ ଟୀକାଦାନ କେନ୍ଦ୍ର ଖୋଲିଥିଲେ ମଧ୍ୟ ସାତୋଟି ୱାର୍ଡ଼ ପାଇଁ ଏହି କେନ୍ଦ୍ରରେ ବ୍ୟବସ୍ଥା ହୋଇଥିବା ଯୋଗୁଁ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ବ୍ୟକ୍ତି ମାନେବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । କାରଣ ଏହି କେନ୍ଦ୍ରରେ ଟୀକା ନେବା ପାଇଁ ଗୋଟିଏ ୱାର୍ଡ଼କୁ ମାତ୍ର ୧୦ଟି ଟୋକନ ଦିଆଯାଇଛି । ଏହାର ମାନେ ପ୍ରତି ୱାର୍ଡ଼ରୁ ଦିନକୁ ମାତ୍ର ୧୦ ଜଣ ଟୀକା ନେଇ ପାରିବେ । ଏହାର ସମାଧାନ କରାଯିବା ପାଇଁ ଉନ୍ନୟନ ପରିଷଦ ନିବେଦନ କରିଛି ।

## ଭଦ୍ରକରୁ ୫୨ ନୂଆ କରୋନା ଆକ୍ରାନ୍ତ : ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୩୭

ଭଦ୍ରକ,୫।୫: ଭଦ୍ରକ ଜିଲ୍ଲାରୁ ଆଉ ୫୨ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୯ହଜାର ୬୧୮। ସେହିପରି ଜିଲ୍ଲାରେ ସୁସ୍ଥ ହୋଇ ସାରିଛନ୍ତି ୮ହଜାର ୩୫୨। ଚିହ୍ନଟ ଆକ୍ରାନ୍ତମାନେ ହେଲେ ଭଦ୍ରକ ବ୍ଲକର ଏରେଇଁ ପଞ୍ଚାୟତର ପଥରଆଡି ଗ୍ରାମରୁ ଜଣେ, କାଉପୁର ପଞ୍ଚାୟତର ଚଢେୟା ଗ୍ରାମରୁ ଜଣେ, ଗେଲପୁର ପଞ୍ଚାୟତର ସାମରାଇପୁର ଗ୍ରାମରୁ ଜଣେ,ଅର୍ଣ୍ଣପାଳ ପଞ୍ଚାୟତ ଅର୍ଣ୍ଣପାଳ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ୨ଜଣ, ୧୪ ନଂ ୱାର୍ଡ ବଙ୍କସାହିରୁ ଜଣେ, ୧୩ ନଂ ୱାର୍ଡ ଅପର୍ତ୍ତିବିନ୍ଧାରୁ ୨ଜଣ, ୨୩ ନଂ ୱାର୍ଡ ପୁରୁଣାବଜାରରୁ ୨ଜଣ, ୬ ନଂ ୱାର୍ଡ ବାଇପାସ୍‌ରୁ ୨ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଧାମନଗର ବ୍ଲକର ଅସୁରାଳି ପଞ୍ଚାୟତର ଷେଣ୍ଡପୁର ଗ୍ରାମରୁ ଜଣେ, ଆନନ୍ଦପୁର ପଞ୍ଚାୟତର ଆନନ୍ଦପୁର ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଭୁଡିଆ ଗ୍ରାମରୁ ଜଣେ, ନିର୍ଗୁଣ୍ଡି ପଞ୍ଚାୟତ ନିର୍ଗୁଣ୍ଡି ଗ୍ରାମରୁ ଜଣେ, ନେରଡା ପଞ୍ଚାୟତ ଡାହାଲା ଗ୍ରାମରୁ ଜଣେ, ରାଜେନ୍ଦ୍ରପୁର ପଞ୍ଚାୟତ ମେଘା ଗ୍ରାମରୁ ଜଣେ, ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆସାହିରୁ ଜଣେ, ବାଲିପୋଖରୀ ପଞ୍ଚାୟତ ବାଲିପୋଖରୀ ଗ୍ରାମରୁ ଜଣେ, ନପଙ୍ଗ ପଞ୍ଚାୟତ ନପଙ୍ଗ ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି। ବନ୍ତ ବ୍ଲକର ଗଣିଜାଙ୍ଗ ପଞ୍ଚାୟତର ଗଣିଜାଙ୍ଗ ଗ୍ରାମରୁ ଜଣେ, ରାମଚନ୍ଦ୍ରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରୁ ୩ଜଣ, ବଡମହିଷିଗୋଠ ପଞ୍ଚାୟତ ହରିପୁର ଗ୍ରାମରୁ ୩ଜଣ, ମହାନ୍ତିପଡା ପଞ୍ଚାୟତ ମହାନ୍ତିପଡା ଗ୍ରାମରୁ ଜଣେ, ନିଳୋକ ପଞ୍ଚାୟତ ପଦିଆପଡ଼ା ଗ୍ରାମରୁ ଜଣେ, ତୋଡଙ୍ଗା ପଞ୍ଚାୟତରୁ ତୋଡଙ୍ଗା ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ବ୍ଲକର ବାଂଶଡା ପଞ୍ଚାୟତ ବାଂଶଡା ଗ୍ରାମରୁ ୩ଜଣ, ଭାଟପଡ଼ା ପଞ୍ଚାୟତ ଭାଟପଡ଼ା ଗ୍ରାମରୁ ୨ଜଣ, ଭୁଇଁବୃତ୍ତି ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରୁ ଜଣେ, ଧାମରା ପଞ୍ଚାୟତର ଧାମରା ଗ୍ରାମରୁ ଜଣେ, ଯଶିପୁର ପଞ୍ଚାୟତର ଶୁଭଦିଆ ଗ୍ରାମରୁ ୩ଜଣ, ଗୋରାସାହି ପଞ୍ଚାୟତର ଜଣେ, ତେନ୍ତୁଳିଡିହି ପଞ୍ଚାୟତର ତେନ୍ତୁଳିଡିହି ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରାରୁ ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଭୁବନେଶ୍ୱରରେ ୨୪ ଘଂଟାରେ ୧୦୭୪ ପଜିଟିଭ୍



ଭୁବନେଶ୍ୱର,୦୫/୦୫ (ନି.ପ୍ର): ବୁଧବାର ଦିନ ଭୁବନେଶ୍ୱରରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ହଜାରେ ଟପିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୧୦୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୨୮ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୯୪୬ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୫୯୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ଆଜି ଚିହ୍ନଟ ହୋଇଥିବା ୯୪୬ ଲୋକାଲ୍ କେସ ଭିତରୁ ସର୍ବାଧିକ ପଟିଆରୁ ୫୪ , ନୟାପଲ୍ଲୀରୁ ୫୨ , ଓଲ୍ଡଟାଉନ୍ ରୁ ୫୦ ଜଣ , ଚନ୍ଦ୍ରଶେଖରପୁରରୁ ୩୯ ଜଣ , ଲକ୍ଷ୍ମୀସାଗରରୁ ୩୪, ଡୁମଡୁମାରୁ ୩୩ , ବରମୁଣ୍ଡାରୁ ୩୨, ସହୀଦନଗରରୁ ୩୧ , ଖଣ୍ଡଗିରିରୁ ୩୦, ଶୈଳଶ୍ରୀବିହାରରୁ ୨୭, ଜୟଦେବବିହାରରୁ ୨୫, ଝାରପଡାରୁ ୨୩ ,ବମିଖାଲରୁ ୨୩, ୟୁନିଟ ୬ରୁ ୨୩ , ରସୁଲଗଡରୁ ୨୧ , ସୁନ୍ଦରପଦାରୁ ୨୧ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ୟୁନିଟ୍ ୯ରୁ ୯ , ପଟିଆରୁ ୬ , ଚନ୍ଦ୍ରଶେଖରପୁର , ଶୈଳଶ୍ରୀବିହାରରୁ ୫ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୯୩୩୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୩୯୬୧୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୯୪୧୯ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୭୫ ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୦ ଲକ୍ଷ ଦେଲେ ରାଜ୍ୟପାଳ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ନିଜସ୍ୱ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଏଥିସହ ସରକାରଙ୍କ କୋଭିଡ୍ ବିରୋଧୀ ଲଢେଇରେ ସହଯୋଗ କରିବା ଲାଗି ସ୍ୱତଃପ୍ରବୃତ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିବାକୁ ରାଜ୍ୟପାଳ ଜନସାଧାରଙ୍କୁ ଆହ୍ୱାନ ଦେଇଛନ୍ତି।

## ଲାଇଫ୍ ସାର୍ଟିଫିକେଟ୍ ଦାଖଲ ଅବଧି ୩ମାସ ବଢିଲା

ଭୁବନେଶ୍ୱର,୦୫/୦୫ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାର୍ଷିକ ଲାଇଫ୍ ସାର୍ଟିଫିକେଟ୍ ଦାଖଲ ଅବଧିକୁ ଆଉ ୩ମାସ ବୃଦ୍ଧି କରିଛନ୍ତି। ଏହାସହିତ ବ୍ୟକ୍ତିଗତ ଉପସ୍ଥିତ ନହୋଇ ମଧ ପ୍ରଥମ ପେନସନ୍ ଓ ପରିବାର ପେନସନ୍ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ପେନସନ୍ ପ୍ରଦାନକାରୀ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ ଅପ୍ରତ୍ୟାଶିତ ଭାବେ କୋଭିଡ-୧୯ ମାମଲା ବୃଦ୍ଧି ପାଉଥିବା ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବରିଷ୍ଠ ନାଗରିକମାନେ କୋଭିଡ୍ ସଂକ୍ରମିତ ହେବାର ଅଧିକ ଆଶଙ୍କା ରହୁଛି। ତେଣୁ ରାଜ୍ୟ ସରକାର ବାର୍ଷିକ ଲାଇଫ ସାର୍ଟିଫିକେଟ, ପୁନଃବିବାହ ସାର୍ଟିଫିକେଟ ଓ ନନ୍ ଏମ୍ପ୍ଲଏମେଂଟ ସାର୍ଟିଫିକେଟ ଦାଖଲ ଅବଧିକୁ ଆଉ ୩ମାସ ପାଇଁ ଅର୍ଥାତ୍ ୨୦୨୧ ଜୁନରୁ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଯେଉଁ ପେନସନଧାରୀ ଓ ପାରିବାରିକ ପେନସନଧାରୀମାନେ ନିଜର ବାର୍ଷିକ ଲାଇଫ ସାର୍ଟିଫିକେଟକୁ ସେମାନେ ପେନସନ ନେଉଥିବା ବ୍ୟାଙ୍କ ଅବା ଟ୍ରେଜେରୀ ପାଖରେ ଦାଖଲ କରିନାହାନ୍ତି ସେମାନେ ବିଶେଷ ଉପକୃତ ହେବେ।

## ଜଟଣୀ ଶ୍ରୀଜଗନ୍ନାଥ ଜମି ପ୍ରସଙ୍ଗରେ ମଇ ୧୯ ସଚ୍ଚିବାଳୟ ଘେରାଉ କାର୍ଯ୍ୟକ୍ରମ ସ୍ଥଗିତ : ସୁରେଶ କୁମାର ରାଉତରାୟ

ଭୁବନେଶ୍ୱର,୦୫/୦୫ (ନି.ପ୍ର): "ଜଟଣୀ ଏକରାଜତମାହାଲ ସ୍ଥିତିବାନ ଜମି କ୍ଷତିଗ୍ରସ୍ତ ଜନମଂଚ"ର ମଇ ୧୯ ସଚ୍ଚିବାଳୟ ଘେରାଉ ପାଇଁ ଯେଉଁ କାର୍ଯ୍ୟକ୍ରମ ସ୍ଥିରିକୃତ କରିଥିଲେ ତାହା ସାମୟିକ ଭାବେ ସ୍ଥଗିତ ରଖଯାଇଛି ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି ଯେ ବର୍ତ୍ତମାନର ଉତ୍କଟ କରୋନା ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ପରାମର୍ଶ ଓ ଅନୁରୋଧ କ୍ରମେ ଏହି ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଚ୍ଚିବ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡେଭଲପମେଂଟ କମିଶନର ଶ୍ରୀ ପ୍ରଦୀପ ଜେନା, ରାଜସ୍ୱ ବିଭାଗ ସଚ୍ଚିବ ବିଷ୍ଣୁପଦ ସେଠୀ, ଆଇନ ବିଭାଗ ସଚ୍ଚିବ ପ୍ରମୁଖ ଗତକାଲି ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାଙ୍କ ସହିତ ଜଟଣୀ ଜଗନ୍ନାଥ ଜମି ସତ୍ୱ ପରିବର୍ତନ ସଂପର୍କରେ ସଚ୍ଚିବାଳୟରେ ଆଲୋଚନା କରିଥିଲେ। କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ତିନିମାସ ମଧ୍ୟରେ ଜଟଣୀ ଜଗନ୍ନାଥ ଜମି ସମସ୍ୟାର ସମାଧାନ ହେବ ବୋଲି ଉକ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ସଚ୍ଚିବାଳୟ ଘେରାଉ କାର୍ଯ୍ୟକ୍ରମକୁ ବନ୍ଦ ରଖିବା ପାଇଁ ମଧ୍ୟ ଶ୍ରୀ ରାଉତରାୟଙ୍କୁ ଅନୁରୋଧ କରିଥିଲେ। ଏଣୁ ଏସବୁକୁ ବିଚାରକୁ ନେଇ ଏହି ଘେରାଉ କାର୍ଯ୍ୟକ୍ରମ ସାମୟିକ ଭାବେ ବନ୍ଦ କରାଯାଇଛି।

## ଖଲିକୋଟ ସ୍ୱୟଂଶାସିତ କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା

ଭୁବନେଶ୍ୱର,୦୫/୦୫(ନି.ପ୍ର): ଖଲିକୋଟ ସ୍ୱୟଂଶାସିତ କଲେଜକୁ ମିଳିଛି ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ଖଲିକୋଟ କଲେଜ ରାଜ୍ୟର ଏକ ପୁରୁଣା କଲେଜ। ଏହାର ଏକ ସ୍ୱତନ୍ତ୍ର ପରିଚିତି ରହିଛି। ଏଠାରେ ପାଠପଢ଼ିଥିବା ଅନେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଖଲିକୋଟ କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଫଳରେ ଦକ୍ଷିଣ ଓଡ଼ିଶା ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇଛି। ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଏହି ଅନୁଷ୍ଠାନ ଶିକ୍ଷାକ୍ଷେତ୍ରରେ ଏକ ନୂଆ ଯାତ୍ରା ଆରମ୍ଭ କରିବ। ବର୍ତମାନର ସମୟକୁ ଦୃଷ୍ଟିରେ ରଖି ଏହା ଗବେଷଣା ଓ ନୂଆ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରି ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

## ଭଦ୍ରକ ଏସ୍‌ପି ଧାମନଗରରେ ୧୪ଦିନିଆ ଲକ୍‌ଡ଼ାଉନ୍ ସ୍ଥିତି ଅନୁଧ୍ୟାନ କଲେ





ଧାମନଗର,୦୫/୦୫ (ନି.ପ୍ର): ୧୪ଦିନିଆ ଲକ୍‌ଡ଼ାଉନ୍‌ର ସ୍ଥିତି ଅନୁଧ୍ୟାନ ପାଇଁ ପ୍ରଥମ ଦିନରେ ଧାମନଗର ଥାନାରେ ପହଂଚିଥିଲେ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା। ଧାମନଗର ଅଂଚଳର ପୋଲିସ ପ୍ରଶାସନ ସହ ଆଲୋଚନା କରିବା ପରେ ଧାମନଗର ବଜାରରେ କରୋନା କଟକଣା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସହ ଅମାନିଆ ମାନଙ୍କପ୍ରତି କଠୋର ହେବାକୁ ନିର୍ଦ୍ଦେଶ ଦେବା ସହ ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ ଅତ୍ୟାବଶ୍ୟକ ପଡ଼ିଲେ ଘରୁ ବାହାରିଲେ ମାସ୍କ ପିନ୍ଧନ୍ତୁ ଓ ସାମାଜିକ ପାଳନ କରନ୍ତୁ ବୋଲି ଏସ୍‌ପି ଶ୍ରୀ ମୀନା ଜନସାଧାରଣଙ୍କୁ ସୂଚନା ଦେଇଛନ୍ତି। ମହାମାରୀ କରୋନାର ଦ୍ୱିତୀୟ ଲହରରେ ଦେଶ ସମେତ ଓଡ଼ିଶାର ଜନଜୀବନ ଦୁଃର୍ବିସହ ହୋଇ ପଡ଼ିଥିବାବେଳେ ଏହାର ଦୃତ ସଂକ୍ରମଣକୁ ରୋକ ଦେବାପାଇଁ ରାଜ୍ୟ ସରକାର ସହରାଂଚଳରେ ନାଇଟ୍‌କର୍ଫ୍ୟୁ ଓ ପରେ ସପ୍ତାହନ୍ତ ସଟ୍‌ଡ଼ାଉନ୍ ଘୋଷଣା କରିଥିଲେ। ମାତ୍ର ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟାର ଗ୍ରାଫ ଉପରମୁହାଁ ଜାରି ରହିଲା। ଏଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୂଚନା ଓ ଲୋକସମ୍ପର୍କ ସଚିବ ମଇ ୫ତାରିଖ ଠାରୁ ୧୯ତାରିଖ ଯାଏ ସମଗ୍ର ରାଜ୍ୟରେ ୧୪ଦିନିଆ ଲକ୍‌ଡ଼ାଉନ୍ ଘୋଷଣା କଲେ। ଲକ୍‌ଡ଼ାଉନ୍‌ର ୨ଦିନ ପୂର୍ବରୁ ଲୋକମାନେ ବଜାର ଘାଟରେ ନାହିଁ ନଥିବା ଭିଡ଼ ଜମାଇଲେ। ୫ତାରିଖ ବୁଧବାର ସରକାରଙ୍କ କୋଭିଡ଼ ନିୟମ ଅନୁସାରେ ଅତ୍ୟାବଶ୍ୟକ ସାମଗ୍ରୀ, ପନିପରିବା, ଫଳ, ମାଛ, ଅଣ୍ଡା ଓ ଔଷଧ ଦୋକାନ ବ୍ୟତିତ ଅନ୍ୟସବୁ ଦୋକାନ ବନ୍ଦଥିବା ଦେଖାଯାଇଥିଲା। ଅପରାହ୍ନ ଠାରୁ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଧାମନଗରର ଗ୍ରାମ ଓ ସହରାଂଚଳରେ ଦୋକାନ ବଜାର ବନ୍ଦଥିବା ସହ ରାସ୍ତାଘାଟ ଶୁନସାନ ଥିବା ଦେଖାଯାଇଥିଲା। ଧାମନଗର ଓ ଧୂଷୁରୀ ଥାନା ଅଂଚଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଲକ୍‌ଡ଼ାଉନ୍ ସ୍ଥିତି ପ୍ରତି ନଜର ରଖିବା ସହ ଜନସାଧାରଣଙ୍କୁ ସରକାରଙ୍କ କୋଭିଡ଼ ନିୟମ ପାଳନ କରିବାକୁ ସଚେତନ କରୁଥିବା ଦେଖାଯାଇଥିଲା। ଧାମନଗର ଓ ଅସୁରାଳିର ସାପ୍ତାହିକ ହାଟ ବୁଧବାର ବନ୍ଦଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଭେକସିନ ନଥିବାରୁ ଟିକାଦାନ ବନ୍ଦଥିବା ଦେଖାଯାଇଥିଲା। ସ୍ଥାନୀୟ ପୋଲିସଙ୍କ ଅନୁମତି କ୍ରମେ ଧାମନଗର ଓ ଧୂଷୁରୀ ଥାନା ଅଂଚଳରେ ବିବାହ ଓ ବ୍ରତ କାର୍ଯ୍ୟକ୍ରମ ମାନ କୋଭିଡ଼-୧୯ କଟକଣା ପାଳନ ପୂର୍ବକ ଅନୁଷ୍ଠିତ ହୋଇଥିବା ଦେଖାଯାଇଥିଲା। ଧାମନଗର ଏସ୍‌ଡ଼ିପିଓ ଅଶୋକ ଦାସ, ଥାନା ଆଇଆଇସି ରତିକାନ୍ତ ଗିରି, ଏସ୍‌ଆଇ ମୋତିଲାଲ ମାରାଣ୍ଡି, ମୋନାଲିସା ପ୍ରଧାନ, ଏଏସ୍‌ଆଇ ହୃଷିକେଶ ବିଶ୍ୱାଳ, ରାମେଶ୍ୱର ସୁରେନ ପ୍ରମୁଖ ଲକ୍‌ଡ଼ାଉନ୍ ସ୍ଥିତି ଉପରେ ତିକ୍ଷ୍ଣ ନଜର ରଖିଥିବା ଦେଖିବାକୁ ମିଳିଛି।

# କରୋନା ପଜିଟିଭ୍ ଲୋକ ହୋମ୍ ଆଇସୋଲେସନରେ ରହି ଭଲ ହୋଇପାରିବେ

ଭୁବନେଶ୍ୱର,୦୫/୦୫ (ନି.ପ୍ର): କରୋନା ପୀଡିତ ୯୦ ପ୍ରତିଶତ ଲୋକ ହୋମ୍ ଆଇସୋଲେସନରେ ରହି ଭଲ ହୋଇପାରିବେ। ତେଣୁ କରୋନା ପଜିଟିଭ ହେଲେ ଭୟଭୀତ ହେବା ଉଚିତ ନୁହେଁ । ଶରୀରରେ ଅକ୍ସିଜେନ ମାତ୍ରା ହ୍ରାସ ପାଉଥିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀ ହସ୍ପିଟାଲ ଯିବା ଦରକାର। ସେହିପରି ଗର୍ଭବତୀ ମହିଳା କରୋନା ଟିକା ନନେବା ଉଚିତ ବୋଲି ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଡାକ୍ତର ଏହି ମତ ଦେଇଛନ୍ତି । କରୋନା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ କଟକ ବଡ ମେଡିକାଲ ଏଚ୍‌ଓଡି, ଅବ୍‌ଷ୍ଟେରିଟି-ଗାଏନାକୋଲଜି, ପ୍ରଫେସର ତୁଷାରଜ୍ୟୋତି କୁମାର କର ଏବଂ କଟକ ଶିଶୁ ଭବନ ଶିଶୁ ବିଶେଷଜ୍ଞ ପ୍ରଫେସର ପ୍ରଭାକର ମିଶ୍ର କହିଛନ୍ତି ଯେ ଡାକ୍ତରଙ୍କ ସହ ପରାମର୍ଶ କରି ଘରେ ରହି କୋଭିଡ ରୋଗୀ ସୁସ୍ଥ ହୋଇପାରିବେ। ଔଷଧ ଖାଇଲା ପରେ ବି ଜ୍ୱର ଲାଗି ରହିପାରେ। ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କଲେ ଶରୀରରେ ଅକ୍ସିଜେନ ମାତ୍ରା ହ୍ରାସ ପାଉଥିଲେ ଡାକ୍ତରଙ୍କୁ ଜଣାଇବା ଦରକାର । ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀ ହସ୍ପିଟାଲ ଯିବା ଦରକାର । କିନ୍ତୁ ତରତର ହୋଇ ଡାକ୍ତରଖାନା ଯିବା ଅନୁଚିତ। ଶରୀରରେ ଅକ୍ସିଜେନ ମାତ୍ରା କମିଗଲେ କିଛି ସମୟ ପର୍ଯ୍ୟନ୍ତ ମୁହଁମାଡ଼ି ହୋଇ ଶୋଇପଡ଼ିଲେ ଭଲ । ପ୍ରଥମେ ବାମକଡ଼ ମାଡ଼ି ଏବଂ ଏହା ପରେ ଡାହାଣ କଡ଼ ମାଡ଼ି ଶୋଇଲେ ଭଲ। ଏହା ପରେ କିଛି ସମୟ ଆଉଜି ହୋଇ ବସନ୍ତୁ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ଏପରି କଲେ ଅକ୍ସିଜେନ ମାତ୍ରା ସ୍ୱାଭାବିକ ସ୍ତରକୁ ଆସିଯିବ । କୋଭିଡ କାଳରେ ଗର୍ଭଧାରଣ ନେଇ କିଛି ନିର୍ଦ୍ଦେଶାବଳୀ ନାହିଁ। ଯଦି ଗର୍ଭ ରହିଯାଏ, ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ଗର୍ଭଧାରଣ ବେଳେ ରୋଗପ୍ରତିରୋଧକ ଶକ୍ତି କମିଯାଇଥାଏ । ଏହି ସମୟରେ କରୋନା ହେଲେ ମା' ଓ ଶିଶୁଙ୍କୁ ବିଭିନ୍ନ ସମସ୍ୟା ହୋଇଥାଏ । କରୋନା କାଳରେ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟ ପରୀକ୍ଷାରେ ବ୍ୟବଧାନ ଆଣନ୍ତୁ। ଯଦି ଜଟିଳତା ନାହିଁ, ପ୍ରତିମାସରେ ନ କରି ୨ ମାସରେ ପରୀକ୍ଷା କରନ୍ତୁ। ଗର୍ଭାବସ୍ଥାରେ କୋଭିଡ ଗାଇଡଲାଇନ ପାଳନକରି ଅଲଟ୍ରାସାଉଣ୍ଡ କରନ୍ତୁ। ଗର୍ଭବତୀ ମହିଳା କରୋନା ଟିକା ନନେବା ଉଚିତ ।

# ପଶ୍ଚିମବଙ୍ଗ ରାଜନୈତିକ ହିଂସା ପ୍ରତିବାଦରେ ଜିଲ୍ଲା ବିଜେପିର ଧାରଣା



ବାଲେଶ୍ୱର,୦୫/୦୫ (ନି.ପ୍ର): ସମ୍ପ୍ରତି ପଶ୍ଚିମବଙ୍ଗରେ ଘଟୁଥିବା ନିର୍ବାଚନ ପରବର୍ତ୍ତି ରାଜନୈତିକ ହିଂସାକାଣ୍ଡ, ହତ୍ୟା, ଘରପୋଡ଼ି, ବଳାତ୍କାର ଇତ୍ୟାଦି ଘଟଣା ସମଗ୍ର ଦେଶବାସୀଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ବିଶେଷତଃ ବିଜେପି କାର୍ଯ୍ୟକର୍ତ୍ତାମାନେ ତୃଣମୂଳ କଂଗ୍ରେସ ପ୍ରଯୋଜିତ ହିଂସାକାଣ୍ଡର ଶିକାର ହେଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସୂଚନା ଅନୁଯାୟୀ ୨୧ ଜଣଙ୍କର ହତ୍ୟା, ୨ ବଳାତ୍କାର, ଶହଶହ ଘର ସ୍ଥାନୀୟ ବିଜେପି ଅଫିସ ପୋଡ଼ି, ହଜାର ହଜାର ଲୋକ ପ୍ରାଣଭୟରେ ଘରଛଡ଼ା ହେଲେଣି। ଏସବୁର ପ୍ରତିବାଦରେ ବିଜେପିର ସର୍ବଭାରତୀୟ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ଦୁଇଦିନ ଧରି ନିଜ ନିଜ ଘରେ ଉପବାସ ଓ ଧାରଣା ଦେବାପାଇଁ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସହିତ କିଛି ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଧାରଣାରେ ବସିଥିଲେ। ତଦନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକ ତାଙ୍କ ନୀଳଗିରିସ୍ଥିତ ବାସଭବନରେ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସାମ୍ପାଦିକା ଶିପ୍ରା ବାଜପେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ପର୍ଶୁରାମ ବେହେରା, ବିଧାୟକ ପାର୍ଥୀ ରାକେଶ ମଲ୍ଲିକ, ଅଶୁଂମାନ ମହାନ୍ତି, ମାନସ ଦତ୍ତ, ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିଜନିଜର ସ୍ଥାନରେ ସକାଳୁ ଉପବାସ ପୂର୍ବକ ଦିବା ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ମହାପାତ୍ରଙ୍କ ସହିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଉପସଭାପତି କମଳା ବିନ୍ଧାଣୀ ଓ କମଳ ଲୋଚନ ଦାସ, ଜିଲ୍ଲା ସମ୍ପାଦିକା ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ ଓ ବିଭୂପଦ ଦାସ, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ବାଲେଶ୍ୱର ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା, ନଗର ମହିଳାମୋର୍ଚ୍ଚା ସଭାପତି ସୁସ୍ମିତା ପଣ୍ଡା, ନଗର କୋଷାଧକ୍ଷ ତରୁଣ ବର୍ଧନ, ସୁଶାନ୍ତ ବେରା ଧାରଣାରେ ବସିଥିଲେ।

## ପାଣି ଟ୍ୟାଙ୍କର କିଣି ପାଣି ଯୋଗାଉଛନ୍ତି ଶିବ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ଅସହ୍ୟ ଗରମ ସହ ଚାଲିଛି ଲକ୍‌ଡାଉନ୍। ଏହି ସମୟରେ ପୁରୁଣା ଭୁବନେଶ୍ୱର ବିଭିନ୍ନ ସାହିରେ ଦେଖା ଦେଇଛି ପିଇବା ପାଣି ସମସ୍ୟା। ସ୍ଥାନୀୟ ଅଂଚଳର ସମାଜସେବୀ ଶିବ ପ୍ରସାଦ ବେହେରା ଏଥିପାଇଁ ଉଦାହରଣ ପାଲଟିଛନ୍ତି। ନିଜ ଖର୍ଚ୍ଚରେ ଏକ ପାଣି ଟ୍ୟାଙ୍କର କିଣି ପାଣି ଆଣି ଲୋକଙ୍କୁ ଯୋଗାଉଛନ୍ତି। ପୁରୁଣା ଭୁବନେଶ୍ୱରର ବିଭିନ୍ନ ପୁରୁଣା ସାହିରେ ପାଣି ପାଇଁ ଏଠି ଲୋକ ହେଉଛନ୍ତି ଡହଳ ବିକଳ। ଗାଧୋଇବା ପାଇଁ ବିଭିନ୍ନ ପୋଖରିକୁ ଯାଇ ହେବ କିନ୍ତୁ ଲକ୍‌ଡାଉନ୍ ଯୋଗୁଁ କେହି ବାହାରକୁ ଯିବା ସମସ୍ୟା। ସବୁଠାରୁ ବଡ଼ ସମସ୍ୟା ହେଉଛି ଘରର ରୋଷେଇ, ଛୋଟ ପିଲାଙ୍କୁ ଗାଧୋଇବା, ବାସନ, ଲୁଗା ଧୋଇବା ଓ ପିଇବା ପାଇଁ ପାଣି। ତେବେ ଏଠି ପାଣି ସମସ୍ୟା ଲାଗି ରହିଥିବାବେଳେ ସରକାରୀ ବାବୁ ଦିନେ ଶୁଣିଲେ ଆଉ ୬ଦିନ ଦେଖାନାହିଁ। ଏହି ସମୟରେ ଜାଗେଶ୍ୱରୀ କ୍ଲବର ସମ୍ପାଦକ ନିଜ ହାତରୁ ପାଣିଟାଙ୍କି କିଣି ପାଣି ଯୋଗାଇବା ଅଭିଯାନ ଆରମ୍ଭ କରିଛନ୍ତି। ଓଲଡ୍ ଟାଉନ୍‌ର ୨୦ରୁ ଉର୍ଦ୍ଧ୍ୱ ସାହିରେ ସେ ପାଣି ଯୋଗାଇ ଏହାର ଶୁଭାରମ୍ଭ କରିଛନ୍ତି। ଶିବଙ୍କ ଏହି ମହତ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକଙ୍କ ପ୍ରଶଂସାର ପାତ୍ର ପାଲଟିଛନ୍ତି।

## ମୟୂରଭଞ୍ଜ ଜିଲ୍ଲା କୋଭିଡ କଣ୍ଟ୍ରୋଲରୁମ ହେଲ୍‌ପ ଲାଇନ କାର୍ଯ୍ୟକ୍ଷମ

ବାରିପଦା,୦୫/୦୫ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘ ୭ ଘଣ୍ଟିଆ ଜିଲ୍ଲା କୋଭିଡ କଣ୍ଟ୍ରୋଲରୁମ (ନିୟନ୍ତ୍ରଣ କକ୍ଷ) କାର୍ଯ୍ୟକ୍ଷମ କରାଯାଇଛି। ସଂପ୍ରତି ଜିଲ୍ଲାରେ କୋରନା ଦ୍ୱିତୀୟ ଲହର ସଂକ୍ରମଣ ମୁକାବିଲା ନିମନ୍ତେ ଜରୁରୀକାଳିନ ଯୋଗାଯୋଗ ପାଇଁ ଜିଲ୍ଲା କୋଭିଡ ନିୟନ୍ତ୍ରଣ କକ୍ଷ(କଣ୍ଟ୍ରୋଲରୁମ) ହେଲ୍‌ପ ଲାଇନ ନମ୍ବର ୦୬୭୯୨-୨୫୫୦୮୦ କାର୍ଯ୍ୟକ୍ଷମ କରାଯାଇଛି। ଜିଲ୍ଲାପ୍ରଶାସନ ପ୍ରତ୍ୟକ୍ଷ ତଦାରଖରେ ପରିଚାଳିତ କଣ୍ଟ୍ରୋଲରୁମ (ନିୟନ୍ତ୍ରଣ କକ୍ଷ)କୁ କୋଭିଡ ସଂପର୍କିତ ଯେକୌଣସି ସମସ୍ୟା / ଆପତି ଅଭିଯୋଗ ଜରୁରୀ ସୂଚନା ଉକ୍ତ ହେଲ୍‌ପ ଲାଇନ ନମ୍ବରରେ ଜନସାଧାରଣ ଜଣାଇପାରିବେ ।

## ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ଉପବାସ ଏବଂ ମୌନ ବ୍ରତ

ଭୁବନେଶ୍ୱର,୦୫/୦୫ (ନି.ପ୍ର): ପଶ୍ଚିମବଙ୍ଗରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ ଟିଏମସିର ହିଂସା ବିରୋଧରେ ତଥା ଭାରତୀୟ ଗଣତନ୍ତ୍ରର ସୁରକ୍ଷା ଓ ଶାନ୍ତି ପାଇଁ ରାଷ୍ଟ୍ରୀୟ ଅଧକ୍ଷ ଜେ. ପି ନଡ୍ଡାଙ୍କ ଘୋଷଣା ଅନୁଯାୟୀ ଆଜି ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧକ୍ଷ ଜୁଏଲ ଓରାମ ତାଙ୍କ ନୂଆଦିଲ୍ଲୀ ବାସଭବନରେ ସକାଳ ୬ଟା ରୁ ୧୦ଘଟିକା ପର୍ଯ୍ୟନ୍ତ ଉପବାସ ଏବଂ ପୂର୍ବାହ୍ନ ୧୦ ଘଟିକାରୁ ୧୨ଟା ପର୍ଯ୍ୟନ୍ତ ପ୍ରତିବାଦ ସ୍ୱରୂପ ମୌନ ବ୍ରତରେ ବସିଥିଲେ । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## କୋଭିଡ୍-୧୯ ପାଇଁ ସିପିଆଇଏମର ହେଲ୍ପ ଡେସ୍କ

ବାଲେଶ୍ୱର,୦୫/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟରେ କୋଭିଡ ଆକ୍ରାନ୍ତ ସଂଖ୍ୟା ବ୍ୟାପକ ବୃଦ୍ଧି ବେଶ ଉଦବେଗ ଜନକ। ଏହି ସମୟରେ ସମସ୍ତ ରୋଗୀଙ୍କୁ ଡାକ୍ତରଖାନାରେ ବେଡ୍ ନ ମିଳିବା, ଔଷଧ ନ ମିଳିବା, ଚିକିତ୍ସା କ୍ଷେତ୍ରରେ ଅବହେଳା, ଆଇ. ସି. ୟୁ.ର ଅଭାବ ଲାଗି ରହିଛି। ଏଭଳି ପରିସ୍ଥିତିକୁ ରାଜ୍ୟ ଓ କେନ୍ଦ୍ର ସରକାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଆଜି ସି ପି ଆଇ ଏମ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକ ବସି ଏହି ପରିସ୍ଥିତିରେ ଉଦବେଗ ପ୍ରକାଶ କରିବା ସହିତ ଅବହେଳିତ ଆକ୍ରାନ୍ତ ମାନଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛି। ସିପିଆଇଏମ ସେବା ଓ ସଂଗ୍ରାମର ଲକ୍ଷ୍ୟରେ ରାଜ୍ୟ ସ୍ତରରେ କୋଭିଡ ପରିସ୍ଥିତି ସାମନା କରିବା ପାଇଁ ଏକ ହେଲ୍ପ ଡେସ୍କ ଗଠନ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ମଧ ଏକ ହେଲ୍ପ ଡେସ୍କ ଗଠିତ ହୋଇଛି ବୋଲି ଆଜିର ସିପିଆଇଏମ ବୈଠକରେ ଘୋଷଣା କରାଯାଇଛି। ଏହା ସହିତ ପ୍ରତି ବ୍ଲକରେ କୋଭିଡ ହସ୍ପିଟାଲ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରି ରୋଗୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲା ସ୍ତରରେ ୯୪୩୭୨୯୭୬୩୧, ୯୦୭୮୦୧୭୭୭୧, ୯୪୩୭୨୬୬୬୮୨,ରେ ଯୋଗାଯୋଗ କରିବା ସହିତ ନୀଳଗିରିରେ ୭୮୯୪୪୯୧୩୩୧, ଜଳେଶ୍ୱର-ଭୋଗରାଇ-ରାଇବନିଆ ପାଇଁ ୯୪୩୭୪୦୪୭୮୪, ୯୯୩୭୨୦୧୬୦୨, ୯୪୩୭୭୧୬୬୮୧, ଖଇରା-ଔପଦା ପାଇଁ ୭୮୯୪୬୫୯୪୭୫, ୯୯୩୭୪୯୯୪୫୮ରେ ଯୋଗାଯୋଗ କରିବାକୁ ଜିଲ୍ଲା ସମ୍ପାଦକ ନିବେଦନ କରିଛନ୍ତି। ଆଜିର ବୈଠକରେ ଶିଶିର ହୁଇ, ସୀତାଂଶୁ ସେନାପତି, ବିଜୟ ପାତ୍ର ଏବଂ ପ୍ରେମ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ ମଧ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ଲକଡାଉନର ପ୍ରଥମ ଦିନର ପ୍ରଭାବ



ବାରିପଦା,୦୫/୦୫ (ନି.ପ୍ର): କରୋନା ସଂକ୍ରମଣ ଚେନକୁ ବ୍ରେକ ଦେବା ପାଇଁ ରାଜ୍ୟରେ ଲକଡାଉନ ବୁଧବାର ଠାରୁ ରାଜ୍ୟ ସହିତ ଜିଲ୍ଲାରେ ଲାଗୁ କରାଯାଇଛି। ମୟୁରଭଞ୍ଜ ଜିଲ୍ଲାରେ ଲୋକଡାଉନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ପୋଲିସ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାରଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଜଣ ଡ଼ିଏସପି, ଜଣେ ଏଡିସନଲ ଏସ୍ପି ସମେତ କୋଡିଏ ଜଣ ପୋଲିସ ଅଧିକାରୀ ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ମୁତୟନ କରାଯାଇଛି। ଆରକ୍ଷୀ ଅଧିକ୍ଷକ ନିଜେ ମଧ ସହରର ବିଭିନ୍ନ ହୋଟ ସ୍ପଷ୍ଟ ସ୍ଥାନକୁ ଭ୍ରମଣ କରି ସ୍ଥିତି ସମୀକ୍ଷା କରିବା ସହିତ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାରିପଦା ସହରର ବାରିପଦା ଟାଉନ ପୋଲିସ ସମ୍ମୁଖ, ବାଲେଶ୍ୱର ଗୋଲେଇ, ଷ୍ଟେଟନ ବଜ଼ାର, ପାଲବନି ଛକ, ଉନିଭର୍ସିଟି ଛକ, ଦାରୋଗାଡାହି ଗୋଲେଇ, ସତ୍ୟ ସାଇ ଛକ, ମୁର୍ଗାବାଡ଼ି ଛକ ଆଦି ପ୍ରମୁଖ ଦଶଟି ସ୍ଥାନ ମାନଙ୍କରେ ପୋଲିସ ଚେକ ପୋଷ୍ଟ କରାଯାଇ ଚେକିଂକୁ କଡାକଡି କରାଯାଇଥିବା ଜଣାପଡ଼ିଛି। ବାଲେଶ୍ୱର ଗୋଲେଇ ଠାରେ ବାଉଁଶର ବେରିକେଟ ଓ ବାରିପଦା ଟାଉନ ଥାନା ସମ୍ମୁଖରେ ଅସ୍ଥାୟୀ ବେରିକେଟ କରି କାଗଜପତ୍ର ସହିତ, ଅମାନିଆଙ୍କ ଠାରୁ ମୋଟା ଅଙ୍କର ତଣ୍ଡ ଆଦାୟ ହୋଇଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ କଟକଣା ଅନୁସାରେ ସକାଳ ୬ଟା ଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ତେଜରାତି, ଗ୍ରସରୀ, କ୍ଷୀର, ମେଡିକାଲ, ନର୍ସିଂହୋମ୍, ଔଷଦ ଦୋକାନ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ପାଇଁ ଅନୁମତି ମିଳିଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ପୌରପ୍ରଶାସନର କର୍ମଚାରୀ, ପୁଲିସ ଓ ଅଗ୍ନିଶମ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଟେଲିକମ ସେବା, ପେଟ୍ରୋଲ ପମ୍ପ, ବିଦ୍ୟୁତ୍ ସେବା, ଗ୍ୟାସ୍ ବିତରଣ ସଂସ୍ଥା ଏବଂ ବିତରକମାନଙ୍କୁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। ଜିନିଷ ବୋଝେଇ ଗାଡି ଏବଂ ଜିନିଷ ବୋଝେଇ କିମ୍ବା ଖାଲି କରିବା କାମରେ ନିୟୋଜିତ କର୍ମଚାରୀ, ଦୁଗ୍ଧ ବିକ୍ରୟ କେନ୍ଦ୍ର, ପାର୍ସଲ ଦେବା ପାଇଁ ହୋଟେଲ ଏବଂ ଢାବା ଖୋଲା ରଖିବାକୁ ଅନୁମତି ମିଳିଥିବା ସହିତ ଅନ୍ୟମାନେ ସମସ୍ତେ ନିୟମ ମାନି ଘରେ ରହିବାକୁ ନିବେଦନ କରାଯାଇଛି।

# ରାଧାକିଶୋରପୁର ଓ ମିରିଗିଣି ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା



ନୀଳଗିରି,୦୫/୦୫ (ନି.ପ୍ର): ନୀଳଗିରି ବ୍ଲକର ରାଧାକିଶୋରପୁର ଗାଁ ଓ ନୀଳଗିରି ଏନ.ଏ.ସି.ର ମିରିଗିଣି ଗ୍ରାମଙ୍କୁ ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ସାତ ଦିନ ପାଇଁ ଘୋଷଣା ଜାରି କରିଛନ୍ତି। ୨ ଗୋଟି ଜୋନ୍ କୁ ସଂପୂର୍ଣ୍ଣ ପ୍ରବେଶ ନିଷେଧ କରାଯାଇଥିବା ବେଳେ ବ୍ୟାରିକେଡ କରାଯାଇ ଯାତାୟତକୁ ସଂପୂର୍ଣ୍ଣ ବନ୍ଦ କରାଯାଇଅଛି । ଉକ୍ତ ୨ ଗୋଟି ଜୋନ୍‌କୁ ସାନିଟାଇଜ୍ କରାଯିବା ସହ ରାଧାକିଶୋରପୁର ଗ୍ରାମରେ ୧୫ ରୁ ଅଧିକ କରୋନା ପଜିଟିଭ ଚିହ୍ନଟ କରାଯାଇଥିବା ବେଳେ ମିରିଗିଣି ଗ୍ରାମରେ ୩୧ରୁ ଅଧିକ କରୋନା ପଜିଟିଭ ବାହାରି ଥିବା ଯୋଗୁଁ ଜିଲ୍ଲାପାଳ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି । ଏହି ସମୟରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା, ତହସିଲଦାର ଅଶେଷ ନାୟକ, ବି.ଡି.ଓ. ଅନୀତା ନାୟକ, ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ ।

## କଟକରେ ଗତ ୨୪ ଘଂଟାରେ ମାସ୍କ ନପିନ୍ଧିବା ପାଇଁ ୩୪୫ଜଣଙ୍କ ଠାରୁ ଜୋରିମାନା ଆଦାୟ

କଟକ,୦୫/୦୫ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅନୁଯାୟୀ ୩୪୫ ଜଣଙ୍କ ଠାରୁ ମାସ୍କ ନପିନ୍ଧିବା ପାଇଁ ଜୋରିମାନା ଆଦାୟ କରାଯାଇଛି। ସେହିପରି ୪୭୫ ଜଣ ସାମାଜିକ ଦୂରତା ନରଖିବା ବ୍ୟକ୍ତିଙ୍କ ଠାରୁ ମଧ ଜୋରିମାନା ଆଦାୟ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରୁ ଟୁଇଟ୍ ଦ୍ୱାରା ସୂଚନା ଦିଆଯାଇଛି।

# ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ହିଂସା ପ୍ରତିବାଦରେ କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କ ଉପବାସ




ନୀଳଗିରି,୦୫/୦୫ (ନି.ପ୍ର): ପଶ୍ଚିମବଙ୍ଗରେ ନିର୍ବାଚନୀ ଫଳାଫଳ ଘୋଷଣା ପରେ ବିଜେପି କାର୍ଯ୍ୟକର୍ତ୍ତା ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଉପରେ ଟି.ଏମ.ସି. ର କର୍ମୀମାନେ ଯେଉଁଭଳି ଭାବେ ହିଂସାତ୍ମକ ଆକ୍ରମଣ କରିଛନ୍ତି । ଏହା ଗଣତନ୍ତ୍ରରେ ମୌଳିକ ଅଧିକାରଙ୍କୁ ହତ୍ୟା କରିଥିବା ପ୍ରତିବାଦରେ ବିଜେପି ଦଳ ପକ୍ଷରୁ ସମଗ୍ର ଭାରତ ବର୍ଷରେ "ଉପବାସ" କରିଥିବା ନାରା ଦେଇଥିବା ବେଳେ ଅନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜର ନୀଳଗିରିସ୍ଥିତ ଗୋପିନାଥପୁର ବାସଭବନ ସମ୍ମୁଖରେ ଉପବାସ ରହି ଟି.ଏମ.ସି. ର ବର୍ବରତା କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ସେହିପରି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୁନ୍ଦାଳ ସ୍ଥିତ ନିଜ ବାସଭବନରେ ଉପବାସ ରହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଗଣତନ୍ତ୍ରର ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ନୀଳଗିରି ବିଜେପି ଦଳ ପକ୍ଷରୁ ବିଭିନ୍ନ ମଣ୍ଡଳରେ ଅନୁରୂପ ଭାବେ ମଣ୍ଡଳ ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତମାନେ କୋଭିଡ ନୀତିନିୟମ ମାନି ନିଜ ନିଜ ବାସଭବନରେ ଉପବାସ ରହି ପ୍ରତିବାଦ ଜଣାଇଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧରେ କୋବିଡ ପାଇଁ ୧୫,୪୧,୨୯୯ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୦୫/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ କୋବିଡ ପାଇଁ ୧୫,୪୧,୨୯୯ନମୁନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୨୯,୪୮,୫୨,୦୭୮ ନମୁନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଜିଲ୍ଲା କଂଗ୍ରେସ ତରଫରୁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଆରମ୍ଭ



ବାଲେଶ୍ୱର,୦୫/୦୫ (ନି.ପ୍ର): ଦିନକୁ ଦିନ ବଢୁଥିବା କୋଭିଡ୍ ସଂକ୍ରମଣ ଓ ସଂକ୍ରମିତ ମାନେ ହସ୍ପିଟାଲ ଯିବାକୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖି ବାଲେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟନାୟକଙ୍କ ପ୍ରଚେଷ୍ଟାରେ ଜିଲ୍ଲା କଂଗ୍ରେସ ତରଫରୁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି। ଆଜି ପୂର୍ବାହ୍ନରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେ ମନ୍ତବ୍ୟ ରଖିବାକୁ ଯାଇ କହିଥିଲେ ଯେ ଏବେ ସମସ୍ତେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି କରୋନାକୁ କିଭଳି ପରାସ୍ତ କରିବା ସେଦିଗରେ ପ୍ରଚେଷ୍ଟା କରିବା। ସାମ୍ବାଦିକ ସମ୍ମିଳନୀ ପରେ ପତାକା ଦେଖାଇ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଏହି ଆମ୍ବୁଲାନ୍ସ ସେବା ଦାୟିତ୍ୱରେ ସମସ୍ତ ବ୍ଲକ ସ୍ତରରେ ହେଲ୍ପଲାଇନ ନମ୍ବର ଜାରିକରାଯାଇଛି। ଜିଲ୍ଲା ମୁଖ୍ୟ ହେଲ୍ପଲାଇନ ନମ୍ବର - ୯୭୭୭୮୪୦୮୬୫, ଜିଲ୍ଲା ସଂଯୋଜକ ଦାୟିତ୍ୱରେ ଅର୍ଚ୍ଚନା ନନ୍ଦୀ- ୮୨୪୯୬୭୯୪୩୯, ନିୟନ୍ତ୍ରଣ କକ୍ଷ ଦାୟିତ୍ୱରେ ଗୋପୀନାଥ ପାଢ଼ୀ- ୯୪୩୮୪୧୨୮୮୭, ରଂଜନ ଦାସ- ୯୪୩୭୯୨୫୨୪୩, ଜୀବନ ମହାପାତ୍ର- ୭୯୯୧୦୪୫୯୧୧, ସୌରଭ ବେହେରା- ୯୭୭୭୮୪୦୮୬୫ ଅଛନ୍ତି। ସେହିଭଳି ଜିଲ୍ଲାର ସମସ୍ତ ବ୍ଲକ ଓ ଏନଏସି ଅଂଚଳ ପାଇଁ ନମ୍ବର ଜାରି କରାଯାଇଛି। ଭୋଗରାଇ ପାଇଁ ୯୪୩୭୫୩୨୧୬୮, ଜଳେଶ୍ୱର ପାଇଁ- ୯୯୩୭୦୪୨୨୪୯, ଜଳେଶ୍ୱର ସହର ପାଇଁ- ୯୪୩୭୪୩୬୫୫୧, ବାଲିଆପାଳ ପାଇଁ- ୮୮୪୭୮୭୯୨୩୯, ବସ୍ତା ପାଇଁ- ୭୭୩୫୨୮୨୧୧୩, ସଦର ପାଇଁ- ୮୮୬୧୮୫୫୦୮୭, ବାଲେଶ୍ୱର ସହର ପାଇଁ- ୮୮୪୭୮୮୭୪୯୭, ରେମୁଣା ପାଇଁ- ୯୪୩୭୧୭୪୨୫୮, ନୀଳଗିରି ପାଇଁ- ୯୯୩୭୯୭୭୦୬୨, ନୀଳଗିରି ଏନଏସି ପାଇଁ- ୯୩୪୮୧୨୨୯୯୮, ବାହାନଗା ପାଇଁ- ୭୮୪୬୯୧୭୩୮୦, ସୋର ପାଇଁ- ୯୫୫୬୫୧୪୨୪୦, ସୋର ସହର ପାଇଁ- ୯୪୩୭୦୮୦୯୮୧, ସିମୁଳିଆ ପାଇଁ ୯୪୩୭୫୩୧୫୬୨ ଏବଂ ଖଇରା ପାଇଁ- ୯୪୩୭୮୮୪୮୬୪ଖଇରା ପାଇଁ- ୯୯୩୭୩୮୫୫୦୪, ୯୪୩୭୮୮୪୮୬୪ ଔପଦା ପାଇଁ ୯୯୩୭୩୮୫୫୦୪ ନମ୍ବର ଜାରି କରାଯାଇଛି। କଂଗ୍ରେସ ଦଳର ଏଭଳି ଅଭିନବ ଉଦ୍ୟମକୁ ବିଭିନ୍ନ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅର୍ଚ୍ଚନା ନନ୍ଦୀ, ରଞ୍ଜନ ଦାସ, ଗୌତମ ସାହୁ, ଦେବଦତ୍ତ ଦାସ, ଜୀବନ ମହାପାତ୍ର, ସୌରଭ ବେହେରା, ଭବାନୀ ଶଙ୍କର ବେହେରା, ପଶୁପତି ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ମନୋଜ ଚର୍ଚ୍ଚା

ବାଲେଶ୍ୱର,୦୫/୦୫ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ମନୋଜ ଦାସଙ୍କର ସ୍ମୃତି ଚାରଣ ଓ ସାହିତ୍ୟ ସମ୍ପର୍କରେ ଚର୍ଚ୍ଚା ବୁଧବାର ସନ୍ଧ୍ୟାରେ ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରି ମନୋଜ ଦାସଙ୍କ ସହ ଥିବା ତାଙ୍କର ସାରସ୍ୱତ ସମ୍ପର୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ତରଫରୁ ମନୋଜ ଦାସଙ୍କ ନାମରେ ଏକ ପୁରସ୍କାର ଘୋଷଣା କରି ଇଂରାଜୀ ଭାଷାରେ ଉତ୍କୃଷ୍ଟ ସାହିତ୍ୟ ରଚନା କରୁଥିବା ଜଣେ ଓଡ଼ିଆଙ୍କୁ ପ୍ରତିବର୍ଷ ଦଶଲକ୍ଷ ଟଙ୍କା ପ୍ରଦାନ କରିବା, ଇଂରାଜୀ ଓ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରୁଥିବା ଦୁଇଜଣ କିଶୋର ଓଡ଼ିଆଙ୍କୁ ଏକଲକ୍ଷ ଟଙ୍କା ଲେଖାଏଁ ପୁରସ୍କୃତ କରିବା ତଥା ମନୋଜ ଦାସଙ୍କର ଶଂଖାରି ସ୍ଥିତ ବାସଗୃହକୁ ସଂଗ୍ରହାଳୟରେ ପରିଣତ କରିବା ପାଇଁ ହୋଇଥିବା ଘୋଷଣାକୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ପୁରସ୍କାରକୁ କେବଳ ଓଡ଼ିଆଙ୍କ ମଧ୍ୟରେ ସୀମାବଦ୍ଧ ନରଖି ଆନ୍ତର୍ଜାତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜଣେ ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ଉଚିତ ହେବ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ସଂପାଦକ ନିବାରଣ ଜେନା ମନୋଜ ଦାସଙ୍କ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଡ.କଇଳାଶ ପଟ୍ଟନାୟକ ଶାନ୍ତିନିକେତନ ସହ ମନୋଜଙ୍କ ଅନୁଭୂତିର ସ୍ମୃତିଚାରଣ କରିଥିବା ବେଳେ କବି ଡ.ଗିରିବାଳା ମହାନ୍ତି ମନୋଜ ଦାସଙ୍କ ରଚିତ ଏକ କବିତା ପାଠ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ମନୋଜଙ୍କୁ ବିଶ୍ୱର ଜଣେ ମୂର୍ଦ୍ଧଣ୍ୟ ସାହିତ୍ୟିକ ବୋଲି କହିବା ସଙ୍ଗେ ସଙ୍ଗେ ତାଙ୍କ ସ୍ମୃତିରେ ଏକ କବିତାପାଠ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡା.କୁମାର ଗୋପାଳ ମନୋଜଙ୍କ ଜୀବନୀ ଓ ସାହିତ୍ୟର ଆଲୋଚନା କରିଥିଲେ। ମନୋଜଙ୍କ ଉଦ୍ଦେଶ୍ୟରେ ରଚିତ କେତେକ କବିତାକୁ କଲ୍ୟାଣୀ ନନ୍ଦ,ଦୀପକ ବୋଷ,ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି,ସୁଧାକର ସେଠୀ, ଡ.ରତ୍ନାକର ସିଂହ, ଶାନ୍ତିଲତା ପଣ୍ଡା,ଅରୁଣା ରାୟ,ବିଜୟ କୁମାର ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ,ବାସନ୍ତି କର, ତୃପ୍ତିରାଣୀ ପାତ୍ର, ଶ୍ରୀରୂପାମଞ୍ଜରୀ ସେନ୍, ଦେବାଶିଷ ସିଂହ ପ୍ରମୁଖ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ମିତା ସାହୁ, କମଳାକାନ୍ତ ଦାଶ,ଦୁର୍ଗାପ୍ରସାଦ ଦାସ, ଗୋପବନ୍ଧୁ ପୁଷ୍ଟି, ରାଜେନ୍ଦ୍ରନାଥ ରାଉତ, ଦୀପକ ଦାସ, ମମତା ଦାସ, ଲକ୍ଷ୍ମୀକାନ୍ତ ବେହେରା,ଗୀତା ପୁରୀ, ବିଦ୍ୟାଧର ସାହୁ ଓ ଦିଲ୍ଲୀପ ଭୋଇ ଆଦି ମନୋଜ ସ୍ମୃତି ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଅନ୍ୟତମ ସଂପାଦକ ତପନ ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo